

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୯ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 19 DECEMBER 2021

Vol.No. 32 ■ No. 324 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ....

ନୂଆବର୍ଷ ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଗଙ୍ଗା ଏକ୍ସପ୍ରେସ୍ ୱେର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୧୮/୧୨: ୟୁପିର ବିକାଶ ଧାରାରେ ଯୋଡି ହେବ ଆଉ ଏକ ଫର୍ଦ । ଶାହାଜହାଁପୁରରେ ପହଂଚି ୫୯୪ କିଲୋମିଟର ଲମ୍ବ ଗଙ୍ଗା ଏକ୍ସପ୍ରେସ ୱେ ର ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ । ଏହି ଅବସରରେ ମୋଦି କହିଛନ୍ତି ଉତରପ୍ରଦେଶର ପଇସା ଉତରପ୍ରଦେଶର ଲୋକଙ୍କ ପାଇଁ ଖର୍ଚ କରାଯାଉଛି । ଏହାସହ ଆଗକୁ ୟୁପି ନିବାଚନ ଆସୁଥିବାବେଳେ ଏହା ପୂର୍ବରୁ ମାଷ୍ଟରଷ୍ଟୋକସ ଖେଳିଛି ଯୋଗି ସରକାର । ଶନିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୟୁପି ଗସ୍ତରେ ଅଛନ୍ତି । ଶାହାଜହାଁପୁରରେ ଏହି ଅବସରରେ ୫୯୪ କିଲୋମିଟର ଲମ୍ବ ଗଙ୍ଗା ଏକ୍ସପ୍ରେସୱେର ଶିଳାନ୍ୟାସ କରିଛନ୍ତି ପ୍ରଧନମନ୍ତ୍ରୀ ନରେନ୍ଦ୍ର ମୋଦି । ତେବେ ଉତରପ୍ରଦଶ ନୂଆ ଭିତିଭୂମି ସହ



ଆଧୁନିକ ରାଜ୍ୟରେ ପରିଣତ ହେବାକୁ ବେଶି ଦୂର ନାହିଁ ବୋଲି ମୋଦି କହିଛନ୍ତି । ୩୬ ହଜାର ୨୦୦ କୋଟି ଟଙ୍କା ବିନିମୟରେ ଏହି ଏକ୍ସପ୍ରେସ ହାଇୱେ କୁ ନିର୍ମାଣ କରାଯିବ । ୟୁପି ପ୍ଲସ୍ ଯୋଗୀକୁ ବହୁତ ଉପଯୋଗୀ ବୋଲି କହିଲେ ମୋଦି । ଏହାସହ ମୋଦି ପରୋକ୍ଷରେ ସମାଜବାଦୀ ପାର୍ଟିକୁ ମଧ୍ୟ ଟାର୍ଗେଟ କରିଛନ୍ତି । ଆଗରୁ ବଡ ପ୍ରକଳ୍ପ ଗୁଡିକ ପେପରରେ ଆରମ୍ଭ ହେଉଥିବା କଥା କହି ପୂର୍ବ ସରକାରକୁ ତେରଛା ବାଣ ମାରିଛନ୍ତି ମୋଦି । ଏହି କାଯକ୍ରମରେ ୟୁପି ମୁଖ୍ୟମନ୍ତ୍ରୀ ମଧ୍ୟ ଯୋଗ ଦେଇଥିଲେ । ମୋଦି ସରକାରଙ୍କ ଅମଳରେ ଦେଶର ଚାଷୀ ଗ୍ରାମବାସୀ, ଯୁବକ, କର୍ମଜୀବି ଓ ମହିଳା ଙ୍କୁ ସେମାନଙ୍କ ସମ୍ମାନ ମିଳୁଥିବା କହିଛନ୍ତି ଯୋଗୀ । ପ୍ରଥମ ପ୍ରଯ୍ୟାୟରେ ୫୯୪ କିଲୋମିଟର ରାସ୍ତାର ନିର୍ମାଣ କରାଯିବ । ଗଙ୍ଗା ନଦୀ କୂଳରେ ଦିଲ୍ଲୀ ବର୍ଡର ଠାରୁ ବଲିୟା ପର୍ଯ୍ୟନ୍ତ ୧୦୨୦ କିଲୋମିଟର ରାସ୍ତାକୁ ବନିବାର ପ୍ରସ୍ତାବ ରହିଛି । ଏହି ଏହି ଏକ୍ସପ୍ରେସ ୱେ ନିର୍ମାଣ ପରେ ରାଜ୍ୟର ପଶ୍ଚିମ ଓ ପୂର୍ବ କ୍ଷେତ୍ରକୁ ଏହା ଯୋଡିବ । ଏହାସହ ଏହି ଏକ୍ସପ୍ରେସ ୱେ ରେ ସାଢେ ୩ କିଲୋମିଟରର ଏୟାର ଷ୍ଟ୍ରିପ ମଧ୍ୟ ରହିଛି । ବାୟୁସେନାର ବିମାନର ଜରୁରି ଅବତରଣ ସୁବିଧା ସହ ଏୟାର ଆମ୍ବୁଲାନସ ବ୍ୟବସ୍ଥାକୁ ଧ୍ୟାନ ଦିଆଯିବ । ଉତରପ୍ରଦେଶର ନିର୍ବାଚନକୁ ▶▶ପୃଷ୍ଠା ୭

## ଭାରତରେ ଦୈନିକ ଆସିପାରେ ୧୪ ଲକ୍ଷ ଓମିକ୍ରନ ପଜିଟିଭ କେସ୍ !

ନୂଆଦିଲ୍ଲୀ,୧୮/୧୨: ଫେବ୍ରୁୟାରୀରେ ଓମିକ୍ରନ ସଂକ୍ରମଣର ସଂଖ୍ୟା ଶୀର୍ଷରେ ପହଞ୍ଚିବ, ଏଭଳି ଏକ ଅନୁମାନ କରିଛି କୋଭିଡ ୧୯ ସୁପର ମଡେଲ କମିଟି । ଏହାର ଅର୍ଥ ନୂଆବର୍ଷ ଆରମ୍ଭରୁ ଦେଶରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ବ୍ୟାପକ ଭାବରେ ବଢିଚାଲିବ । ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ କୁହାଯାଇଛି, ଓମିକ୍ରନ ସଂକ୍ରମଣ ଖୁବ ଜୋରରେ ବ୍ୟାପି ଚାଲିଛି ଏବଂ ପ୍ରତି ଦେଢରୁ ତିନି ଦିନ ମଧ୍ୟରେ ଦୁଇ ଗୁଣା ହେଉଛି । ସେପଟେ ବିଦେଶରେ ସ୍ଥିତି ମଧ୍ୟ ସଙ୍ଗୀନ, ୟୁରୋପୀୟ ରାଷ୍ଟ୍ରରେ କଟକଣା ବଢୁଛି । ଏଭଳି ସ୍ଥିତିରେ ନୀତି ଆୟୋଗ ସ୍ୱାସ୍ଥ୍ୟ ସଦସ୍ୟ କରିଥିବା ପୂର୍ବାନୁମାନ ଦେଶ ଏକ ବଡ ସଙ୍କଟକୁ ସାମ୍ନା କରିବାକୁ ଯାଉଥିବା ସଙ୍କେତ ଦେଉଛି ।



ମେ-ଜୁନ ମାସର କଥା ଟିକେ ମନେପକାନ୍ତୁ । କେଉଁଠି ବେଡ୍ ନାହିଁ, କେଉଁଠି ଆଇସିୟୁ ଅଭାବ, ଅମ୍ଳଜାନ ଅଭାବରୁ ରୋଗୀଙ୍କ ମୃତ୍ୟୁ । ସେତେବେଳେ ସାରା ଦେଶରୁ ଏଭଳି ଖବର ଆସୁଥିଲା, ଆଉ ଦେଶରେ କରୋନାର ଦ୍ୱିତୀୟ ଲହର ଯେମିତି ତାଣ୍ଡବ ରଚିଥିଲା । ହେଲେ ଏବେ ଓମିକ୍ରନ ସଂକ୍ରମଣ ବଢୁଥିବା ବେଳେ ଆଗକୁ କ'ଣ ରହିପାରେ ସମ୍ଭାବ୍ୟ ସ୍ଥିତି, ତାକୁ ନେଇ ଏକ ଚିନ୍ତାଜନକ ଆକଳନ ହୋଇଛି । ୟୁରୋପୀୟ ଦେଶରେ ଓମିକ୍ରନ ଆକ୍ରାନ୍ତ ସଂଖ୍ୟା ଚିନ୍ତାଜନକ ଭାବେ ବଢ଼ିଚାଲିଥିବା ବେଳେ ଭାରତରେ ସମ୍ଭାବ୍ୟ ସ୍ଥିତି ନେଇ ସତର୍କ କରାଇଛନ୍ତି କୋଭିଡ-୧୯ ଟାସ୍କଫୋର୍ସ ମୁଖ୍ୟ ଡାକ୍ତର ଭିକେ ପଲ । ଦକ୍ଷିଣ ଆଫ୍ରିକା ଓ ବ୍ରିଟେନରେ ସଂକ୍ରମଣର ହାରକୁ ଲକ୍ଷ୍ୟ କରି ଯେ ଯେଉଁ ଆକଳନ କରିଛନ୍ତି, ତା'ଅନୁସାରେ ଭାରତରେ ଦୈନିକ ▶▶ପୃଷ୍ଠା ୭

## ଦେଶରେ ୧୩୧ ପହଁଚିଲା ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା

ନୂଆଦିଲ୍ଲୀ,୧୮/୧୨: ଦେଶରୁ ଚିହ୍ନଟ ହୋଇଛନ୍ତି ଆଉ ୧୮ ଓମିକ୍ରନ ନୂଆ ଆକ୍ରାନ୍ତ । ମହାରାଷ୍ଟ୍ରରୁ ୮, କର୍ଣ୍ଣାଟକରୁ ୬ ଓ କେରଳରୁ ୪ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏଥିସହ ଦେଶରେ ମୋଟ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୧୩୧ରେ ପହଁଚିଛି । ଆଜି ମହାରାଷ୍ଟ୍ରରେ ଚିହ୍ନଟ ହୋଇଥିବା ୮ଜଣଙ୍କ ମଧ୍ୟରୁ ୪ଜଣ ମୁମ୍ବାଇ, ୩ ଜଣ ସତାରା ଓ ଜଣେ ପୁନେରୁ ଚିହ୍ନଟ ହୋଇଛନ୍ତି । ମୁମ୍ବାଇ ବିମାନବନ୍ଦରରେ ସ୍କ୍ରିନିଂବେଳେ ୪ଜଣ ଚିହ୍ନଟ ହୋଇଛନ୍ତି । ୨ଜଣ ଦକ୍ଷିଣ ଆଫ୍ରିକାରୁ ଫେରୁଥିଲେ, ଜଣେ ତାଞ୍ଜାନିଆ ଓ ଅନ୍ୟ ଜଣେ ୟୁକେରୁ ଫେରୁଥିଲେ । ସବୁଠାରୁ ବଡ କଥା ହେଉଛି, ସମସ୍ତେ ଟିକା ନେଇଥିଲେ ଓ ସେମାନଙ୍କ ନିକଟରେ ଲକ୍ଷଣ ଜଣାପଡୁଥିଲା । ସତାରାରୁ ଚିହ୍ନଟ ହୋଇଥିବା ତିନି ଜଣ ମଧ୍ୟ ଆଫ୍ରିକାରୁ ଫେରିଛନ୍ତି । ମହାରାଷ୍ଟ୍ରରେ ସବୁଠୁ ଅଧିକ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମହାରାଷ୍ଟ୍ରରେ ଏପର୍ଯ୍ୟନ୍ତ ୪୮ ଜଣ ଓମିକ୍ରନ ସଂକ୍ରମିତ ଚିହ୍ନଟ ହେଲେଣି । ସେହିପରି ରାଜସ୍ଥାନରୁ ୧୭, କର୍ଣ୍ଣାଟକରୁ ୧୪, କେରଳରୁ ୧୧, ତେଲେଙ୍ଗାନାରୁ ୯, ଗୁଜୁରାଟରୁ ୭, ତାମିଲନାଡୁରୁ ଜଣେ ଓ ପଶ୍ଚିମବଙ୍ଗରୁ ଜଣେ ଓମିକ୍ରନ ସଂକ୍ରମିତ ଚିହ୍ନଟ ହୋଇଛନ୍ତି ।

## ଯୁକ୍ତ ୩ ପାଠ୍ୟକ୍ରମରେ ଯୋଡି ହେଲା ନୀତିଶାସ୍ତ୍ର

ଭୁବନେଶ୍ୱର,୧୮/୧୨(ନି.ପ୍ର): ଯୁକ୍ତ ୩ରେ ପଢାଯିବ ନୂଆ ବିଷୟ । ଯୁକ୍ତ ୩ ରେ ଏକ ବାଧ୍ୟତାମୂଳକ ବିଷୟ ଭାବେ ଯୋଡ଼ି ହୋଇଛି ନୈତିକ ଶିକ୍ଷା ଉପରେ ସ୍ୱତନ୍ତ୍ର ପାଠ୍ୟକ୍ରମ । ଏହି ପରିପ୍ରେକ୍ଷୀରେ ଓଡ଼ିଶା ଉଚ୍ଚଶିକ୍ଷା ପରିଷଦ ପକ୍ଷରୁ 'ନୀତିଶାସ୍ତ୍ର ଓ ମୂଲ୍ୟବୋଧ' ବା 'ଏଥିକ୍ସ ଆଣ୍ଡ ଭାଲ୍ୟୁଜ୍' ବହି ପ୍ରସ୍ତୁତ କରାଯାଇଛି । ଶନିବାର ଦିନ ଭୋଇନଗରସ୍ଥିତ ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରସ୍ତୁତି ଓ ଉତ୍ପାଦ ବ୍ୟୁରୋର ବୋର୍ଡରୁମ୍ ରେ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଦ୍ୱାରା 'ନୀତିଶାସ୍ତ୍ର ଓ ମୂଲ୍ୟବୋଧ' ଶିକ୍ଷା ପାଠ୍ୟଖସଡ଼ାର ପ୍ରଥମ ଭାଗ ଉନ୍ମୋଚନ କରିଛନ୍ତି ଉଚ୍ଚଶିକ୍ଷା



ମନ୍ତ୍ରୀ ଡ. ଅରୁଣ ସାହୁ । କରିଛନ୍ତି । ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ଆନୁକୂଲ୍ୟରେ ଉଚ୍ଚଶିକ୍ଷା ଛାତ୍ରଛାତ୍ରୀଙ୍କ ନିମନ୍ତେ ଲାଗୁ କରାଯାଉଥିବା ନୀତିଶାସ୍ତ୍ର ଓ ମୂଲ୍ୟବୋଧର ଏହି ପାଠ୍ୟଖସଡ଼ାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପିଲାମାନଙ୍କଠାରେ ସକାରାତ୍ମକ ଚରିତ୍ର, ସହାନୁଭୂତିଶୀଳ ମଣିଷପଣିଆ, ଦାୟିତ୍ୱପୂର୍ଣ୍ଣ ନାଗରିକବୋଧ ଓ ଅନୁକମ୍ପାର ବିକାଶ କରାଇବା । ବ୍ୟକ୍ତିବିଶେଷ, ଗୋଷ୍ଠୀ ତଥା ସମଗ୍ର ମାନବଜାତି ନିମନ୍ତେ ଏକ ପୋଷଣୀୟ ଜୀବନଧାରା କୁ ପ୍ରୋତ୍ସାହିତ କରିବା ଏହାର ଲକ୍ଷ୍ୟ । ସଂପୂର୍ଣ୍ଣ ସିଲାବସ୍ କୁ ୬ଟି ୟୁନିଟ୍ ରେ ବିଭକ୍ତ କରାଯାଇଛି ଏବଂ ଯୁକ୍ତ-୩ ସ୍ତରର ସମସ୍ତ ବିଜ୍ଞାନ, କଳା ଓ ବାଣିଜ୍ୟ ▶▶ପୃଷ୍ଠା ୭

## ୨ ନାଇଜେରିଆ ଫେରନ୍ତାଙ୍କୁ ନେଇ କଟକ ପ୍ରଶାସନର ଚିନ୍ତା : ହେବ ଜିନମ ସିକ୍ୱେନ୍ସିଂ

କଟକ,୧୮/୧୨(ନି.ପ୍ର): ଚିନ୍ତା ବଢାଇଲେ ନାଇଜେରିଆ ଫେରନ୍ତା । ଦୁଇ ବିଦେଶ ଫେରନ୍ତାଙ୍କୁ ନେଇ ଚିନ୍ତାରେ କଟକ ଜିଲ୍ଲା ପ୍ରଶାସନ । ଏହି ଦୁଇ ବିଦେଶ ଫେରନ୍ତା କରୋନା ପଜିଟିଭ୍ ହୋଇଛନ୍ତି । ତାଙ୍କ ସଂସ୍ପର୍ଶରେ ଆସିଥିବା ମୋଟ୍ ୭ ଜଣ କୋଭିଡ୍ ପଜିଟିଭ୍ ଚିହ୍ନଟ ହୋଇଛନ୍ତି । ଦୁଇ ନାଇଜେରିଆ ଫେରନ୍ତା କରୋନାର ନୂଆ ଭ୍ୟାରିଆଂଟ ଓମିକ୍ରନ୍ ସଂକ୍ରମିତ କି ନାହିଁ ଜାଣାପଡ଼ିନାହିଁ । ଏଥିପାଇଁ ସେମାନଙ୍କ ନମୁନା ଜିନମ ସିକ୍ୱେନ୍ସିଂ ପାଇଁ ପଠାଇଛି ଜିଲ୍ଲା ପ୍ରଶାସନ । ଦୁଇ ଜଣଙ୍କୁ ଏବେ ଆଇସୋଲେସନ୍ରେ ରଖାଯାଇଛି । ଏନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ରଙ୍କୁ ପ୍ରଶ୍ନ କରାଯାଇଥିଲା । ତେବେ ଏସଂପର୍କରେ ତର୍ଜମା କରାଯାଉଥିବା ସେ ସୂଚନା ଦେଇଛନ୍ତି । ଜିଲ୍ଲା ପ୍ରଶାସନକୁ ରିପୋର୍ଟ ମଗାଯାଇଥିବା କହିଛନ୍ତି ।

## ନୂତନ ପିଢ଼ି ବାଲିଷ୍ଟିକ ମିସାଇଲ 'ଅଗ୍ନି-ପି'ର ସଫଳ ପରୀକ୍ଷଣ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ପ୍ରତିରକ୍ଷା ଗବେଷଣା ଏବଂ ବିକାଶ ପରିଷଦ (ଡିଆରଡିଓ) ପକ୍ଷରୁ ନୂତନ ପିଢ଼ିର ବାଲିଷ୍ଟିକ କ୍ଷେପଣାସ୍ତ୍ର 'ଅଗ୍ନି-ପି'ର ଆଜି ସଫଳ ପରୀକ୍ଷଣ ହୋଇଯାଇଛି । ଆଣବିକ କ୍ଷମତାସମ୍ପନ୍ନ ଏହି କ୍ଷେପଣାସ୍ତ୍ରକୁ ଓଡ଼ିଶା ତଟସ୍ଥିତ ଡକ୍ଟର ଏପିଜେ ଅବଦୁଲ କାଲାମ ଦ୍ୱୀପରୁ ପୂର୍ବାହ୍ନ ୧୧.୬ ମିନିଟରେ ପରୀକ୍ଷଣ କରାଯାଇଥିଲା । କ୍ଷେପଣାସ୍ତ୍ରର ଗତିବିଧି ନିରୀକ୍ଷଣ ଉଦେଶ୍ୟରେ ପୂର୍ବତଟ ସମୁଦ୍ରରେ ବିଭିନ୍ନ ଜାହାଜ ମୁତୟନ କରାଯାଇ ଏହାର ଟେଲି ଯୋଗାଯୋଗ ବ୍ୟବସ୍ଥା, ରାଡାର ବ୍ୟବସ୍ଥା, ବୈଦୁତିକ ଅପ୍ଟିକାଲ ଷ୍ଟେସନ ସହ ଯୋଗାଯୋଗ ଆଦିର ପରୀକ୍ଷଣ ହୋଇଥିଲା । କ୍ଷେପଣାସ୍ତ୍ରର ବକ୍ରମାର୍ଗ ଏବଂ ଅନ୍ୟାନ୍ୟ ଔପଚାରିକତାର ମଧ୍ୟ ପରୀକ୍ଷଣ ହୋଇଥିଲା । ଏହାର



ବକ୍ରଗତି ଏବଂ ଗତିବିଧି ସମ୍ପର୍କିତ ତଥ୍ୟ ଅତି ଉଚ୍ଚମାନର ତଥା ନିର୍ଭୁଲ ଥିଲା । 'ଅଗ୍ନି-ପି'ରେ ଦୁଇ ସ୍ତରୀୟ ଜାଳେଣୀ ବ୍ୟବସ୍ଥା ଏବଂ ଦୁଇଟି ଅତିରିକ୍ତ ଯାତ୍ରା ପଥ ପରିଚାଳନା ବ୍ୟବସ୍ଥା ଖଞ୍ଜାଯାଇଛି । ଦ୍ୱିତୀୟ ପରୀକ୍ଷାରେ ଏହା ଅତ୍ୟନ୍ତ ନିର୍ଭରଶୀଳ ଥିବା ତଥା ଅତ୍ୟାଧୁନିକ ବୈଷୟିକ କୌଶଳର ପ୍ରୟୋଗ କ୍ଷେତ୍ରରେ ସଫଳ ହୋଇଥିବା ଜଣାପଡ଼ିଛି । ଏହି ପରୀକ୍ଷଣର ଉଚ୍ଚମାନର ସଫଳତା ଯୋଗୁଁ ପ୍ରତିରକ୍ଷା ମନ୍ତ୍ରୀ ଶ୍ରୀ ରାଜନାଥ ସିଂହ ଡିଆରଡିଓକୁ ଶୁଭେଚ୍ଛା ଜଣାଇବା ସହ ଖୁସି ବ୍ୟକ୍ତ କରିଛନ୍ତି । ପ୍ରତିରକ୍ଷା ଗବେଷଣା ଏବଂ ଉନ୍ନୟନ ବିଭାଗର ସଚିବ ତଥା ଡିଆରଡିଓର ଅଧ୍ୟକ୍ଷ ଡକ୍ଟର ସତୀଶ ରେଡ୍ଡି ବୈଜ୍ଞାନିକମାନଙ୍କ ସଫଳତାର ପ୍ରଶଂସା କରିଛନ୍ତି । ଗୋଟିଏ କ୍ୟାଲେଣ୍ଡର ବର୍ଷରେ ଦୁଇଟି ସଫଳ ପରୀକ୍ଷଣ ହୋଇପାରିଥିବାରୁ ସେ ବୈଜ୍ଞାନିକମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## କେନ୍ଦ୍ରାପଡା ଜିଲ୍ଲାରେ ପ୍ରସ୍ତାବିତ ସର୍ବବୃହତ ଇସ୍ପାତ୍ କାରଖାନା

### ଓଡିଶାର ବିକାଶରେ ନୂଆ ଅଧ୍ୟାୟ ଖୋଲିବ: ଧର୍ମେନ୍ଦ୍ର ପ୍ରଧାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୧୮/୧୨ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲାର ମହାକାଳପଡା ଠାରେ ଅଗ୍ରଣୀ ଇସ୍ପାତ୍ କମ୍ପାନି ଆର୍ସେଲର ମିତଲ ନିପନ୍ ଷ୍ଟିଲ(ଏଏମ୍ଏନ୍ଏସ୍) ଦ୍ୱାରା ୧.୦୨ ଲକ୍ଷ କୋଟି ଟଙ୍କାର ବୃହତ ପୁଞ୍ଜିନିବେଶରେ ନିର୍ମାଣ ହେବାକୁ ଥିବା ପ୍ରସ୍ତାବିତ ଦେଶର ସର୍ବବୃହତ ଷ୍ଟିଲ ପ୍ଲାଂଟ୍ କେନ୍ଦ୍ରାପଡ଼ା ଜିଲ୍ଲା ସମେତ ରାଜ୍ୟର ବିକାଶରେ ନୂଆ ଅଧ୍ୟାୟ ଖୋଲିବ ବୋଲି ଟ୍ୱିଟ୍ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଶ୍ରୀ ପ୍ରଧାନ ଟ୍ୱିଟ୍ କରିଛନ୍ତି ଯେ କେନ୍ଦ୍ରାପଡ଼ା ଜିଲ୍ଲାରେ ଆର୍ସେଲର ମିତଲ ନିପନ୍ ଷ୍ଟିଲର



୧.୦୨ ଲକ୍ଷ କୋଟି ଟଙ୍କାର ବୃହତ ପୁଞ୍ଜିନିବେଶ ସହ ପ୍ରସ୍ତାବିତ ବାର୍ଷିକ ୨୪ ନିୟୁତ ଟନ ଉତ୍ପାଦନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ପାଇଁ ଓଡ଼ିଶା ସରକାର ଆବଶ୍ୟକ ଅନୁମତି ମଞ୍ଜୁର କରିଥିବା ଜାଣି ଖୁସି ହେଲି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ ପୂର୍ବୋଦୟ ଏବଂ ଆତ୍ମନିର୍ଭର ଭାରତ କଳ୍ପନା ଏବଂ ଇସ୍ପାତ୍ ନୀତି ଦ୍ୱାରା ଏହି ବୃହତ କାରଖାନା କେନ୍ଦ୍ରାପଡ଼ା ଜିଲ୍ଲା ସମେତ ରାଜ୍ୟର ବିକାଶରେ ନୂଆ ଅଧ୍ୟାୟ ଖୋଲିବ ।

## ରାଜ୍ୟରେ ଜାରି ରହିବ ଶୀତ

ଭୁବନେଶ୍ୱର,୧୮/୧୨(ନି.ପ୍ର): ରାଜ୍ୟରେ ଶୀତର ପ୍ରକୋପ ଜାରିରହିବ । ଆଗାମୀ ୪ ରୁ ୫ ଦିନ ମଧ୍ୟରେ ରାତ୍ରି ତାପମାତ୍ରା ରେ ବଡ ଧରଣର ପରିବର୍ତନର ସମ୍ଭାବନା ନାହିଁ ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି । ୭ ଡିଗ୍ରୀ ସହ ଫୁଲବାଣୀ ରାଜ୍ୟର ସବୁଠାରୁ ଥଣ୍ଡା ସହର ରହିଛି । ସେହିପରି ରାଜ୍ୟର ୧୨ ଟି ସହରର ତାପମାତ୍ରା ୧୨ ଡିଗ୍ରୀ ତଳେ ରହିଛି । ଭୁବନେଶ୍ୱର ଓ କଟକର



ତାପମାତ୍ରା ୧୩ ଡିଗ୍ରୀ ରେକର୍ଡ ହୋଇଛି । ଫୁଲବାଣୀରେ ୭ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବା ବେଳେ ଦାରିଙ୍ଗବାଡିରେ ୭.୫ ଡିଗ୍ରୀ, କୋରାପୁଟର ୭.୫ ଡିଗ୍ରୀ, ସୁନ୍ଦରଗଡରେ ୯.୫ ଡିଗ୍ରୀ, ଟିଟିଲାଗଡରେ ୯.୮ ଡିଗ୍ରୀ, ଭବାନୀପାଟଣାରେ ୧୦ ଡିଗ୍ରୀ, ସୋନପୁରରେ ୧୦.୫ ଡିଗ୍ରୀ, କେନ୍ଦୁଝର, ବଲାଙ୍ଗୀର ଓ ଅନୁଗୁଳରେ ୧୧ ଡିଗ୍ରୀ, ମାଲକାନଗିରିରେ ୧୧.୫ ଓ ଚାନ୍ଦବାଲିରେ ୧୧.୬ ଡିଗ୍ରୀ ସେଲସିୟସ୍ ରେକର୍ଡ କରାଯାଇଛି ।

## ଅମେଥିରେ ବିଶାଳ ପଦଯାତ୍ରା କରି ଶକ୍ତି ପ୍ରଦର୍ଶନ କଲେ ରାହୁଲ ଓ ପ୍ରିୟଙ୍କା

ନୂଆଦିଲ୍ଲୀ,୧୮/୧୨: ନିର୍ବାଚନ ପୂର୍ବରୁ ଭୋଟରଙ୍କୁ ପ୍ରଭାବିତ କରିବା ପାଇଁ ଚାଲିଛି ବିଭିନ୍ନ ରାଜନୈତିକ ଦଳର ଶକ୍ତି ପ୍ରଦର୍ଶନ । ୨୦୨୨ ବିଧାନସଭା ନିର୍ବାଚନ ପୂର୍ବରୁ ଜନତାଙ୍କୁ ଆକୃଷ୍ଟ କରିବା ପାଇଁ ୟୁପିରେ ଲାଗିଛି ବଡ ବଡ ନେତାଙ୍କ ଗହଳି । ଗୋଟିଏ ପଟେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶାହଯାହଁ ପୁରରେ ପହଁଚି ଗଙ୍ଗା ଏକ୍ସପ୍ରେସ ୱେ ର ଶିଳାନ୍ୟାସ କରିଛନ୍ତ । ଆଉ ତାଙ୍କୁ ଟକ୍କର ଦେବାକୁ ମଇଦାନକୁ ଓହ୍ଲାଇଛନ୍ତି କଂଗ୍ରେସ ନେତା ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଏବଂ ସମାଜବାଦୀ ପାର୍ଟି ନେତା ଅଖିଳେଶ ଯାଦବ । ୨୦୨୨ ନିର୍ବାଚନକୁ ନଜରରେ ରଖି ଉତ୍ତରପ୍ରଦେଶରେ ଲାଗିଛି ବଡ ବଡ ନେତାଙ୍କ ଗହଳି । ଦେଶର



ଏହି ଗଡକୁ ଦଖଲ କରିବାକୁ ବିଭିନ୍ନ ରାଜନୈତିକ ଦଳ ପ୍ରାଣପଣେ ଉଦ୍ୟମ କରୁଛନ୍ତି । ବର୍ତମାନର ବିଜେପି ସରକାରଙ୍କୁ ଟକ୍କର ଦେବା ପାଇଁ ବଳ କଶୁଛି କଂଗ୍ରେସ । ଯାହାକୁ ନେଇ ଅମେଥିରେ ବିଶାଳ ପଦ ଯାତ୍ରାର ଆୟୋଜନ କରାଯାଇଛି । ଷ୍ଟାର କ୍ୟାମ୍ପେନର ରାହୁଲ ଗାନ୍ଧୀ ଓ ପ୍ରିୟଙ୍କା ଗାନ୍ଧୀ ଏକାଠି ଶହ ଶହ କଂଗ୍ରେସ ସମର୍ଥକଙ୍କ ସହ ପଦଯାତ୍ରାକୁ ଓହ୍ଲାଇଛନ୍ତି । ଏହି ଅବସରରେ ରାହୁଲ ଗାନ୍ଧୀ ହିନ୍ଦୁ ଓ ହିନ୍ଦୁତ୍ୱବାଦୀ ପ୍ରସଙ୍ଗକୁ ଲୋକଙ୍କ ସାମ୍ନାରେ ଉଠାଇଛନ୍ତି । ଏହାସହ କୃଷିଆଇନ, ବେରୋଜଗାରୀ, ଦରଦାମ ବୃଦ୍ଧି, ବିମୁଦ୍ରାକରଣ ଓ ଜିଏସଟି ପ୍ରସଙ୍ଗ ଉଠାଇ ଭାଜପା କୁ ଟାର୍ଗେଟ କରିଛନ୍ତି ରାହୁଲ । ବର୍ତ୍ତମାନ ରାଜ୍ୟରେ ବିଜେପି ର ବଡ ବିପକ୍ଷ ଶକ୍ତି ଭାବରେ ଛିଡା ହୋଇଛି ସମାଜବାଦୀ ପାର୍ଟି । ଏମିତିକି ଭାରତୀୟ ଜନତା ପାର୍ଟିର ଶୀର୍ଷ ନେତୃତ୍ୱଙ୍କ ଭାଷଣରୁ ମଧ୍ୟ ସପା ଭାଜପାର ପ୍ରମୁଖ ବିରୋଧୀ ବୋଲି ଅନୁମାନ ଲଗାଇ ହେଉଛି । ବିଜେପି ର ପ୍ରତ୍ୟେକ ଆକ୍ଷେପର ପାଲଟା ଜବାବ ଦେଉଛନ୍ତି ସପା ନେତା ଅଖିଳେଶ ଯାଦବ । ଅଖିଳେଶଙ୍କ ବିଜୟ ରଥ ଯାତ୍ରାରେ ଭାରି ଜନସମାଗମ ଦେଖିବାକୁ ମିଳୁଛି । ଶନିବାର ରାୟବରେଲି ରାଲିରେ ଅଖିଳେଶ ଜନତାଙ୍କୁ ସମ୍ବୋଧନ କରି କହିଛନ୍ତି ବିଜେପି ରାଜ୍ୟର ଲୋକଙ୍କୁ ମିଛ କହିଛି । ସେପଟେ ୟୁପି ରାଜନୀତିରେ ଏଆଇଏମଆଇଏମ ରାଷ୍ଟ୍ରୀୟ ଅଧ୍ୟକ୍ଷ ଅସଦଉଦ୍ଦିନ ଓଏସି ୟୁପିରେ ଯୋଗୀ ସରକାରଙ୍କ ସମେତ ସପା, କଂଗ୍ରେସ ଓ ବସପା ଉପରେ ବର୍ଷିଛନ୍ତି । ତେବେ ଓଏସି ଅଖିଳେଶଙ୍କୁ ଟାର୍ଗେଟ କରି କହିଛନ୍ତି ସେ ମୁସଲମାନଙ୍କ ପିଛା ଛାଡିଦିଅନ୍ତୁ । ଉତ୍ତରପ୍ରଦେଶର ନିର୍ବାଚନକୁ ଆଉ ରହିଲା ମାତ୍ର କେଇ ମାସ । ଏହାରିଭିତରେ ବିରୋଧୀ ସରକାରଙ୍କୁ ବିଭିନ୍ନ ପ୍ରସଙ୍ଗକୁ ଅସ୍ତ୍ର କରି କରୁଛି ଟାର୍ଗେଟ । ତେବେ ମହାଲଢେଇ ରେ କାହାର ପଲା ଭାରି ପଡୁଛି ଦେଖିବାକୁ ବାକି ରହିଲା ।

## ମହିଳା ଓ ଶିଶୁ ବିରୋଧୀ ହିଂସାରେ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ରାଜ୍ୟର ଆଉ ୫ ଜିଲ୍ଲା ମାଓବାଦ ମୁକ୍ତ ହୋଇଛି । ରାଜ୍ୟର ଅନୁଗୁଳ, ବୌଦ୍ଧ, ଦେବଗଡ଼, ନୟାଗଡ଼ ଓ ସମ୍ବଲପୁର ମାଓ ମୁକ୍ତ ହୋଇଥିବା କହିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ । ଅପରପକ୍ଷରେ ନିଶା କାରବାର ବିରୋଧୀ ଆହ୍ୱାନ ପାଇଁ ପୋଲିସକୁ ବଧାଇ ଦେଇଥିବା ବେଳେ ମୁଖ୍ୟମନ୍ତ୍ରୀ ରାଜ୍ୟରେ ଦୋଷୀ ସାବ୍ୟସ୍ତ ହାର ହ୍ରାସ ନେଇ ଚିନ୍ତା ପ୍ରକଟ କରିଛନ୍ତି ମୁଖ୍ୟମନ୍ତ୍ରୀ । ଦୋଷୀ ସାବ୍ୟସ୍ତ ହାର ବଢ଼ାଇବାକୁ ସବୁ ସମ୍ଭାବ୍ୟ ପଦକ୍ଷେପ ନେବାକୁ ଆହ୍ୱାନ ମୁଖ୍ୟମନ୍ତ୍ରୀ ଦେଇଛନ୍ତି । ତଦନ୍ତରେ ଅତ୍ୟାଧୁନିକ ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ ପାଇଁ ପରାମର୍ଶ ଦେବାସହ ମହିଳା ଓ ଶିଶୁ ବିରୋଧୀ ହିଂସାରେ ତୁରନ୍ତ ପଦକ୍ଷେପ ନେବାକୁ ଆଇପିଏସ ସମ୍ମିଳନୀର ଉଦଯାପନୀ ସମାରୋହରେ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ୬୩ତମ ବରିଷ୍ଠ ପୋଲିସ ଅଧିକାରୀଙ୍କ କନ୍‌ଫରେନ୍ସିଂ-୨୦୨୧ର ଉଦ୍‌ଯାପନୀ ଅବସରରେ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗଦେଇ ବର୍ଷ ୨୦୨୧ରେ ମଧ୍ୟ ରାଜ୍ୟର ଆଇନ ଶୃଙ୍ଖଳା ପରିସ୍ଥିତି ଶାନ୍ତପୂର୍ଣ୍ଣ ଥିବା ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି । ଏଥିସହିତ ମାଓ ଦମନ କ୍ଷେତ୍ରରେ ଓଡ଼ିଶା ପୋଲିସର ଉଲ୍ଲେଖନୀୟ କାର୍ଯ୍ୟ ଫଳରେ ବିଗତ ୫ବର୍ଷ ମଧ୍ୟରେ ଅନୁଗୁଳ, ବୌଦ୍ଧ, ଦେବଗଡ଼, ନୟାଗଡ଼ ଏବଂ ସମ୍ବଲପୁର ଜିଲ୍ଲାକୁ ମାଓ ମୁକ୍ତ ହୋଇପାରିଥିବା କହିଛନ୍ତି । 'ମୋ- ସରକାର' ଅଧିନରେ ଓଡ଼ିଶା ପୋଲିସ ସମ୍ପର୍କରେ ଭଲ ଫିଡ୍ ବ୍ୟାକ୍ ପ୍ରାପ୍ତ ହୋଇଛି । ସେହିଭଳି ୫-ଟି ଅଧିନରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିଲା । ଯେଉଁଥିରେ ପାସପୋର୍ଟ ଭ୍ୟାରିଫିକେସନକୁ ତ୍ୱରାନ୍ୱିତ କରିବା, ପୋଲିସ କର୍ମଚାରୀଙ୍କ ▶▶ପୃଷ୍ଠା ୭

# ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ବାଲେଶ୍ୱର ଖୋଖୋ ଖେଳାଳିଙ୍କ କୃତିତ୍ୱ : କ୍ରୀଡା ସଂଘ ପକ୍ଷରୁ ସମ୍ବର୍ଦ୍ଧନା

ବାଲେଶ୍ୱର,୧୮/୧୨ (ନି.ପ୍ର): ଅନୁଗୁଳଠାରେ ୧୨ ରୁ ୧୫ ତାରିଖ ପର୍ଯ୍ୟନ୍ତ ଚାଲିଥିବା ରାଜ୍ୟସ୍ତରୀୟ ୫୪ତମ ଖୋ ଖୋ ପ୍ରତିଯୋଗିତାରେ ବାଲେଶ୍ୱର ପୁରୁଷ ଦଳ ଭୁବନେଶ୍ୱରର କିଟ୍ ଦଳକୁ ହରାଇ ଚମ୍ପିଆନ ହୋଇଥିବା ବେଳେ ମହିଳା ଦଳ ରନର୍ସ ଅପ ହୋଇଛି । ତେବେ ଏହି ପ୍ରତିଯୋଗିତାରେ ସଫଳ ହୋଇ ବାଲେଶ୍ୱର ଫେରିଥିବା ଉଭୟ ପୁରୁଷ ଓ ମହିଳା ଦଳର ଖେଳାଳିଙ୍କ ସମେତ ପ୍ରଶିକ୍ଷକ ମଳୟ ରଞ୍ଜନ ବେହେରାଙ୍କୁ ଜିଲା କ୍ରୀଡ଼ା ସଂଘ ପକ୍ଷରୁ ଶୁକ୍ରବାର ସମ୍ବର୍ଦ୍ଧିତ କରାଯାଇଛି । କ୍ରୀଡ଼ା ସଂଘର ସାଧାରଣ ସମ୍ପାଦକ ଅଭୟ ମହାପାତ୍ର ଏଥିରେ ଯୋଗଦେଇ ଖେଳାଳିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଛନ୍ତି । ଅନ୍ୟାନ୍ୟ ବର୍ଗର ଉଦୀୟମାନ ଖେଳାଳଙ୍କ ଭଳି ଖୋ ଖୋ ଖେଳାଳିଙ୍କୁ ବି ସଂଘ ପକ୍ଷରୁ ଉଚିତ ପ୍ରଶିକ୍ଷଣ ଓ ପ୍ରୋତ୍ସାହନ ପ୍ରଦାନ ସହ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ପାଇଁ ବିଶେଷ ଧ୍ୟାନ ଦିଆଯିବ ବୋଲି ଶ୍ରୀ ମହାପାତ୍ର କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଂଘର କାର୍ଯ୍ୟକାରୀ ସଭାପତି ଅଧିପ ଦାସ, ଉପ-ସଭାପତି ବୀରେନ୍ଦ୍ର କୁମାର ସ୍ୱାଇଁ, ସହ-ସମ୍ପାଦକ ପଦ୍ମଲୋଚନ ଲେଙ୍କା, ଯୁଗ୍ମ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ନାୟକ, ସଞ୍ଜୟ କୁମାର ଲେଙ୍କା, ସୁଜୟ କୁମାର ଆଚାର୍ଯ୍ୟ, ପ୍ରଦୀପ କୁମାର ଦାସ, ଜଗଦୀଶ ବେହେରା, ଚିତ୍ତରଞ୍ଜନ ପାଣ୍ଡା, କୋଷାଧ୍ୟକ୍ଷ ଅମର କୁମାର ମହାନ୍ତି, ରବୀନ୍ଦ୍ର କୁମାର ସାହୁ, ସାଦିକ ଅଲି ଖାଁ, ସଞ୍ଜୟ କୁମାର ଗିରି ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ରହି ଖୋ ଖୋ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଅଭିଯାନ

କେନ୍ଦ୍ରାପଡ଼ା,୧୮/୧୨ (ନି.ପ୍ର): କେନ୍ଦ୍ରାପଡା ସାନ୍ଧ୍ୟ ମହା ବିଦ୍ୟାଳୟର ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ମହା ବିଦ୍ୟାଳୟର ଅଧକ୍ଷ ମଧୁସୁଦନ କାମିଲା କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି ସ୍ୱଚ୍ଛତା ହିଁ ସେବା ସଂପର୍କରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀ ମାନେ ମହା ବିଦ୍ୟାଳୟର ପରିସରକୁ ସଫାସୁତରା କରିବା ସହ ଅଳିଆ ଆବର୍ଜନା ମୁକ୍ତ ପରିବେଶ ଅଭିଯାନକୁ ସଫଳ କରାଇଥିଲେ । ସେବା ଯୋଜନା ଅଧିକାରୀ ଅଧ୍ୟାପକ ଗିରିଜାନନ୍ଦ ଦାସ ଓ ମୃତ୍ୟୁଞ୍ଜୟ ମହାନ୍ତି, ବରିଷ୍ଠ ଅଧ୍ୟାପିକା ଡ଼ଃ ଆଦ୍ୟାରଶ୍ମି ମହାପାତ୍ର, ରୁକ୍ମଣି ସାହୁ, ଶିଶିରକନ୍ତ ମହାପାତ୍ର, ଡ଼ଃ ମନୋରଞ୍ଜନ ରାଉତଙ୍କ ସମେତ କର୍ମଚାରୀ ମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ । ଏହି କାର୍ଯ୍ୟକ୍ରମରେ କଲେଜର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

# ବାତ୍ୟା ପୀଡିତ ଅଂଚଳର ଜନ ସାଧାରଣଙ୍କ ଜୀବନ ଧାରଣ ମାନ ଉନ୍ନତି ପାଇଁ ସର୍ଭେ

କେନ୍ଦ୍ରାପଡ଼ା,୧୮/୧୨ (ନି.ପ୍ର): ବନ୍ୟା, ବାତ୍ୟା, ସୁନାମୀ ପ୍ରଭୃତି ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ଅଂଚଳ ଭାବେ କେନ୍ଦ୍ରାପଡା ଜିଲ୍ଲା ସର୍ବଦା ଚର୍ଚ୍ଚାରେ ରହି ଆସିଛି । ଜିଲ୍ଲାର ଉପକୂଳବର୍ତୀ ଅଂଚଳଗୁଡ଼ିକରେ ବାସ କରୁଥିବା ଜନ ସାଧାରଣ ପ୍ରତିବର୍ଷ ଏହି ସବୁ ପ୍ରାକୃତିକ ବିପର୍ଯ୍ୟୟର ସମ୍ମୁଖୀନ ହେଉଥିବା ବେଳେ ସେମାନଙ୍କର ଆର୍ଥିକ, ସାମାଜିକ ଓ ପରିବେଶଗତ ଚଳଣୀ ନିମ୍ନାଭିମୁଖୀ ହୋଇ ଚାଲିଛି । ବାତ୍ୟା ପ୍ରଭାବରେ ଜନ ସାଦାରଣଙ୍କ ଆର୍ଥିକ ସ୍ଥିତି ଦୁର୍ବଳ ହେଉଥିବା ବେଳେ ସାମାଜିକ ଚଳଣୀରେ ମଧ ଅବକ୍ଷୟ ଘଟି ଚାଲିଛି । ରୋଜଗାର ହୀନ ଅବସ୍ଥାରେ କର୍ମସଂସ୍ଥାନ ସଂକୁଚିତ ହେଉଥିବାରୁ ବହୁ ଯୁବକ ଦାଦନ ଖଟିବା ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭର କରି ପ୍ରବାସୀ ହେଉଛନ୍ତି । ଏହି ବାତ୍ୟା ପ୍ରବଣ ଅଂଚଳର ଜନ ସାଧାରଣଙ୍କ ଜୀବନ ଧାରଣର ମାନ ଉନ୍ନତ କରିବା ଲକ୍ଷ୍ୟରେ ଦିଲ୍ଲୀର ଇନ୍ଦିରାଗାନ୍ଧୀ ମୁକ୍ତ ବିଶ୍ୱ ବିଦ୍ୟାଳୟର ଭୂଗୋଳ ବିଭାଗ ମୁଖ୍ୟ ଅଧାପକ ଡ଼ଃ ଶୁଭକାନ୍ତ ମହାପାତ୍ର ସ୍ୱତନ୍ତ୍ର ଯୋଜନା ପ୍ରସ୍ତୁତ କରିବା ଲକ୍ଷ୍ୟରେ ବାତ୍ୟା ପ୍ରବଣ ଅଂଚଳ ମହାକଳପଡାର ଖୁରସିଆପାଟ ଓ ରାଜନଗର ବ୍ଲକର ପେଣ୍ଠ ସହ ବିଭିନ୍ନ ଅଂଚଳ ବୁଲି ସର୍ଭେ କରିବା ସହ ବାତ୍ୟା ପିଡିତ ଲୋକଙ୍କ ସହ ଆଲୋଚନା କରି ବାତ୍ୟା ଜନିତ ଶଙ୍କାକୂଳ ପରିସ୍ଥିତିରେ ଆର୍ଥିକ, ସାମାଜିକ ଓ ଜୀବନ ଧାରଣର ମାନ ସଂପର୍କରେ ଅନୁଧାନ କରିଛନ୍ତି । ଡ଼ଃ ମହାପାତ୍ର ଶୁକ୍ରବାର ଜିଲ୍ଲା ମୁଖ୍ୟାଳୟରେ ପହଁଚି ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କୁ ଭେଟି ଆଲୋଚନା କରିଥିଲେ । ପରେ ରାଜନଗର ଅଟଂଳକୁ ଯାଇ ବିଡିଓ ରବିନ୍ଦ୍ର ପ୍ରଧାନ ଓ ମହାକାଳପଡା ବିଡିଓ ଦେବାଶିଷ ରାଉତଙ୍କୁ ଭେଟିବା ସହ ବାତ୍ୟା ଭୋଗୁଥିବା ଲୋକମାନଙ୍କ ପରିସ୍ଥିତିକୁ ଅନୁଧାନ କରିଥିଲେ । ଏହା ସହ ଏକ ୧୫ ବର୍ଷୟା ଯୋଜନା ସଂପର୍କରେ ନିଜର ରିପୋର୍ଟ ପ୍ରସ୍ତୁତ କରି ସରକାରଙ୍କୁ ପ୍ରଦାନ କରିବେ ବୋଲି ଜଣାପଡିଛି । ତାଙ୍କର ଏହି ଗସ୍ତ ସମୟରେ ଜିଲ୍ଲା ପ୍ରକଳ୍ପ ଅଧିକାରୀ ଅଜୟ କୁମାର ମହାନ୍ତି ଉପସ୍ଥିତ ଥିଲେ ।

# ମାଲକାନଗିରି କଲେଜରେ ଟୁର୍ଣ୍ଣାମେଂଟ ଚାମ୍ପିଅନଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି,୧୮/୧୨ (ନି.ପ୍ର): ଚଳିତ ବର୍ଷ ଅନ୍ତଃ ମହାବିଦ୍ୟାଳୟସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଂଟ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଆନୁକୂଲ୍ୟରେ ବୁଗୁଡ଼ାର ପିପୁଲ୍ସ କଲେଜରେ ଅନୁଷ୍ଠିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ରାଜ୍ୟର ୨୫ରୁ ଉର୍ଦ୍ଧ୍ୱ ମହାବିଦ୍ୟାଳୟର ଛାତ୍ରମାନେ ଭାଗ ନେଇଥିଲେ । ଫାଇନାଲ୍ ମ୍ୟାଚରେ ବୁଗୁଡ଼ା ପିପୁଲ୍ସ କଲେଜକୁ ଏକତରଫା ପରାସ୍ତ କରିଥିଲେ ମାଲକାନଗିରି କଲେଜର ଛାତ୍ରମାନେ । ଏହି ଟୁର୍ଣ୍ଣାମେଂଟରେ ମାଲକାନଗିରି କଲେଜ ଚାମ୍ପିଅନ୍ ହୋଇ ପୁରସ୍କୃତ ହୋଇଥିଲା । ମାଲକାନଗିରି ଭଲିବଲ୍ ଟିମ୍ ର ପ୍ରଶିକ୍ଷକ ଭାବେ ଅଭିମନ୍ୟୁ ଦଳବେହେରା ରହିଥିଲେ । ତେବେ ଆଜି ଏହି ଚାମ୍ପିଅନ୍ ଦଳ ମାଲକାନଗିରି ପହଂଚିବା ପରେ ବସଷ୍ଟାଣ୍ଡରୁ ବାଇକ୍ ରାଲିରେ ବାହାରି କଲେଜ ପର୍ଯ୍ୟନ୍ତ ନେଇ ସେଠାରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ସମ୍ବର୍ଦ୍ଧନା ଉତ୍ସବରେ ଅଧକ୍ଷ ଅଶୋକ କୁମାର ଷଡ଼ଙ୍ଗୀ, ଅଧାପକ ଡ. ରଂଜନ କୁମାର ସ୍ୱାଇଁ, ପ୍ରାଧାପକ ଲିଙ୍ଗରାଜ ମିଶ୍ର, ଗୌତମ ନାୟକ, ସୁଶାନ୍ତ ମାଝି ପ୍ରମୁଖ ଉପସ୍ଥିତ ଥିଲେ । ତେବେ ଚାମ୍ପିଅନ୍ ଦଳରେ ସୋନିଆ ମାଡ଼କାମୀ, ଶଙ୍କର ଚୌପଦୀ, ସୁରେନ୍ଦ୍ର ମାଡ଼କାମୀ, ଗଙ୍ଗା କୁଞ୍ଜ, ଭୀମ ମାଡ଼କାମୀ, ଅନନ୍ତ ଟୁକୁମିଆ, ରମେଶ ସୋଡ଼ି ପ୍ରମୁଖ ଯୋଗ ଦେଇଥିଲେ ।

# ସମୃଦ୍ଧ କଣାସ ଗଠନ ପାଇଁ ବିଜେଡିର ଜନସଂକଳ୍ପ ମହାସଭା

କଣାସ,୧୮/୧୨ (ନି.ପ୍ର): ଦୀର୍ଘ ୧ ମାସ ହେଲା କଣାସ ବ୍ଲକ କାର୍ଯ୍ୟାଳୟ ସ୍ଥାନାନ୍ତରିତ ପାଇଁ ଲାଗିରହିଥିବା ବିବାଦ ଯୋଗୁଁ ଆଜି ବିଜେଡି ପକ୍ଷରୁ ସମୃଦ୍ଧ କଣାସ ଗଠନ ପାଇଁ ଜନସଂକଳ୍ପ ମହାସଭା ଅନୁଷ୍ଠିତ ହୋଇଯାଇଛି । ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତାରୟଙ୍କ ନେତୃତ୍ୱରେ ୬ ହଜାରରୁ ଉର୍ଦ୍ଧ୍ୱ ମହିଳା ଓ ପୁରୁଷ ଏହି ଜନସଂକଳ୍ପ ମହାସଭାରେ ଯୋଗଦେଇଥିଲେ । ଦୋକନ୍ଦା ମେଳଣପଡିଆରୁ ଏକ ଶୋଭାଯାତ୍ରାରେ ବାହାରି ଗୋଲାବଜାର, ବସଷ୍ଟାଣ୍ଡ, କୁଞ୍ଜେଶ୍ୱରୀ ବଜାର, ବାଲିଘାଇ ଛକ, ବ୍ଲକ ବଜାର ଦେଇ ବ୍ଲକ ସମ୍ମୁଖ ସହିଦ୍ ପଡିଆ ଠାରେ ପହଂଚିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା । ବକୁ ସରପଟଂ ସୁରେଶ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ, ଆମ୍ବାର ଅଧକ୍ଷ ସଞ୍ଜୟ ଭୋଳ, ସମାଜସେବୀ ଭିକାରୀ ବଳିୟାରସିଂହ, ଜିଲ୍ଲାପରିଷଦର ନୀଳମଣି ବେହେରା, ଜିଲ୍ଲାପରିଷଦ ସଭ୍ୟା ମିନତୀ ସେଠୀ, ସମାଜସେବୀ ଲିଙ୍ଗରାଜ ସ୍ୱାଇଁ, ରବିନ୍ଦ୍ରନାଥ ରାଉତରାୟ, ମେହେନ୍ଦ୍ର କୁମାର ରଣସିଂହ, ତ୍ରିନାଥ ମାର୍ଥା, ବସନ୍ତ କୁମାର ଜେନା, ହରିବନ୍ଧୁ ଭୋଳ, ପ୍ରମୋଦ ହରିଚନ୍ଦନ, ନିଳମଣି ସୁନ୍ଦରାୟ, ଦେବନରାଜ ମଲ୍ଲିକ, ପ୍ରମୁଖ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶାର ସାଢେ ଚାରି କୋଟି ଜନସାଧାରଣଙ୍କ ପାଇଁ ଜନହିତକର ଯୋଜନାମାନ କରି ତାଙ୍କର ପିତାଙ୍କ ସ୍ୱପ୍ନକୁ ସାକାର କରିବାପାଇଁ ଉଦ୍ୟମ ଜାରୀ ରଖିଥିବା କହିଛନ୍ତି । ସେହିପରି କଣାସ ବ୍ଲକ କାର୍ଯ୍ୟାଳୟକୁ ସ୍ଥାନାନ୍ତରିତ କରି ସରସସୁନ୍ଦର କରିବା ପାଇଁ ପଚାଂୟତ ସମିତି ବୈଠକରେ ଦିଆଯାଇଥିବା ପ୍ରସ୍ତାବକୁ କେତେକ ବ୍ୟକ୍ତି ବିରୋଧ କରୁଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ । ଅନେକ ବ୍ୟକ୍ତି ସରକାରୀ ଜମି ଜବରଦଖଲ କରିଥିବାରୁ ଏହାକୁ ଉଚ୍ଛେଦ କରିବା ପାଇଁ ବିଧାୟକ ଶ୍ରୀ ସାମନ୍ତରାୟ ତହସିଲଦାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏବଂ ବିରୋଧ କରୁଥିବା କଣାସ ନାଗରିକ ମଂଚର କର୍ମକର୍ତାମାନଙ୍କ ସହିତ ଆଲୋଚନା କରିବା ପାଇଁ ବିଧାୟକ ଶ୍ରୀ ସାମନ୍ତରାୟ ସବୁ ସମୟରେ ପ୍ରସ୍ତୁତ ଅଛନ୍ତି ବୋଲି ସୂଚନା ଦେଇଥିଲେ । ବିଧାୟକ ସହକର୍ମୀମାନଙ୍କ ସହିତ ମୁଖ୍ୟମନ୍ତ୍ରୀ ଉଦ୍ଦେଶ୍ୟରେ ଏକ ଦାବିପତ୍ର ମଣ୍ଡଳ ଉନ୍ନୟନ ଅଧିକାରୀ ଲୋଚନା ଦାସଙ୍କୁ ପ୍ରଦାନ କରିଥିଲେ । ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଅତିରିକ୍ତ ଆରକ୍ଷୀ ଅଧକ୍ଷକ, ଏସ.ଡି.ପି.ଓ, ଚାରି ଜଣ ସିନିୟର ଅଫିସର ଓ ଚାରି ପ୍ଲାଟୁନ୍ ପୋଲିସ୍ ଫୋର୍ସ ଉପସ୍ଥିତ ଥିଲେ ।

# ସାଲେପୁର ମହାବିଦ୍ୟାଳୟର ଦୁଇ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି

ସାଲେପୁର,୧୮/୧୨ (ନି.ପ୍ର): ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟ ୧୯୬୪ ମସିହାରେ ଯେଉଁ ପ୍ରତିଭାବାନ୍ ବ୍ୟକ୍ତିଙ୍କ ପ୍ରଚେଷ୍ଟାରେ ନିର୍ମାଣ କରାଯାଇଥିଲା ସେମାନଙ୍କ ମଧ୍ୟରେ ବିଶିଷ୍ଟ ସମାଜସେବୀ ଓ ସମାଜବାଦୀ ଆନ୍ଦୋଳନର ନେତା, ପୂର୍ବତନ ବିଧାୟକ ବିରଜା ପ୍ରସାଦ ରାୟ ଓ ବିଶିଷ୍ଟ ସମାଜସେବୀ ବାମନ ପରିଡାଙ୍କର ଉଦ୍ୟମ ପ୍ରଶଂସନୀୟ । ଏହି ଦୁଇ ସମାଜସେବୀ ନିଜ ହାତରୁ ପ୍ରାୟ ୧ ଲକ୍ଷ ଟଙ୍କା ସାଲେପୁର ମହାବିଦ୍ୟାଳୟର ଗୃହ ନିର୍ମାଣ କରିବା ପାଇଁ ପ୍ରଥମେ ଦାନ କରିବା ପରେ ୧୯୬୪ ମସିହା ପରେ ଏଠାରେ ଘର ନିର୍ମାଣ କରାଯାଇ ଉକ୍ତ ଶ୍ରେଣୀ ଗୃହରେ ପିଲାମାନେ ପାଠ ପଢିଥିଲେ । ହେଲେ ଦୀର୍ଘ ୫୭ ବର୍ଷ ବିତିଯାଇଥିଲେ ମଧ ଏହି ଦୁଇ ବିଶିଷ୍ଟ ସମାଜସେବୀ ତଥା ମହାବିଦ୍ୟାଳୟର ପ୍ରତିଷ୍ଠାତାଙ୍କର ପ୍ରତିମୂର୍ତ୍ତିଟିଏ ସାଲେପୁର ମହାବିଦ୍ୟାଳୟରେ ଅଦ୍ୟାବଧି ସ୍ଥାପନ କରାଯାଇପାରି ନାହିଁ । ଯାହାକୁ ନେଇ ସାଲେପୁର ମହାବିଦ୍ୟାଳୟର ପୁରାତନ ଛାତ୍ରଛାତ୍ରୀ ଓ ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି । ତୁରନ୍ତ ଏହି ଦୁଇ ପ୍ରତିଷ୍ଠାତାଙ୍କର ପ୍ରତିମୂର୍ତ୍ତି ବର୍ତ୍ତମାନର ସାଲେପୁର ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସର ମଧ୍ୟରେ ସ୍ଥାପନ କରିବାକୁ ଦାବି ହୋଇଛି । ଏ ସମ୍ପର୍କରେ ସାଲେପୁର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଅଧକ୍ଷା ଡଃ. ସଂଗୀତା ମିଶ୍ରଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ, ଏ ସମ୍ପର୍କରେ ସେ ଆଗରୁ ଅବଗତ ନଥିଲେ । ସେ ନୂତନ ଭାବରେ ଅଧକ୍ଷା ପଦରେ ଯୋଗଦେଇଥିବାରୁ ଏବେ ଦୁଇ ସମାଜସେବୀଙ୍କ କଥା ଜାଣିଲେ । ଏହି ଦୁଇ ଜଣ ପ୍ରତିଷ୍ଠାତାଙ୍କ ପ୍ରତିମୂର୍ତ୍ତି ଆସନ୍ତା ମାର୍ଚ୍ଚମାସ ପୂର୍ବରୁ ପ୍ରତିଷ୍ଠା କରାଯିବା ପାଇଁ ଉଦ୍ୟମ କରିବେ ଏବଂ ଏଥିନେଇ ସ୍ୱୟଂଶାସିତ ମହାବିଦ୍ୟାଳୟ ସାଲେପୁରର କମିଟିରେ ଏ ପ୍ରସଙ୍ଗ ଉପସ୍ଥାପନ କରି ଏହାକୁ କାର୍ଯ୍ୟକାରୀ କରିବା ପାଇଁ ଉଦ୍ୟମ କରିବେ ।

# ହାଇସ୍କୁଲ ଛାତ୍ରମାନଙ୍କୁ ଖାଉଟି ସଚେତନତା ତାଲିମ୍ କାର୍ଯ୍ୟକ୍ରମ

ବଲାଙ୍ଗିର,୧୮/୧୨ (ନି.ପ୍ର): ଖାଉଟି ସଚେତନତା ପକ୍ଷ ପାଳନ ଅବସରରେ ଆଜି ଅଖିଳ ଭାରତୀୟ ଗ୍ରାହକ ପଚାଂୟତ ବଲାଙ୍ଗିର ଶାଖା ପକ୍ଷରୁ ସ୍ଥାନୀୟ ପତିତପାବନ ଏକାଡେମୀ ହାଇସ୍କୁଲର ଅଷ୍ଟମରୁ ଦଶମ ଶ୍ରେଣି ଛାତ୍ରମାନଙ୍କୁ ନେଇ ଗ୍ରାହକ ସଚେତନତା ତାଲିମ୍ କାର୍ଯ୍ୟକ୍ରମ ଜିଲ୍ଲା ସଭାପତି ଗୋପବନ୍ଧୁ ଶତପଥୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ପଚାଂୟତର ରାଜ୍ୟ ଉପ ସଭାପତି ଶଶିଭୂଷଣ ପୁରୋହିତ ଛାତ୍ରମାନଙ୍କୁ ଖାଉଟି କଲ୍ୟାଣ ଯୋଜନାରେ ଥିବା ବ୍ୟବସ୍ଥା ସମ୍ପର୍କରେ ବିଷଦ ଆଲୋଚନା କରିବା ସହ ଆଇନର ବ୍ୟବସ୍ଥା ତଥା ଏହାର ଉପଯୋଗ ସମ୍ପର୍କରେ କହିଥିଲେ । ସଭାପତି ଶ୍ରୀ ଶତପଥୀ ପିଲାଙ୍କୁ ଆମେ ବଜାର ବେଳେ ସବୁଦିନେ ସାମନା କରୁଥିବା ସମସ୍ୟାର ସମାଧାନ ଓ ଠକାମିରୁ ବର୍ତିବା ପଇଁ ସଚେତନତା ଉପରେ କହିଥିଲେ । ରାଜ୍ୟ ପ୍ରଚାର ପ୍ରସାର ପ୍ରମୁଖ ଇଞ୍ଜିନିୟର କିଶୋର ମୋହନ ମିଶ୍ର ଖାଉଟି ସମସ୍ୟା ଦୂରୀକରଣ ଓ ସଚେତନତା ଦିଗରେ ଗ୍ରାହକ ପଚାଂୟତ ନେଇଥିବା ପଦକ୍ଷେପର ବିବରଣୀ ପ୍ରଦାନ ସହ ଆମେ କିପରି ଆମ କାମ ହାସଲ କରିପାରିବା ତାର ଉପାୟ କହିଥିଲେ ।

ଆରମ୍ଭରେ ଶିକ୍ଷକ ସୁନୀଲ କୁମାର ବେହେରା ସ୍ୱାଗତ କରିବା ସହ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାକ୍ ସୂଚନା ଦେଇଥିଲେ । ହେଡ ମାଷ୍ଟର ଶିନୁ ସୁନ୍ଦର ପାଢୀ ତାଙ୍କର ବକ୍ତବ୍ୟରେ ପିଲାକୁ ତାଙ୍କ ପାଇଁ ସଚେତନତା କହିକି ଉପଯୋଗୀ ତାହା ଉପରେ କହିବା ସହ ଜ୍ଞାନ ଅର୍ଜନ ପାଇଁ ଜାଣିବାକୁ ମନ ଧ୍ୟାନ ଦେଲେ । ଯାହା ଦୈନନ୍ଦିନ ଜୀବନରେ ଉପଯୋଗୀ ହେବ ବୋଲି କହିଥିଲେ । ଶେଷରେ ସ୍କୁଲ୍ ର ଶିକ୍ଷୟତ୍ରୀ ଅଂଶୁକା ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଏଥି ପୂର୍ବରୁ ଭାରତମାତା ଓ ସ୍ୱାମୀ ବିବେକାନନ୍ଦଙ୍କ ପୂଜନ କରାଯାଇଥିଲା ।

## ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ କଲେ ଜୟପୁର ବିଧାୟକ

ଜୟପୁର,୧୮/୧୨ (ନି.ପ୍ର):- ଜୟପୁର ବ୍ଲକ ବିଭିନ୍ନ ପଂଚାୟତରେ ବିଭିନ୍ନ ବିକାଶ ମୁଳକ ପ୍ରକଳ୍ପ ଉଦଘାଟନ ହୋଇଛି । ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଛନ୍ତି । ବିଭିନ୍ନ ପଂଚାୟତରେ ବିଧାୟକଙ୍କ ଗସ୍ତ ସମୟରେ ବାଜା, ନାଚ ଗୀତ କରି ବିଧାୟକ ବାହିନିପତିଙ୍କୁ ସ୍ୱାଗତ କରିଥିଲେ । ଜୟପୁର ବ୍ଲକର ଅନ୍ତା, ବାଲିଆ, ବାରିଣିପୁଟ, ଗଡପଡର ପଂଚାୟତରେ ପ୍ରକଳ୍ପ ଉଦଘାଟନ କରାଯାଇଥିଲା । ଏହା ସହ ବିଭିନ୍ନ ପଞ୍ଚାୟତରେ ବୈଠକ ଅନୁଷ୍ଠିତ ହୋଇଛି । ଅନ୍ତା ଗ୍ରାମରେ ମିଶନ ଶକ୍ତି ଗୃହ, ସିଆଡିମାଳ ଗ୍ରାମରେ ଅଙ୍ଗନବାଡୀ କେନ୍ଦ୍ର, କୁନ୍ତରଖାଲରେ ମିଶନ ଶକ୍ତି ଗୃହ,ସାଂସ୍କୃତିକ ଭବନ, ବାରିଣିପୁଟ ମିଶନ ଶକ୍ତି ଗୃହ, ମହୁଲ ଭଟ୍ଟା ପ୍ରାଥମିକ ବିଦ୍ୟାଳୟରେ ସ୍ମାର୍ଟ କ୍ଲାସରୁମ, ପୁଟୁରା ଗ୍ରାମରେ ଗୋଷ୍ଠୀକେନ୍ଦ୍ର, ସାସ୍କୃତିକ ଭବନ. ଗଡପଦର ଗ୍ରାମରେ ମିଶନ ଶକ୍ତି ଗୃହ ଉଦଘାଟନ ହୋଇଛି । ଏହି କାୟ୍ୟକ୍ରମରେ ବିଡିଓ ସୁରଜ କୁମାର ପଟ୍ଟନାୟକ, ସହକାରୀ ନିବାହୀ ଯନ୍ତ୍ରୀ ବିଶ୍ୱ ନାଥ ପାତ୍ର, ସହ ଯୁବକ କଂଗ୍ରେସ ସଭାପତି ସୁକାନ୍ତ ପଟ୍ଟନାୟକ ବ୍ଲକ ସଭାପତି ବସନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଜୟପୁର ସବଡିଭିଜିନାଲ ଆଥଲେଟିକ ସଂଘ ନାଁରେ ଠକେଇ ଅଭିଯୋଗ

ଜୟପୁର,୧୮/୧୨ (ନି.ପ୍ର): ଜୟପୁର ସହରରେ ରହିଛି ସବଡିଭିଜିନାଲ ଆଥଲେଟିକ ସଂଘ । ଏହି ସଂଘ ୧୯୯୦ ରେ ପୁନଃ କାର୍ଯ୍ୟକ୍ଷମ ହୋଇଛି । ସଂଘର ସଭାପତି ଭାବେ ରହିଛନ୍ତି ଉପଜିଲ୍ଲାପାଳ । ସଂଘ ସଂପାଦକ ଓ ଅନ୍ୟାନ୍ୟ କର୍ମକର୍ତା ନିମନ୍ତେ ନିର୍ବାଚନ କରାଯାଏ , କିନ୍ତୁ ଗତ ୩୫ ବର୍ଷ ହେଲା ନା ହୋଇଛି ନିର୍ବାଚନ ନା ହୋଇଛନ୍ତି ନିର୍ବାଚିତ ପ୍ରତିନିଧି । ଏହିପରି କିଛି ମନ୍ତବ୍ୟ ରଖି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ଜୟପୁରର ନାଗରିକ ଗୌରି ହୋତା । ଜୟପୁର କ୍ରୀଡା ପ୍ରେମୀଙ୍କ ନିମନ୍ତେ ଗଢି ଉଠିଥିଲା ସବଡିଭିଜିନାଲ ଆଥେଲେଟିକ ସଂଘ । ଏଥିରେ ରହିଛି ଅନେକ ଗୁଡିକ ସମସ୍ୟା । ସରକାର 'ଖେଲ ଇଣ୍ଡିଆ' ଭଳି ଅନେକ ଗୁଡିକ ଖେଳ ଅନୁଦାନକୁ ଅବିଭକ୍ତ କୋରାପୁଟ ଜିଲ୍ଲା ଓ ଜୟପୁରକୁ ପ୍ରେରଣ କରିଥିବା ବେଳେ ଏହି ସଂଘ ମାଧମରେ ସମସ୍ତ ଟଙ୍କାକୁ ଚଳୁ କରିଦେଇଛନ୍ତି । ଏଠି ଅନେକ ପ୍ରତିଭା ଥିବା ବେଳେ ସଂଘର ମନମୁଖୀ ଶାସନ ଯୋଗୁଁ ଏଠାକାର ପ୍ରତିଭା ମାନଙ୍କୁ ପ୍ରୋତ୍ସାହନ ଦିଆଯାଉନାହିଁ । ଯାହା ଫଳରେ ଅନେକ ସମୟରେ ପ୍ରତିଭାବାନ ଖେଳାଳୀଙ୍କ ଆଶା ମଉଳିଯାଉଛି । ସଂଘର ରେଜିଷ୍ଟ୍ରେସନ ସାର୍ଟିଫିକେଟ ନାହିଁ, ଆଟକେଲ ମେମରଣ୍ଡମ ନାହିଁ, ସଠିକ ବାଇ ଲ ନାହିଁ, କେସ ବୁକ ନାହିଁ ବୋଲି ଶ୍ରୀ ହୋତା ମତ ରଖିଛନ୍ତି । ଏହି ସବୁ ତଥ୍ୟ ୨୦୧୬ ରେ ମିଳିଥିବା ଅଡିଟ ରିପୋର୍ଟରେ ପ୍ରକାଶ ହୋଇଛି ବୋଲି ମଧ ଉପସ୍ଥାପନ କରିଛନ୍ତି । ଜୟପୁରରେ ଦୁଇଟି ଷ୍ଟାଡିୟମ ଅଛି ଗୋଟିଏ ହେଲା ଇନଡୋର ଓ ଅନ୍ୟଟି ହେଲା ଦଶହରା ପଡିଆ ଷ୍ଟାଡିୟମ୍ । ଖେଳର ବିକାଶ ନିମନ୍ତେ ସରକାର କହୁଛନ୍ତି ଗୁଡାଏ ଅନୁଦାନ ପ୍ରଦାନ କହୁଥିବା ବେଳେ ଏହି ସଂଘର କର୍ମକର୍ତ୍ତା ମାନେ ନିଜ ପକେଟରେ ରଖି ଚଲୁ କରିଦେଉଛନ୍ତି । ଷ୍ଟାଡିୟମ ଇଲିଗାଲ କନଷ୍ଟ୍ରକ୍ସନ୍ ହୋଇଛି ଏହା ଏକ ଘାସ ପଡିଆ ବୋଲି ତହସିଲଦାର ଆରଟିଆଇ ଉତ୍ତରରେ ପ୍ରକାଶ କରିଛନ୍ତି । ବେନିୟମ ଭାବେ ନିର୍ମାଣ ହୋଇଛି ୪୬ଟି ଷ୍ଟଲ । ଭଡା ବାବଦରେ ୨୫୦ ଟଙ୍କାରୁ ୩ଶହ ଟଙ୍କା ରହିଥିବା ବେଳେ ବର୍ତ୍ତମାନ ସୁଦ୍ଧା ସାଢେ ୭ଲକ୍ଷ ଟଙ୍କା ବକେୟା ରହିଛି । ବର୍ଷ ବର୍ଷ ଧରି ସମସ୍ତେ ଟଙ୍କା ଦେଇ ନାହାନ୍ତି । ସବ ଲିଜ ସ୍ତରରେ ଦେଇ ଷ୍ଟଲ ମାଲିକ ମାନେ ନିଜ ଦୋକାନକୁ ଲୋକଙ୍କୁ ଦେଇ ଆରାମରେ ଟଙ୍କା ନିଜେ ଆଦାୟ କରୁଛନ୍ତି । ଏହି ଷ୍ଟଲ ଗୁଡିକର ମା ବାପା ନଥିବା ଯୋଗୁଁ ସଂଘ କର୍ମକର୍ତା ମାନେ ନିଜ ପୈତୃକ ସଂପତି ଭାବି ପରସ୍ପର ମଧ୍ୟରେ ବାଂଟି ଦେଇଛନ୍ତି । ଏପରିକି ଷ୍ଟଲ ଗୁଡିକ ମଧ ନିଜପରିବାରର ଦୁଇଦୁଇ ଜଣଙ୍କ ନାମରେ ଥିବା ମଧ ଶ୍ରୀ ହୋତା ପ୍ରକାଶ କରିଛନ୍ତି । ଉପଜିଲ୍ଲାପାଳ ଓ ହେମକାନ୍ତ ସାଏଙ୍କୁ ଏନେଇ ଜଣାଇବା ପରେ ମଧ କୌଣସି ସୁଫଳ ମିଳିନାହିଁ । ଏନେଇ ବୁଦ୍ଧିଜୀବୀଙ୍କୁ ନେଇ ଏକ ଏଡକ କମିଟି କରାଯାଉ ଏବଂ ଏହାର ସମସ୍ତ ପ୍ରକାର ସନ୍ଧାନ କରାଯାଉ ବୋଲି ଦାବି କରିଛନ୍ତି । ଯଦି ଉପଜିଲ୍ଲାପାଳ ଏନେଇ କିଛି ପଦକ୍ଷେପ ନ ନିଅନ୍ତି ତେବେ ଆଗାମୀ ଦିନରେ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି ।

# ଫୁଲବାଣୀରେ ଏନୱାଇକେ ପକ୍ଷରୁ ଜିଲ୍ଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ

କନ୍ଧମାଳ,୧୮/୧୨ (ନି.ପ୍ର): ଫୁଲବାଣୀ ସହରର ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନ ସଭାଗୃହ ଠାରେ ନେହରୁ ଯୁବକେନ୍ଦ୍ର (ଏନୱାଇକେ) ଫୁଲବାଣୀ ତରଫରୁ ଜିଲ୍ଲାସ୍ତରୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଓଡିଆ ସିନେ ତାରକା, ଅଭିନେତା ଓ ଗାୟକ ଜଳନ୍ଧର ବେହେରା ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷ ଖଜୁରୀପଡାର ବୀରେନ୍ଦ୍ର କହଁର, ସିଆରପିଏଫ ବାଲିଗୁଡାର ଚକ୍ରଧାରୀ ଗୁପ୍ତା ଏବଂ ନେହରୁ ଯୁବକେନ୍ଦ୍ର ଫୁଲବାଣୀର ଜ଼ିଲ୍ଲା ଯୁବ ଅଧିକାରୀ ନଭନୀତ୍ କୁମାର ଏବଂ ସହକର୍ମୀ ସତ୍ୟବାନ ଦଳବେହେରା ପ୍ରମୁଖ ଯୋଗ ଦେଇଥିଲେ । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ କନ୍ଧମାଳ ଜ଼ିଲ୍ଲାର ପ୍ରତ୍ୟେକ ବ୍ଲକର ଯୁବକଯୁବତୀ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ଏକ ବିଭିନ୍ନ ବ୍ଲକରୁ ଆସିଥିବା କଳାକାର ଭାଇ ଓ ଭଉଣୀ ମାନଙ୍କ ମଧ୍ୟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଦିବସର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ବିଷୟରେ ଉପସ୍ଥିତ ଯୁବ ଭାଇ ଓ ଭଉଣୀଙ୍କୁ ଅବଗତ କରିଥିଲେ । ନେହରୁ ଯୁବକେନ୍ଦ୍ର ଫୁଲବାଣୀର ଜ଼ିଲ୍ଲା ଯୁବ ଅଧିକାରୀ ନେହରୁ ଯୁବକେନ୍ଦ୍ର ଫୁଲବାଣୀ କାର୍ଯ୍ୟାଳୟର ବିଭିନ୍ନ ପ୍ରକାରର କାର୍ଯ୍ୟକ୍ରମ ବିଷୟରେ ଅବଗତ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିବା ପ୍ରତିଯୋଗୀ ମାନଙ୍କୁ ଟ୍ରଫି ଓ ପ୍ରମାଣ ପତ୍ର ଦେଇ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା । ପରିଶେଷରେ ସ୍ୱେଚ୍ଛାସେବୀ ମେଘାରାଣୀ ମହାପାତ୍ର ମୁଖ୍ୟ ଅତିଥି, ଅନ୍ୟାନ୍ୟ ଅତିଥି ଓ ଉପସ୍ଥିତ ଯୁବ ଭାଇ ଓ ଭଉଣୀ ମାନଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

# ଚାରିବାଟିଆରେ ଗାନ୍ଧୀ ସ୍ମୃତି ସମାରୋହ ଅନୁଷ୍ଠିତ



ବାସୁଦେବପୁର,୧୮/୧୨ (ନି.ପ୍ର): ବାସୁଦେବପୁର ବ୍ଲକର ବାଲିମେଦ ପଂଚାୟତର ଚାରିବାଟିଅରେ ଗାନ୍ଧୀ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି । ସରପଂଚ ପ୍ରଫୁଲ୍ଲ ପଲିତା ଏଥିରେ ସଭାପତିତ୍ୱ କରିଥିଲେ । ଶିକ୍ଷାବିତ ଦୁଃଶାସନ ରାଉତ, କବି ସୁଧାଂଶୁ ଶେଖର ମିଶ୍ର, କବି କମଳାକାନ୍ତ କର,ଦେବେନ୍ଦ୍ର ମହାନ୍ତି, ବାଇ ଚଢେଇ ର ସମ୍ପାଦକ କବି ବିକାଶ ଶତପଥୀ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ମହାତ୍ମା ଗାନ୍ଧୀ ଙ୍କ ଆଗମନ ର ସ୍ମୃତି ତଥା ସାହିତ୍ୟ ଓ କଳା ସଂସ୍କୃତି ର ବିଭିନ୍ନ ଦିଗ ପ୍ରତି ଆଲୋଚନା କରିଥିଲେ । ଅନୁଷ୍ଠାନ ର ସମ୍ପାଦକ କବି ନିରଞ୍ଜନ ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ । କୋଷାଧକ୍ଷ ପ୍ରଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ । କବି ଓ ଗୀତିକାର ଅଜୟ ଦାସ,ଇଂ ଅଭୟ ପୁହାନ,ରଙ୍ଗରାଗ ର ସମ୍ପାଦକ କବି ପ୍ରଦୀପ୍ତ ମହାନ୍ତି, ,ସୋମନାଥ ମହାକୁଡ଼,ସୁଶାନ୍ତ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ୧୯୨୭ ମସିହା ଡିସେମ୍ବର ୧୭ ତାରିଖରେ ମନ୍ତେଇ ନଈକୂଳ ଚାରିବାଟିଆ ଠାରେ ଜାତିର ପିତା ମହାତ୍ମା ଗାନ୍ଧୀ ଦୁଃଖି ଗରିବ ଜନସାଧାରଣଙ୍କୁ ଉଦବୋଧନ ଦେବା ସହିତ ବନ୍ୟା ବାତ୍ୟା ଅଂଚଳ କୁ ବୁଲି ଦେଖିଥିଲେ । ଏହି ସ୍ମୃତିରେ ପ୍ରତ୍ୟେକ ବର୍ଷ ଏଠାରେ ଗାନ୍ଧୀ ସ୍ମୃତି ରକ୍ଷା କମିଟି ପକ୍ଷରୁ ଗାନ୍ଧୀ ସ୍ମୃତି ସମାରୋହ ପାଳିତ ହେଉଛି ।

# ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟରେ ପରିବେଶ ସମ୍ପର୍କୀୟ ଆଲୋଚନାଚକ୍ର

ଧର୍ମଶାଳା,୧୮/୧୨ (ନି.ପ୍ର): ବୃକ୍ଷ ହିଁ ଜୀବନ । ଜୀବନଟିଏ ଥିଲେ ଜଗତଟିଏ ହୁଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ରସୁଲପୁର ବ୍ଲକ ବ୍ରହ୍ମବରଦା ଡିଗ୍ରୀ ମହାବିଦ୍ୟାଳୟର ସଂସ୍କୃତ ଗ୍ୟାଲେରୀ ପରିସରରେ ଇକୋ କ୍ଲବ ତରଫରୁ ଅଧ୍ୟାପକ ରଶ୍ମୀକାନ୍ତ ଦାଶଙ୍କ ତତ୍ତ୍ୱାବଧାନରେ ଏକ ପରିବେଶ ସଚେତନତା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି ଆଲୋଚନା ଚକ୍ରରେ ପରିବେଶ ଶିକ୍ଷାକେନ୍ଦ୍ର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତନ ବିଭାଗ ଓଡିଶା ସରକାରଙ୍କ ଯୋଜନା ସହାୟକ ଭରତ ଚନ୍ଦ୍ର ଜେନା ଆଲୋଚକଭାବେ ଓ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ମହେଶ୍ୱର ପାଢ଼ୀ, ଅଧ୍ୟାପକ ସୌଭାଗ୍ୟ କୁମାର ସାହୁ, ସୂର୍ଯ୍ୟକାନ୍ତ ରାଉତ, ବାବୁଲା ରଣା ଓ ସାଗରିକା ଦାଶ ପ୍ରମୁଖ ଯୋଗଦେଇ ଛାତ୍ରଛାତ୍ରୀମାନେ ଗୋଟିଏ ଗୋଟିଏ ଗଛ ଅନ୍ତତଃ ପ୍ରତିବର୍ଷ ଲଗାଇବାକୁ ମତବ୍ୟକ୍ତ କରିଥିଲେ । ଏହି ଗଛ ଲଗାଇବା ପାଇଁ ଛାତ୍ରଛାତ୍ରୀମାନେ ଶପଥ ନେଇଥିଲେ । ଆମେ ସଚେତନ ହେଲେ ପରିବେଶ ରକ୍ଷା ପାଇପାରିବ ବୋଲି ଅଧ୍ୟାପକ ରୁହୁଲ ଅମିନ ମତବ୍ୟକ୍ତ କରିଥିଲେ । ଛାତ୍ରୀ କୁମାରୀ ପାର୍ବତୀ ବେହେରା ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୧୯ ଡିସେମ୍ବର, ୨୦୨୧
email : rabibarachayan2015@gmail.com



ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



**ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

ଭାଗ-୫୫
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ନାରାୟଣ ନନ୍ଦ କହିଲେ ଯେ, ଇନ୍‌ସପେକ୍ଟରର ନିଜ କାର୍ଯ୍ୟ ସକାଶେ ଅନୁତାପ ଓ ଦୁଃଖ ପ୍ରକାଶ ସୂଚାଇ ଖଣ୍ଡେ ପତ୍ର ଲେଖିଦେଲେ ସେ ମୋକଦ୍ଦମା ଉଠାଇନେବେ । ଇନ୍‌ସପେକ୍ଟରଙ୍କୁ ପୁଣି ମୋ ବସାକୁ ଡକାଇଲି, ଆସିଲେ ନାହିଁ । ନିଜେ ତାଙ୍କ ବସାକୁ ଗଲି ଓ କେତେ ବୁଝାଇଲି । ସେ କିଛି କହିବେ ନାହିଁ କିମ୍ବା ଲେଖିବେ ନାହିଁ ବୋଲି ବାରମ୍ବାର କହିଲେ । ଏଥିରେ ଓ ଅନ୍ୟାନ୍ୟ କ୍ଷେତ୍ରରେ ମୁଁ କଟକିୟାଙ୍କୁ ପ୍ରଶ୍ରୟ ଦେଉଅଛି କହି ସେ ମୋତେ ଦେଖିନେବେ ବୋଲି ଧମକ ଦେବାକୁ ଲାଗିଲେ । ଯେକୌଣସି କାରଣରୁ ହେଉ ବହୁକାଳରୁ କଟକିୟା ଓ ସମ୍ବଲପୁରିୟାଙ୍କ ମଧ୍ୟରେ ତିକ୍ତ ମନୋଭାବ ବିଦ୍ୟମାନ ଥିବା ଆଜି ସୁଦ୍ଧା କେତେକଙ୍କ ଠାରେ ଦେଖାଯାଏ । ଇନ୍‌ସପେକ୍ଟର ମୋର ବନ୍ଧୁତ୍ୱ ପ୍ରଣୋଦିତ ସମସ୍ତ ପରାମର୍ଶ ଓ ଉପଦେଶ ଉପେକ୍ଷା କରିବାରୁ ଅଗତ୍ୟା ମୋକଦ୍ଦମା ଚାଲିଲା । ସାକ୍ଷ୍ୟମାନଙ୍କଦ୍ୱାରା ଅଭିଯୋଗ ପ୍ରମାଣିତ ହେଲା । ପୁଣି ଇନ୍‌ସପେକ୍ଟରଙ୍କୁ କ୍ଷମାପତ୍ର ଲେଖିଦେବାକୁ ଓ ଲେଖି ନଦେଲେ ଆଇନ୍ ଅନୁଯାୟୀ ତାଙ୍କ ପ୍ରତି ବ୍ୟବସ୍ଥା କରାଯିବ ବୋଲି ସଫା ବୁଝାଇଦେଲି । ତେବେ ଯାଇ ଅବସ୍ଥା ବିବେଚନାରେ ଖଣ୍ଡେ ପତ୍ର ଲେଖିଦେଲେ ଓ ନାରାୟଣ ନନ୍ଦ ମୋକଦ୍ଦମା ଉଠାଇନେଲେ ।

ମୋକଦ୍ଦମା ଉଠିଗଲା । କିନ୍ତୁ ମନୋମାଳିନ୍ୟ ଗଲାନାହିଁ । ଇନ୍‌ସପେକ୍ଟରଙ୍କ କ୍ରୋଧ ଏଥର ନାରାୟଣ ନନ୍ଦଙ୍କ ପ୍ରତି ଯେତେ ନୁହେଁ, ମୋ ପ୍ରତି ଦ୍ୱିଗୁଣିତ ହେଲା । କଟକିୟାଙ୍କଠାରେ ମୁଁ ତାଙ୍କ ମୁଣ୍ଡନୁଆଁଇଲି, "ତମେ ବଣେଇରେ ରହିବ କି ମୁଁ ରହିବି" ବୋଲି ଧମକେଇବାକୁ ଲାଗିଲେ ଓ ପୂର୍ବପରି ନିଜ କାର୍ଯ୍ୟରେ ଅବହେଳା କରିବାକୁ ଲାଗିଲେ । ଉପର ହାକିମ ସଙ୍ଗେ ଲାଗିଲେ ନିଜେ ସାଧୁ ସଚ୍ଚୋଟ ଥିବା ଆବଶ୍ୟକ । ଇନ୍‌ସପେକ୍ଟରଙ୍କ ସାଂସାରିକ ଅବସ୍ଥା ଭଲନଥିଲା । ସଂଯତ ହେବା ପାଇଁ ପୁଣି ତାଙ୍କୁ ଉପଦେଶ ଦେଲି । ମୋର ଏହି ଆଚରଣକୁ ଭୀରୁତା ବୋଲି କହିବୁଲିଲେ । ତାଙ୍କ ଧମକ ପ୍ରତି ଭ୍ରୂକ୍ଷେପ ନକରି ଓ ତାଙ୍କ କାର୍ଯ୍ୟକଳାପ ଉପରେ ତୀବ୍ର ଦୃଷ୍ଟିରଖି ମୋର କାର୍ଯ୍ୟରେ ନିର୍ଭୟରେ ଅଗ୍ରସର ହେଲି । ମୁଁ ଯେତେ ଗଭୀର ସଂଘର୍ଷରେ ପତିତ ହେଉଥାଏ ମୋର ନୈତିକ ଶକ୍ତି ସେତେ ବୃଦ୍ଧି ହେଉଥିବା ମୁଁ ଅନୁଭବ କରୁଥାଏ ।

ବଣେଇରେ ରହିବା ମୋର ଦୁଇବର୍ଷରୁ ଅଧିକ ହୋଇଯାଇଥିଲା । ଡେପୁଟି ପଦକୁ ଉନ୍ନତି ସକାଶେ ମୁଁ ଇତି ମଧ୍ୟରେ ପୋଲିଟିକେଲ୍ ଏଜେଣ୍ଟଙ୍କୁ ଥରେ ଦୁଇଥର କହିଥିଲି । କିନ୍ତୁ ଏ ଦିଗରେ ସେ କିଛି କରିଥିବା ସୂଚନା ସୁଦ୍ଧା ମିଳିଲା ନାହିଁ । ବଣେଇରେ କେବଳ ଦେଓ୍ୱାନ ହୋଇ ରହିବା ବା ଅନ୍ୟ ଗଡ଼ଜାତକୁ ଯିବା ମୋର ଉଦ୍ଦେଶ୍ୟ ନଥିଲା । ଗଡ଼ଜାତର ବାତାବରଣ ମୋତେ ଆଦୌ ସୁଖ ଲାଗୁନଥାଏ । ଚାକିରି ତ! ଏତେ ଜଞ୍ଜାଳରେ ମଣିଷ ରହିବ କାହିଁକି? ଏଥିରୁ ଅବ୍ୟାହତି ପାଇଲେ ମୁଁ ସରକାରୀ କାର୍ଯ୍ୟକୁ ଫେରିଯାଇ ତହିଁରେ ନିରାପଦରେ ରହିବା କାମନା କରୁଥାଏ । ମୁଁ ତ ଏତେଦିନ ଏତେ ପରିଶ୍ରମ କରିଆସିଲି । ମୋ ତଳର ଜଣକେତେ ସବ୍‌ଡେପୁଟି ଡେପୁଟି ହୋଇଗଲେଣି । ଏଠାରେ ରହିଲେ ମୁଁ ପଡ଼ି ରହିଥିବି, ଏହି ଆଶଙ୍କା ହେଉଥାଏ । ଫିଲିପ୍ ସାହେବଙ୍କୁ ମୋର ଉନ୍ନତି କଥା କହିଲି । ସେ କହିଲେ ଯେ, ଇତି ମଧ୍ୟରେ ବଣେଇର ଶାସନ ସମ୍ବନ୍ଧରେ ଅନେକ ବିଭ୍ରାଟ ହୋଇଯାଇଅଛି ଏବଂ ସେ ନିଜେ ଯାଇ ମୋର କାର୍ଯ୍ୟ ଦେଖିବେ ଓ ଯାହା କରିବାର କରିବେ । ମୋର ଚାଳିଷ ବର୍ଷ ବୟସ ହୋଇଯାଇଛି । ଏହି ବର୍ଷ (୧୯୨୬) ମୁଁ ଯଦି ଡେପୁଟି ନହୁଏ ନିୟମାନୁସାରେ ଆଉ ହୋଇ ପାରିବି ନାହିଁ । ଗଡ଼ଜାତରୁ ଫେରିଯାଇ ପୁଣି ସବ୍‌ଡେପୁଟି ପଦରେ ବୁଢ଼ା ହେବାକୁ ହେବ । ତାହାହେଲେ ପରିତାପ ଓ ଦୁଃଖର ସୀମା ରହିବନାହିଁ । କ୍ରମେ ପରିବାର ବୃଦ୍ଧି ହେବାକୁ ଲାଗିଲା । ଦୁଇପୁଅ ଓ ଆଠ ଝିଅ ହୋଇଗଲେଣି । ସବ୍‌ଡେପୁଟି ପଦରେ ରହି ଏହି ବୃହତ୍ ପରିବାରର ପୋଷଣ ଓ ପୁଅଝିଅଙ୍କୁ ମନୁଷ୍ୟ କରିବା କଷ୍ଟସାଧ ହେବ । ଏହି ଭାବନା ମୋତେ ବିବ୍ରତ କରୁଥାଏ । ଏହି ସମୟରେ ଗଡ଼ଜାତ ପ୍ରତି ଏତେ ବୀତଶ୍ରଦ୍ଧ ହେଇପଡ଼ିଲି ଯେ, ମୋର ଜନ୍ମସ୍ଥାନ ପାଟଣାକୁ ପୌଢ଼ ବୟସରେ ଫେରିଯିବି ନାହିଁ ବୋଲି ଏକପ୍ରକାର ମନେ ମନେ ସ୍ଥିର କରିପକାଇଲି । ବାଲ୍ୟଜୀବନରେ ପାଟଣା ରାଜ୍ୟର ଅନୁଭୂତି ଓ ପୌଢ଼ ବୟସରେ ଢେଙ୍କାନାଳ ସହିତ ଏହି ବଣେଇର ଅନୁଭୂତି ଏହି କଳ୍ପନା ମୂଳରେ ଜଳ ଯୋଗାଉଥାଏ । ମୋ ମନରେ ଦୃଢ଼ବିଶ୍ୱାସ ହୋଇଥାଏ ଯେ, ସମସ୍ତ ଗଡ଼ଜାତରେ ଶାସନ ନୀତି ସମାନ । ଯାହା ତାରତମ୍ୟ ଥାଏ କେବଳ ପରିଣାମ ଭେଦରେ । ଇତିପୂର୍ବେ କାମ ଚଳିବା ଭଳି ନଜୁଲ (ଖାସମାହାଲ) ଜମିର ପଟ୍ଟା ନେଇ ତାହା ଉପରେ ଗୋଟିଏ ଘର ସମ୍ବଲପୁର ସହରରେ ତିଆରି କରିଥିଲି । କିନ୍ତୁ ପରିବାରର ବୃଦ୍ଧି ହେବା ସଙ୍ଗେ ସଙ୍ଗେ ତାହା ଯଥେଷ୍ଟ ହେଉନଥିବା ଦେଖି ସହର ମଧ୍ୟରେ ବନ୍ଧୁବାନ୍ଧବଙ୍କ ନିକଟରେ ରହିବା ଅଭିପ୍ରାୟରେ, ବିଶେଷତଃ ପଟ୍ଟନାୟକ ପଡ଼ାରେ ମୋର ପୂଜ୍ୟପାଦ ଧର୍ମପିତା ଶ୍ରୀ ବାଲୁଙ୍କେଶ୍ୱର ମିଶ୍ରଙ୍କ ଘର ନିକଟରେ ଖଣ୍ଡେ ଡିହ ପାଇଲେ ତାଙ୍କଦ୍ୱାରା ଗଠିତ ଜୀବନ ଅନ୍ତିମକାଳ ପର୍ଯ୍ୟନ୍ତ ତାଙ୍କ ପଦତଳରେ କଟାଇବି ବୋଲି ସ୍ଥିରକଲି । ଏହି ସମୟରେ ତାଙ୍କ ଘରକୁ ଲାଗି ଖଣ୍ଡେ ଡିହ ପାଇଲି । ତାହା କିଣି ତାହା ଉପରେ ୧୯୨୬ ସାଲରେ ଗୃହ ନିର୍ମାଣ ଆରମ୍ଭ କରିଦେଲି ।

ନାନା ବାଧାବିଘ୍ନ, ଗଣ୍ଡଗୋଳ ମଧ୍ୟରେ ବଣେଇର କାର୍ଯ୍ୟ ଚାଲିଥାଏ । ୧୯୨୬ ମସିହା ଜୁଲାଇ ମାସ ଶେଷଆଡ଼କୁ, ଅଗଷ୍ଟ ମାସ ମଧ୍ୟରେ ପୋଲିଟିକେଲ୍ ଏଜେଣ୍ଟ ପରିଦର୍ଶନରେ ଆସୁଥିବା ସମ୍ବାଦ ତାଙ୍କ ପତ୍ରରୁ ଜାଣିଲି । ମନେକଲି ଏହାହିଁ ମୋର ଭାଗ୍ୟ ପରୀକ୍ଷାର ସମୟ । ପ୍ରାଣଭରି କାର୍ଯ୍ୟକଲେ ମଧ ଯଦି ଉପର ହାକିମଙ୍କ ମନକୁ ନପାଇଲା, ପଦୋନ୍ନତି ଅସମ୍ଭବ । ମୁଁ ମୋର ଦପ୍ତର ସଜାଡ଼ିବାରେ ଲାଗିଲି । ବିରୁଦ୍ଧ ଦଳ ମଧ ତାଙ୍କ କାମରେ ଲାଗିପଡ଼ିଲେ । ରାଜ୍ୟର ବିଭିନ୍ନାଞ୍ଚଳରୁ ଲୋକେ ଆସି ଗଡ଼ରେ ସମବେତ ହେବାକୁ ଲାଗିଲେ । ଗୋଟାଏ ଗୁରୁତର ମନ୍ତ୍ରଣା ଯେ ଆରମ୍ଭ ହୋଇଅଛି, ଲୋକମାନଙ୍କ ଘନ ଘନ ଯାତାୟତ ଦେଖି ବୁଝାଯାଉଥାଏ । କାହାରି କାହାଠାରୁ ଶୁଣିବାକୁ ପାଏଓ ମୋ ମନରେ ମଧ ସନ୍ଦେହ ହେଉଥାଏ ଯେ, ମୋ ବିରୁଦ୍ଧରେ କିଛି ଗୋଟାଏ ସୃଷ୍ଟି ହେଉଅଛି । ତାହାଦ୍ୱାରା ମୋ ଶାସନର ବିପର୍ଯ୍ୟୟ ପ୍ରମାଣିତ ହେଲେ ସରକାରଙ୍କ ଶାସନର ନିନ୍ଦାହେବ ଓ ରାଜା ନିଜ କ୍ଷମତା ଫେରି ପାଇବେ । ଏହା ତ ମୋତେ ନିଜେ ରାଜା ସାହେବ ଏକାଧିକବାର କହିଥିଲେ । ସରକାରଙ୍କ ପ୍ରତି ରାଜାଙ୍କ କୋପାଗ୍ନି ନିରପରାଧ ମୋତେ ଦଗ୍ଧ କରିବାକୁ ବସିଅଛି । ତାହା କଦାପି ସମ୍ଭବପର ହେବନାହିଁ, ଏହି ବିଶ୍ୱାସ ମୋର ଦାମ୍ଭିକ ହୃଦୟରେ ବଦ୍ଧମୂଳ ହୋଇ ରହିଥାଏ । ତଥାପି ମୁଁ ନିର୍ମଳ ମନରେ ମୋର ଯାବତୀୟ କାର୍ଯ୍ୟ ସମ୍ପାଦନରେ ଲାଗିଥାଏ । ରାଜା ସାହେବଙ୍କ ସହିତ ଦିନେ ସାକ୍ଷାତ କରି କୌଣସି ଅପ୍ରୀତିକର ଘଟଣା ନ ଘଟାଇବା ସକାଶେ ତାଙ୍କୁ ଅନୁରୋଧ କଲି । ତାଙ୍କ ବ୍ୟବହାରର ଏହି ଅଂଶତକ ଛାଡ଼ିଦେଲେ ମୋ ପ୍ରତି ତାଙ୍କ ବ୍ୟବହାର ସରଳତା ଓ ଦୟାପୂର୍ଣ୍ଣ । ଏହି ବିଶ୍ୱାସ ମୋର ଥାଏ । ଦିନେ ସେ ହସି ହସି କହିଲେ, "ଭାରତବାବୁ! ଆପଣ କିପରି ମନ୍ତ୍ରୀ ଏଥର ଦେଖାଯିବ । ଏଥର ଆପଣଙ୍କୁ ବିଷମ ସମସ୍ୟାର ସମ୍ମୁଖୀନ ହେବାକୁ ହେବ ।" ମୁଁ ମଧ ପରିହାସ ଛଳରେ କହିଲି, "ରାଜା ସାହେବ! ରାଜା ସର୍ବଦା ରାଜା ଓ ମନ୍ତ୍ରୀ ସର୍ବଦା ମନ୍ତ୍ରୀ । ଏଥର କ'ଣ ତାହାର ଅନ୍ୟଥା ହେବ? ଦେଖିବେ ।" ମୋ ମନରେ କିନ୍ତୁ ଶାନ୍ତି ନଥାଏ । ତଥାପି ହୃଦୟରେ ଦୃଢ଼ ବିଶ୍ୱାସ ଥାଏ ଯେ, ସତ୍ୟ ସମ୍ମୁଖରେ ମିଥ୍ୟା ଓ ପ୍ରବଞ୍ଚନାର ସର୍ବଦା ଓ ସର୍ବତ୍ର ପରାଜୟ । ରାଜାଙ୍କ ଜଣେ ଅତି ପାଖଲୋକଙ୍କୁ ଆୟତ୍ତ କଲି, ଓ ତାହାଦ୍ୱାରା ସମ୍ବାଦସମୂହ ସଂଗ୍ରହ କରିବାକୁ ଲାଗିଲି । କିନ୍ତୁ ଭାବୁଥାଏ, ତାହା କଥାରେ ବା ବିଶ୍ୱାସ କ'ଣ? ଯଦି ପ୍ରକୃତରେ ମୋ ବିରୁଦ୍ଧରେ ଷଡ଼ଯନ୍ତ୍ର ହେଉଥାଏ ତାହାହେଲେ ଅଭିଯୋଗଗୁଡ଼ିକର ଉତ୍ତର ସକାଶେ ମୁଁ ପ୍ରମାଣ ପାଇବି କାହୁଁ? ତାହା ସଙ୍ଗେ କିଛି ପରାମର୍ଶ କରିବି- ଏପରି ସୁଦ୍ଧା କେହି ନାହିଁ । ମୋର ସହକର୍ମୀମାନେ ତ ପ୍ରାୟ ସମସ୍ତେ ମୋ ବିପକ୍ଷରେ । ରାଜ୍ୟରେ ପ୍ରଜା ରାଜାଙ୍କର । କିଏ ମୋ ପକ୍ଷରେ ସାକ୍ଷ୍ୟ ଦେବ । ଏପରି ଉଦ୍‌ବେଗପୂର୍ଣ୍ଣ ଭାବନାର ସମୟ ମୋ ଜୀବନରେ କେବେ ଉପସ୍ଥିତ ହୋଇନଥିଲା । ମୋର ଇଚ୍ଛା ବିରୁଦ୍ଧରେ ମୁଁ ଏଠାକୁ ପ୍ରେରିତ ହୋଇଥିଲି । ଏହି ପଦ ସକାଶେ ମୁଁ କଦାପି ଲାଳାୟିତ ନଥିଲି । ଏହି ସମୟରେ ମୋର ଏକମାତ୍ର ସହାୟ ଭଗବାନଙ୍କ ଉପରେ ଅଟଳ ବିଶ୍ୱାସ । ପ୍ରତିଦିନ ପୂଜାଳୟକୁ ଯାଇ କାତର ପ୍ରାଣରେ ଭଗବାନଙ୍କୁ ଡାକେ, "ପ୍ରଭୋ! ଆଜି କି ଘଟଣା ଘଟିବ, ତହିଁର ସମାଧାନ ସକାଶେ ବୁଦ୍ଧି ଦିଅ ।" ଅନେକ ସମୟରେ ମୁଁ ଅନୁଭବ କରେ, ସେଠାରେ ମୁଁ ଯେଉଁ ପ୍ରେରଣା ପ୍ରାପ୍ତ ହୁଏ ତଦ୍ୱାରା ଅତ୍ୟନ୍ତ କଠିନ ସମସ୍ୟାର ମଧ ସମାଧାନ ହୋଇଯାଏ । ନିର୍ମଳ ମନ ଓ ସଦିଚ୍ଛାରେ ଅନ୍ତରାୟ କିଛି ନାହିଁ, ଏହା ମୁଁ ପ୍ରତ୍ୟକ୍ଷ ଭାବରେ ହୃଦୟଙ୍ଗମ କରେ । (କ୍ରମଶଃ)

## ପର୍ଦ୍ଦା ପଛର କଥା

ଭାଗ-୨୯

**ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।**



### ॥ ଜୟ ଜଗନ୍ନାଥ-୨ ॥

ଜୟ ଜଗନ୍ନାଥରେ ପୁଣିଥରେ ଖୋକା ଭାଇଙ୍କ ସାଥିରେ କାମ । ପୂର୍ବରୁ ଖୋକାଭାଇଙ୍କ ସହ ପରିଚିତି ପୂର୍ବ ଅଧ୍ୟାୟରେ ଲେଖିଛି, ଏଥରକ କହିଲେ 'ଗୀତ ଲେଖୁନୁ ଏଥିରେ?' କେଜାଣି କାହିଁକି ମୁଁ ମନା କରିଦେଲି । ମୋ ସାହାସ ପାଇଲାନି ଖୋକାଭାଇଙ୍କ ସାଥିରେ ଗୀତ ଲେଖିବାକୁ । ପାରମ୍ପରିକ ଶବ୍ଦ ଓ ଭାବର ପରୀକ୍ଷା ନିରୀକ୍ଷା । କହିଲି, 'ଆପଣଙ୍କ ଠାରୁ ଅଧିକା ଶବ୍ଦ ଯୋଡ଼ି ପାରିବିନି ।' ମୁଁ ସଂଳାପ ଲେଖିବା କଥା ଶୁଣି ଖୁସି ହେଇଥିଲେ ।

ଗୀତ ଲେଖିବା ପାଇଁ ବିନୋଦିନୀ ଦେବୀଙ୍କୁ ଡକାଗଲା । ଜଟଣୀରୁ ବିନୋଦିନୀ ଦେବୀ ଆସିଲେ । ବିନୋଦିନୀ ଦେବୀଙ୍କ ଗୀତ ରଚନାର ଶୈଳୀ ଟିକେ ନିଆରା । ସାଧାରଣତଃ ସେପରି କିଛି ବିଶେଷତଃ ନଥିଲେ ଖୋକାଭାଇ ଗୀତିକାରମାନଙ୍କୁ ସୁଯୋଗ ଦିଅନ୍ତିନି । ପୂର୍ବରୁ 'ତଅପୋଇ' ଚଳଚ୍ଚିତ୍ରରେ ବିନୋଦିନୀ ଦେବୀ ଗୀତ ଲେଖିଥିଲେ, ଆକାଶବାଣୀର ସ୍ୱୀକୃତିପ୍ରାପ୍ତ ଗୀତିକାର । ଅନେକ କମର୍‌ସିଆଲ ଗୀତ ମଧ ଖୋକାଭାଇଙ୍କ ପାଇଁ ଲେଖିଥାନ୍ତି । ମୁଁ ଗୀତ ସିଟିଂରେ ବସିଥାଏ । ବିନୋଦିନୀ ଦେବୀ ଗୀତ ଲେଖିଲେ । ପାରଂପାରିକ ଖାଣ୍ଟି ଓଡ଼ିଆ ଶବ୍ଦରେ ଗୀତଟି ଲେଖା ହେଲା । ଶ୍ରୀୟା ଚଣ୍ଡାଳୁଣୀଙ୍କ ପାଇଁ ଗୀତଟି ପ୍ରସ୍ତୁତ ହୋଇଥିଲା ।

ତେବେ ଗୀତ ସିଟିଂ ପୂର୍ବରୁ ମଜା କଥା ଘଟିଲା । ସେତେବେଳେ ଖୋକାଭାଇଙ୍କ ଦେହ ପ୍ରାୟତଃ ଭଲ ଲାଗୁନଥାଏ । ମଦ ପିଇବା ପାଇଁ ରେଷ୍ଟ୍ରିକ୍‌ସନ୍ । ଭାଉଜ ସବ୍ୟଦା'ଙ୍କୁ ଏକଥା କହିଥାନ୍ତି ଓ ସବ୍ୟଦା ମତେ ଦାୟିତ୍ୱ ଦେଇଥାନ୍ତି କାଳେ କେତେବେଳେ ଖୋକାଭାଇ ଡ୍ରିଂକ୍ସ ନେଇଯିବେ ଜଣାଇବାକୁ । ଆଚାର୍ଯ୍ୟ ବିହାରସ୍ଥିତ ଜୁବୁଲି ଷ୍ଟୁଡିଓରେ ବୈଠକ ହେଲା । ବୈଠକ ଶେଷରେ ଖୋକାଭାଇଙ୍କୁ ନେଇ କଟକ ଛାଡ଼ିବାର ଦାୟିତ୍ୱ ସବ୍ୟଦା' ମତେ ଦେଲେ । ଟ୍ୟାକ୍ସିରେ ମୁଁ ଖୋକାଭାଇ ଓ ସାମ୍ବାଦିକ ବଂଧୁ ସୂର୍ଯ୍ୟ ଦେଓ । ସୂର୍ଯ୍ୟଦେଓଙ୍କର ଖୋକାଭାଇଙ୍କ ସାଥିରେ ବେଶ ଭଲ ସଂପର୍କ ।

ହଠାତ୍ ରସୁଲଗଡ଼ ନିକଟରେ ଖୋକାଭାଇ କହିଲେ ଗାଡ଼ି ରଖ । ଏଠି କି କାମ! ପାଖରେ ମଦ ଦୋକାନ । ସୂର୍ଯ୍ୟଦେଓଙ୍କୁ ଧରି ଗାଡ଼ିରୁ ଓହ୍ଲାଇଲେ । ମତେ କହିଲେ, 'ମୁଁ ଜାଣିଛି ତୋର ଏସବୁ ଚଳେନା । ଭିଲିଆନ୍ ସବ୍ୟକୁ ଏସବୁ କହିବୁନି । କହିଲେ ଦେଖିବୁ ।' ଏକ ପ୍ରକାର ଧମକ । ମୋର ମନା କରିବାର ଚାରା ନଥିଲା । କିଛି ସମୟ ପରେ ଉଭୟେ ଫେରିଲେ । ସାଧାରଣ ଲୋକଙ୍କ ଭଳି ବ୍ୟବହାର । ବାଟସାରା ଅନେକ ଗପ, ଲେଖାଲେଖି ସଂଗୀତ ବିଷୟରେ ।

ମୁଁ କିନ୍ତୁ କଥା ରଖି ପାରିଲି ନାହିଁ । ଭୁବନେଶ୍ୱର ଫେରି ପ୍ରଥମେ ସବ୍ୟଦା'ଙ୍କୁ ଏକଥା ଜଣେଇ ଦେଲି । 'ଜୟ ଜଗନ୍ନାଥ' ଥିଲା ଅକ୍ଷୟ ମହାନ୍ତିଙ୍କ ନିର୍ଦ୍ଦେଶନାରେ ଶେଷ ଚଳଚ୍ଚିତ୍ର । ମୋର ସୌଭାଗ୍ୟ ମୁଁ ତାଙ୍କ ସହିତ ଏ ଚଳଚ୍ଚିତ୍ରରେ ଥିଲି ।

ପୁରୀ ଓ ମୁମ୍ବାଇରେ ଏ ଚଳଚ୍ଚିତ୍ରଟିର ସୁଟିଂ ଚାଲିଥିଲା । ମୋର ମନେ ଅଛି ଗୋଟିଏ ହୋଲିରେ ମୁଁ ରଙ୍ଗ ଖେଳ ଆରମ୍ଭ ହେବା ପୂର୍ବରୁ ସବ୍ୟଦା'ଙ୍କ ଶୈଳେଶ୍ରୀ ବିହାର ଘରେ ପହଞ୍ଚିଗଲି । ସେହିଦିନ ସ୍କ୍ରିପ୍ଟ ଫାଇନାଲ ହୋଇଥିଲା । ଏ ଚଳଚ୍ଚିତ୍ରଟିକୁ ନେଇ ମୁଁ ବହୁତ ଆଶାବାଦୀ ଥିଲି । ଅନେକ ପ୍ରଶଂସା ମଧ ପାଇଥିଲି । ମୁମ୍ବାଇରେ ମହୁରତ ହୋଇ ସୁଟିଂ ଆରମ୍ଭ ହୋଇଗଲା । ମୁଁ ଯୋଗ ଦେବାର ସୁଯୋଗ ହିଁ ନଥିଲା ।

ଯଥା ସମୟରେ ଚଳଚ୍ଚିତ୍ରର ସୁଟିଂ ସରିଲା । ଭୁବନେଶ୍ୱର କେଶରୀ ହଲ୍‌ରେ ଏକ ସ୍ୱତନ୍ତ୍ର ସୋ'ର ଆୟୋଜନ କରାଗଲା । ଓଡ଼ିଆ ଫିଲ୍ମ ଇଣ୍ଡଷ୍ଟ୍ରି ସହିତ ଜଡ଼ିତ ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ ଆସିଥିଲେ । ଚଳଚ୍ଚିତ୍ରଟିକୁ ସମସ୍ତେ ଉପଭୋଗ କଲେ । ମତେ ସମସ୍ତେ ପ୍ରଶଂସା କରିଥିଲେ । ତତ୍‌କାଳୀନ ଶିକ୍ଷାମନ୍ତ୍ରୀ ସମୀର ଦେ ମଧ ଆସିଥିଲେ । ମୁଁ ଅଧ୍ୟାପକ ଜାଣି ମତେ ବଧେଇ ଜଣାଇଥିଲେ ।

ସେଦିନର ଖୁସି ଅବର୍ଣ୍ଣନୀୟ । ମୁମ୍ବାଇରେ ଚଳଚ୍ଚିତ୍ରଟିର ରିଲିଜ୍ ହେଲା ଏକ ସ୍ୱତନ୍ତ୍ର ଉତ୍ସବରେ । ବଲିଉଡ୍‌ର ବହୁ କଳାକାର ପ୍ରଯୋଜକ ଆସିଥିଲେ, ଓଡ଼ିଶାରୁ ମଧ ଲିଡ୍ କଳାକାରମାନେ ଯାଇଥିଲେ । ସେଦିନ ଥିଲା ଗୁଣ୍ଡିଚା । ପବିତ୍ର ଶ୍ରୀ ଗୁଣ୍ଡିଚାରେ ମୁଁ ପୁରୀ ଯାଇ ଜଗନ୍ନାଥଙ୍କୁ ମୋର ଅଭିମାନ ଜଣାଇଥିଲି ।

ଚଳଚ୍ଚିତ୍ରଟି ଓଡ଼ିଶାରେ ମୁକ୍ତିଲାଭ କଲା, ମାତ୍ର ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲେ, ତା'ର କାରଣ ଏବେ ବି ଅସ୍ପଷ୍ଟ । କେଉଁ କାରଣରୁ ଏତେ ସୁନ୍ଦର ଚଳଚ୍ଚିତ୍ରଟିକୁ ଦର୍ଶକମାନେ ପ୍ରତ୍ୟାଖ୍ୟାନ କଲେ ବୁଝି ହେଲାନି । ଭାରି ଦୁଃଖ ଲାଗିଥିଲା । କିନ୍ତୁ ସିଡି ବିକ୍ରିରେ ଚଳଚ୍ଚିତ୍ରଟି ସବୁ ରେକର୍ଡ ଭାଙ୍ଗି ଦେଇଥିଲା । ବହୁ ପରିମାଣରେ ସିଡି ବିକ୍ରି ହୋଇଥିଲା । ଜାତୀୟ ସ୍ତରର ଚ୍ୟାନେଲ ମାନଙ୍କରେ 'ଜୟ ଜଗନ୍ନାଥ'ର ପ୍ରସାରଣ ଖୁବ୍ ଆମୋଦିତ କରୁଥିଲା ।

ଏତେ ସଂଖ୍ୟକ ଚଳଚ୍ଚିତ୍ରରେ ମୋର ସଂପୃକ୍ତି ମତେ ଯେତିକି ଆତ୍ମତୃପ୍ତି ନ ଦେଇଛି ଏକା 'ଜୟ ଜଗନ୍ନାଥ' ମତେ ଦେଇଛି । ଜଗନ୍ନାଥଙ୍କ ଆଶୀର୍ବାଦ ବୋଲି ମୁଁ ଧରି ନେଇଛି । 'ଜୟ ଜଗନ୍ନାଥ'ର ସଂଳାପ ନିମନ୍ତେ 'ବାଣୀଚିତ୍ର' ତଥା ଅନେକ ଅନୁଷ୍ଠାନ ଦ୍ୱାରା ମୁଁ ସମ୍ବର୍ଦ୍ଧିତ ହୋଇଥିଲି । (କ୍ରମଶଃ)

## କବିତା.... ଆମ ସମୟର

● ଅରୁଣ କୁମାର ସାହୁ



### ॥ ଶହୀଦ୍ ॥

ସୂର୍ଯ୍ୟୋଦୟ ଶିଖାଇଥିଲା ଅଫୁରନ୍ତ ସୌର୍ଯ୍ୟ ପରାକ୍ରମ
ସୂର୍ଯ୍ୟାସ୍ତ ଦେଖାଇଥିଲା ଫେରିବାର ସତ୍ୟ
କାରଗିଲ ପାହାଡ ଶିଖିର ସ୍ୱର୍ଗଯାଏ ରାସ୍ତା ଖୋଲିଥିଲା
ସିଆଚେନର ବରଫ ଭିତରେ ଲୁଚିଥିବା ଯମଦୂତମାନେ
ପୋତିଯାଇଥିବା ଗୋଡସବୁ ଟାଣି ନେଉଥିଲେ
ଏ ଆକାଶର ପକ୍ଷୀ ଆଉ ଶାନ୍ତିର କପୋତ ନଥିଲେ
ଗୁଳିର ଗୁଡୁମରେ ଦେଶଦ୍ରୋହ ଶିଖି ଯାଇଥିଲେ
ସରହଦର ସରଳରେଖା
ତୁମକୁ ଶହୀଦର ମନ୍ତ୍ର ଦେଇଥିଲା।

ଆକାଶ ଯେତେବେଳେ ନିରବ ନିସ୍ପନ୍ଦ
ଯୁଦ୍ଧମାଟି ଶୋଇଥାଏ ଧଳା କବରରେ
ଘାଟି ସେପାରିର ନିଃଶବ୍ଦ ପାଦଶବ୍ଦ
ଶୁଭୁଥାଏ ଏପାରିର ଛାତି ଦୁକଦୁକ୍
ଛୁଟୁଥାଏ ଧମନୀରେ ଗରମ ରକ୍ତର ସୁଅ
ବଞ୍ଚିବାର ସ୍ୱପ୍ନ ନୁହେଁ ମରିବାର ବିଜିଗିଷି ମନ
ମରିବାକୁ ବେଳ କାହିଁ ସୀମା ଏଠି ଜଗିଛି ଜୀବନ
ଏବେ ଆଉ ଯୁଦ୍ଧ ନାହିଁ ସୈନିକ ଶହୀଦ୍
କେବେ ଛାଉଣୀ ତ କେବେ ଘାଟିର ସୀମାରେ
କେବେ ପୁଣି ସୀମାପାରି ଜିହାଦୀ ବୋମାରେ।

ଶହୀଦର ଶବ ଯାଏ ଶହଶହ ମାଇଲ ଡେଇଁ
ଦୂରେ ବହୁଦୂରେ ଗାଆଁ ଶ୍ମଶାନକୁ
ଶହଶହ ପଟୁଆର ଛୁଟିଆସେ ଗାଆଁ ପୁଅ ପାଇଁ
ମାଟି ପାଇଁ ଘାଟୀ ଜଗିଥିବା ମାଟିର ପୁଅକୁ
ବିଦାୟ ସଲାମ ଦେବାକୁ ହେବ ଆଖିର ଲୁହରେ।

ବାପାର ଶକ୍ତ କାନ୍ଧ ଆଜି ଦୋହଲି ଯାଉଛି
ସବଳ ଅଣ୍ଟାରେ ଆଉ ବଳ ପାଉନାହିଁ
ମାଆ ଆଖିର ସବୁ ପାଣି ଆଜି କ'ଣ ଶୁଖିବାର ଥିଲା
ସରାଗର ଶେଷ ସତ୍କାରରେ।
ତ୍ରିରଙ୍ଗାର ରଂଗ ସବୁ ଫିକା କରି
ଶ୍ୱେତବର୍ଣ୍ଣା ଛାୟା ମୂର୍ତ୍ତି ଠିଆ ଟିକେ ଦୂରେ
ବୀରବାଦ୍ୟର ତାଳରେ ଆଜି ଅସ୍ତମିତ ରୁଣୁଝୁଣୁ
ଅସ୍ତମିତ ବି ଅଳତା ସିନ୍ଦୁର ଓ ଯେତେ ସବୁ ଲାଲରଙ୍ଗ
ବନ୍ଦେ ମାତରମ୍ ଓ ଅମରରହେର ନାରା ଉଚ୍ଛୁଳି ଉଠୁଛି
ଚିତାଗ୍ନିର ନମ୍ର କମ୍ର ଶାନ୍ତ ବହ୍ନି ପରି।

ଚିତା ଜଳୁଛିତ ଜଳୁ ଆହୁରି ଜଳିବ ପୁଣି ସେ ଲିଭିବ
ଚାଲ ସବୁ ଫେରିଯିବା ନିଜନିଜ ରଣାଙ୍ଗନ ଆଡେ
ଚାକିରୀ ପେଶା ଓ ରାଜନୀତିର ବେପାର ଦେଖିବା
ଦେଶପ୍ରେମୀ ଓ ଦେଶଦ୍ରୋହୀର ଖେଳ ଖେଳୁଥିବା
ଦେଶକୁ ଟୁକୁଡା ଟୁକୁଡା କରିବାର ସ୍ୱପ୍ନ ବି ବୁଣିବା
ପରାଧୀନତାର ରାଶିରାଶି ଇତିହାସ ପଢି
ଗର୍ଭବତୀ କରାଇବା ଅବୋଧ ମଣିଷର ମନର ଗର୍ଭରେ
ତେବେ ସିନା ଜନ୍ମହେବ ନୂଆ କିଛି
ପାକିସ୍ତାନ ଅବା ଖଲିସ୍ତାନ
ତେବେ ସିନା ବିକଶିତ ଗଣତନ୍ତ୍ରର ଆମେ ପତାକା ଧରିବା
ତେବେ ସିନା ଘାଟି ହେଉ କି ମାଟି ହେଉ
ମିଗ୍ ରାଫେଲ କି ଚପୋରରେ ତୁମ ବଳିଦାନ
ସାର୍ଥକ ହେବ ଦେଶଦ୍ରୋହୀର ନାରା ଶୁଣୁଶୁଣୁ
ତେବେ ସିନା ବନ୍ଦହେବ
ଲକ୍ଷଲକ୍ଷ ସଧବାଙ୍କ ଚୁଡି ରୁଣୁଝୁଣୁ।

ହେ ଶହୀଦ କ୍ଷମାକର କ୍ଷମାକର
ଯୁଦ୍ଧରେ ଜିତିଥିବା ତୁମ ଭୂମି ସବୁ
ଦସ୍ତାବିଜର ଦସ୍ତଖତରେ ଆମେ ହରାଇ ଦେଇଛୁ
ତୁମ ଶହଶହ ଉଜାଗର ରାତି ଆମେ ନିଲାମ କରିଛୁ
ହେ ଶହୀଦ ଶାନ୍ତ ହୁଅ ଶାନ୍ତକର ଦେଶର ମାଟିକୁ
ତୁମ ଶରୀରର ଲକ୍ଷେ ରକ୍ତ ବିନ୍ଦୁ ଦେଇ
ହେ ଶହୀଦ କ୍ଷମାକର ତୁମେ ଆମ ତିନି ପୁରୁଷଙ୍କୁ
ତୁମ ଉଜୁଡା ସଂସାରର ବିବର୍ଣ୍ଣତା ପାଇଁ
ହେ ଶହୀଦ ଭୁଲିଯାଅ ଭୁଲିଯାଅ କୃତଘ୍ନ ଜାତିକୁ
କୃତଜ୍ଞ ଦେଶବାସୀଙ୍କ କୃତଜ୍ଞତାର ପୂଜାଫୁଲ ନେଇ।

♥ ଡିଜିଏମ( ନାଲକୋ)
ମୋ: ୯୪୩୭୧୫୫୬୧୭

● ମନୋଜ ପଟ୍ଟନାୟକ

### ॥ ହେ ସମୟ ! ॥



ତୁମେ ମୋ'ର ପୁନେଇର ଜହ୍ନରାତି
ପୁଣି ଅମେଇସା ଅଧରାତି
ତୁମେ ମୋ'ର ମନଛୁଆଁ ମିଠା ଗୀତି
ପୁଣି ମନଦୁହାଁ ଦୁଷ୍ଟ ତାତି ।

ତୁମେ ଆଣିଥାଅ ପାହାନ୍ତି ପହରେ
ମିଥୁନ ଆଶାର ଲଗ୍ନ
ତୁମେ ପୁଣି ଦିଅ ଦିନ ଦ'ପହରେ
ରୋମାଞ୍ଚର ପୋଡ଼ା ସ୍ୱପ୍ନ,
ହେ ସମୟ !
ତୁମେ ମୋ'ର ସୁଖଝରା ସଞ୍ଜବତି
ପୁଣି ଅଶ୍ରୁଭରା ଭଙ୍ଗା ଛାତି ।
ହେ ସମୟ !
ତୁମେ ମୋ'ର ପୁନେଇର .....

ତୁମେ ଦେଇଯାଅ ଋତୁରେ ଋତୁରେ
କୁଆଡୁ କେତେଯେ' ରଙ୍ଗ
ତୁମେ ପୁଣି ମୋଡ଼ ବେଳ ଅବେଳରେ
ଜୀବନ ଡଙ୍ଗାର ମଙ୍ଗ,
ହେ ସମୟ !
ତୁମେ ମୋ'ର ଷଠୀଘର ଶୁଭ ତିଥି
ପୁଣି ମଶାଣିର ଶେଷ ପ୍ରୀତି ।
ହେ ସମୟ !
ତୁମେ ମୋ'ର ପୁନେଇର.....

♥ ଆଶ୍ରୟ, ଡି/୯୯, ସେକ୍ଟର-୭
ମର୍କତନଗର, କଟକ-୧୪
(ମୋ) ୭୩୮୧୩୦୮୫୫୯

● ସୁପ୍ରଭା ସାମଲ

### ॥ ଶୀତ ସ୍ମୃତି ॥



ସୋରିଷ ଫୁଲର ସୁନେଲି ପେନ୍ଥାରେ
ଶୀତ ଯେବେ ଲେଖିଦିଏ
ପ୍ରଣୟ କବିତା
ତମ କଥା କାହିଁ ମନେ ପଡେ ଏତେ...
ଆଜିକାଲି ଆଖିରେ ମୋ ଲୁହର ସମୁଦ୍ର
ଯାତନାର ଢେଉ
ତମ ପାଇଁ ଅପେକ୍ଷାର
ମୁହୂର୍ତ୍ତ ଯେ ନିରବରେ ବିତେ...।

ହୃଦୟର କୋହ ଯେତେ
ଲୁହ ହେଇ ଝରିଯାଏ
ବାଧା ସେ ମାନେନା
ଯନ୍ତ୍ରଣାର ଜଉ ଘରେ ଜଳୁଥାଏ ସ୍ମୃତି...
ବିରହର ନିଆଁ ଧାସେ
ଅହରହ ଜଳିଲେ ବି
ମନ କେବେ ବୁଝେ ନାହିଁ
ଆମ ପାଇଁ ଦାଉ ସାଧେ ନିଷ୍ଠୁର ନିୟତି...।

ବେଳେ ବେଳେ ସ୍ମୃତି ଏକ ଫୁଲବଣ
ଦୋଳକାଏ ଶୀତଳ ପବନେ
ବାସ ତାର ଛୁଇଁଦିଏ ନିଭୃତ ଅନ୍ତର...
କେବେ ପୁଣି କଷ୍ଟ ଦିଏ
ଉଖୁରାଇ ଦେଇ ପୁରୁଣା କ୍ଷତକୁ
ଝରିଯାଏ ଆଦେଖା ରୁଧିର...

ମନ ସେ ତ ମାନେନାହିଁ
ବୋଲ ଜମା ଶୁଣେନାହିଁ
ବାରମ୍ବାର ପାଇଲେବି
କଣ୍ଟାର ଆଘାତ
ହୁଏନାହିଁ କେବେ ମୋହ ଭଙ୍ଗ...
କ୍ଷତାକ୍ତ ହୃଦୟ ନେଇ
ତଥାପି ସେ ଧାଇଁ ଥାଏ
ଜଳିବାକୁ ଅନଳ ଧାସରେ
ସାଜି ଗୋଟେ ନିରୀହ ପତଙ୍ଗ...।

♥ କୋଠପଦା, ମାହାଙ୍ଗା, କଟକ
(ମୋ)୬୩୭୧୬୯୯୮୧୫

● ବିଜନ ରାୟ

### ॥ ଫେରିଯା ପକ୍ଷୀ ॥



ଜଳିଲାଣି ଦୂରେ ସଂଜ ଦିହୁଡି ନଇଁ ଆସିଲାଣି ରାତି !
କୋଳାହଳ ଧୀରେ ଗଲାଣି ଧିମେଇ ଦିନ ତ ଗଲାଣି ବିତି !!

ପଶ୍ଚିମ ତଟ ସିନ୍ଦୁରମୟ ଏ ବିଦାୟବେଳା ଲେଖା !
ଡୁବି ଡୁବି ଯାଏ ରଙ୍ଗ ରୋଷଣୀ ଜ୍ୟୋତି ବି ହେଲାଣି ଫିକା !!

ପାହାଡ଼ ସେପଟେ ଘନ ଅନ୍ଧାର ଡ଼ାକିଲାଣି ହାତ ଠାରି !
ହେଲାଣି ଉଛୁର ଫେରିବାର ବେଳ ଯା ତୁ ପକ୍ଷୀ ଫେରି !!

ମଉଳି ଗଲାଣି ସକାଳର ଫୁଲ ନିମିଷକେ ଯିବ ଝଡି !
ମୁକୁଳି ଆସୁଛି ପତର ଡେମ୍ଫୁ ନବ କଳିକାର କଢି !!

ଡାକୁଛି ତରେଇ ଖୋଲିଦେବ ତରୀ
ଯା ତୁ ଘରେ ଯା !
ସରିଲାଣି ହାଟ ଶୋଇଯିବ ବାଟ ଡ଼ାକିଲାଣି ତୋର ଗାଁ !!

ଫେରିଯା' ପାନ୍ଥ ପାନ୍ଥଶାଳାରେ ହୁଏ ବିଶ୍ରାମ ଘଡି !
ଲିଭି ଲିଭି ଯାଏ ବାଲି ବୁକୁ ପାଦ ବିଜନତା ଆସେ ମାଡି !!

ଉତ୍ସାହ ନେଇ ଆସେ ଆରମ୍ଭ ପୁଣି ହୁଏ ତାର ଇତି !
ଇତି କବରରୁ ନୂତନ ଜନ୍ମି ଗାଏ ଜୀବନର ଗୀତି !!

♥ ସି ଏଚ ପି -୬୦, କାନନ ବିହାର ଫେଜ -୧, ଭୁବନେଶ୍ୱର -୩୧

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର, ୧୯ ଡିସେମ୍ବର, ୨୦୨୧


## ପ୍ରେମରେ ପ୍ରେମରେ ଗୀତି ....(୨୮)



### ॥ ମୋ ମନ ବୁଝେନା ପ୍ରିୟେ ॥

କହି ପାରିବକି ତୁମ ଆଖି କାହିଁ
ସବୁବେଳେ ମିଛ କହେ,
ମିଛ ପଛେ ଏକ ସତ କାହାଣୀଟେ
କହୁକହୁ କହି ଦିଏ ।

କେବେ ଲୁହ ପୋଛି ହସିଦେଇ କୁହେ
ତୁମକୁ ପାରୁନି ଭୁଲି,
କେବେ ମୁହଁ ପୋତି ନଖେ କାଟେ ଗାର
ଶାଶୁଘର ଭଲ ବୋଲି,
ତୁମ କଥାକୁହା ଆଖିକୁ କାହିଁକି
ଶ୍ରାବଣ ଅଦିନେ ଛୁଏଁ ।

ମାପିଛି ମୁଁ ତୁମ ଲୁହର ସାଗର
ଗଭୀରତା ତା'ର କେତେ,
ସାତ ସାଗରର ଲୁହ ପରେ ଜାଗା
ବଳକା ଯାହାକୁ ଯେତେ,
ଦୁଃଖକୁ ତୁମର ଚାପିଦେଇ ପାର
ମୋ' ମନ ବୁଝେନା ପ୍ରିୟେ ।


■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧






## ସାଂପ୍ରତିକ

# ଛୋଟ ଛୁଆଙ୍କ ପାଠପଢ଼ା

**ସୁବ୍ରତ ପଟ୍ଟନାୟକ**



ଓଡ଼ିଶାରେ ସରକାରୀ ପ୍ରାଥମିକ ବିଦ୍ୟାଳୟର ସ୍ଥିତି କ'ଣ ? କେମିତି ଚାଲିଛି ପାଠପଢ଼ା ? ସ୍କୁଲରେ ଆବଶ୍ୟକ ସଂଖ୍ୟାରେ ଶିକ୍ଷକ ଅଛନ୍ତି କି ? ରାଜ୍ୟ ବିଦ୍ୟାଳୟ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଆମକୁ ସୂଚନା ଦେଇଛନ୍ତି- ଓଡ଼ିଶାରେ ପ୍ରାଥମିକ ସ୍କୁଲ ଗୁଡ଼ିକ ଠିକ୍‌ଠାକ୍ ଚାଲିଛି । କେଉଁଠି ଓଲମ ବିଲମ ନାହିଁ । ଶିକ୍ଷକ ନଥିବା ସ୍କୁଲ ଆଦୌ ନାହିଁ । ମନ୍ତ୍ରୀ ସମୀର ରଞ୍ଜନଙ୍କୁ ଆମର ଅଶେଷ ଧନ୍ୟବାଦ ।

ସମୀର ଘୋଷଣା କରିଛନ୍ତି- ଗୋଟିଏ ସ୍କୁଲରେ ଯେତେ କମ୍ ସଂଖ୍ୟକ ଛାତ୍ରଛାତ୍ରୀ ଥାଆନ୍ତୁ ନା କାହିଁକି, ସେଠାରେ ସର୍ବନିମ୍ନ ଦୁଇଜଣ ଶିକ୍ଷକ ନିଯୁକ୍ତ ପାଇବେ । ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କ ଅନୁପାତ ୨୭:୧ ନୀତିରେ ବି ଆବଶ୍ୟକସ୍ଥଳେ କୋହଳ କରାଯିବ । ଉଭୟେ ପିଲା ଓ ଅଭିଭାବକ ନିଶ୍ଚୟ ଖୁସି ହେବେ, ଏଥିରେ ସନ୍ଦେହ ନାହିଁ ।

ପ୍ରକୃତରେ, ଓଡ଼ିଶା ପ୍ରାଥମିକ ସ୍କୁଲର ବାସ୍ତବ ଚିତ୍ର କଣ, ତାହା ଜାଣିବାକୁ ଏହି ମୁକ୍ତବୃତ୍ତ ସ୍ତମ୍ଭକାର ଚେଷ୍ଟା କରିଥିଲା । ଦେଖାଗଲା, ଯାହା କୁହାଯାଉଛି, ତାହା ଘଟୁନାହିଁ । କେଉଁଠି ପାଞ୍ଚଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଅଛନ୍ତି ତ କେଉଁଠି ଶୂନ୍ । କେନ୍ଦୁଝର ଜିଲ୍ଲାରେ ପ୍ରାଥମିକ ସ୍କୁଲର ଅବସ୍ଥା ବେହାଲ୍ । ଆମେ ସଂଗ୍ରହ କରିଥିବା ଗୁପ୍ତ ତଥ୍ୟ ପ୍ରଘଟ କରୁଚେ । କେନ୍ଦୁଝର ଜିଲ୍ଲାରେ ମୋଟ ବ୍ଲକ୍ ସଂଖ୍ୟା ୧୩ । ଏଠାରେ ଯେତେ ପ୍ରାଥମିକ ସ୍କୁଲ ରହିଛି, ତନ୍ମଧ୍ୟରୁ ୩୮୦ଟି ବିଦ୍ୟାଳୟ, ବାଂଶପାଳ ୪୧, ଚମ୍ପୁଆ ୪୨, ଘଷିପୁରା ୨୭, ଘଟଗାଁ ୧୯, କେନ୍ଦୁଝର ସଦର ୩୪, ପାଟଣା-୨୮, ସାହାରପଡ଼ା ୩୧, ତେଲକୋଇ ୩୦ଟି ପ୍ରାଥମିକ ବିଦ୍ୟାଳୟରେ ମାତ୍ର ଜଣେ ଲେଖାଏଁ ଶିକ୍ଷକ ଅଛନ୍ତି । ଦୁର୍ଭାଗ୍ୟର ବିଷୟ, ୧୯ଟି ପ୍ରାଥମିକ ବିଦ୍ୟାଳୟରେ ଆଦୌ ଶିକ୍ଷକ ନାହାଁନ୍ତି । ସେଥି ମଧ୍ୟରୁ ଆନନ୍ଦପୁର ବ୍ଲକରେ ୩ଟି, ଚମ୍ପୁଆ ବ୍ଲକ୍‌ରେ ୪ଟି, ଘଟଗାଁ ବ୍ଲକ୍‌ରେ ୩ଟି, ହରିଚନ୍ଦନପୁର ବ୍ଲକ୍‌ରେ ୧ଟି, ହାଟଡିହି ବ୍ଲକ୍‌ରେ ୩ଟି, ଝୁମ୍ପୁରା ବ୍ଲକରେ ୧ଟି, ସାହାରପଡ଼ା ବ୍ଲକରେ ୩ଟି, ତେଲକୋଇ ବ୍ଲକରେ ୧ ଟି ବିଦ୍ୟାଳୟରେ ଆଦୌ ଶିକ୍ଷକ ନାହାନ୍ତି । ହାଟଡିହି ବ୍ଲକ୍‌ରେ ଆଦୌ ଶିକ୍ଷକ ନଥିବା ସ୍କୁଲର ନାମ- ଡଙ୍ଗୁରୀ ପ୍ରାଥମିକ ବିଦ୍ୟାଳୟ, ବାଲିଆ ପ୍ରାଥମିକ ବିଦ୍ୟାଳୟ ଓ ଶିଳପୋଖରୀ ପ୍ରାଥମିକ ବିଦ୍ୟାଳୟ । ଏସବୁ ବିଦ୍ୟାଳୟରେ ପାଠପଢ଼ା ସମ୍ପୂର୍ଣ୍ଣ ଠପ୍ । ଆଶ୍ଚର୍ଯ୍ୟର ବିଷୟ, କେତେକ ସ୍କୁଲରେ ଆବଶ୍ୟକତାଠୁ ଅଧିକ ଶିକ୍ଷକ ଗାଦି ମାଡ଼ି ବସିଛନ୍ତି । ଏହି ଶିକ୍ଷକଙ୍କ ସଂଖ୍ୟା ୪୩୦ ।

> ପ୍ରକୃତରେ, ଓଡ଼ିଶା ପ୍ରାଥମିକ ସ୍କୁଲର ବାସ୍ତବ ଚିତ୍ର କଣ, ତାହା ଜାଣିବାକୁ ଏହି ମୁକ୍ତବୃତ୍ତ ସ୍ତମ୍ଭକାର ଚେଷ୍ଟା କରିଥିଲା । ଦେଖାଗଲା, ଯାହା କୁହାଯାଉଛି, ତାହା ଘଟୁନାହିଁ । କେଉଁଠି ପାଞ୍ଚଟି ଶ୍ରେଣୀ ପାଇଁ ଜଣେ ଶିକ୍ଷକ ଅଛନ୍ତି ତ କେଉଁଠି ଶୂନ୍ । କେନ୍ଦୁଝର ଜିଲ୍ଲାରେ ପ୍ରାଥମିକ ସ୍କୁଲର ଅବସ୍ଥା ବେହାଲ୍ । ଆମେ ସଂଗ୍ରହ କରିଥିବା ଗୁପ୍ତ ତଥ୍ୟ ପ୍ରଘଟ କରୁଚେ । କେନ୍ଦୁଝର ଜିଲ୍ଲାରେ ମୋଟ ବ୍ଲକ୍ ସଂଖ୍ୟା ୧୩ ।

ଆନନ୍ଦପୁର ବ୍ଲକରେ ୨୯ଜଣ, ବାଂଶପାଳରେ ୪୧ଜଣ, ଚମ୍ପୁଆରେ ୩୧ଜଣ, ଘଷିପୁରାରେ ୨୭ଜଣ, ଘଟଗାଁରେ ୩୮ଜଣ, ହରିଚନ୍ଦନପୁରରେ ୫୦ଜଣ, ହାଟଡିହିରେ ୨୨ଜଣ, ଝୁମ୍ପୁରାରେ ୩୦ଜଣ, ଯୋଡ଼ାରେ ୧୯ଜଣ, କେନ୍ଦୁଝର ସଦରରେ ୩୪ଜଣ, ପାଟଣାରେ ୩୨ଜଣ ଶିକ୍ଷକ ଅଧିକ ଅଛନ୍ତି । କେବଳ ହାଟଡିହି ବ୍ଲକରେ ମୋଟ ୧୯ଟି ସ୍କୁଲରେ ଶିକ୍ଷକ ସଂକଟ ବା ମରୁଡ଼ି ଥିବାବେଳେ, ୨୨ଜଣଙ୍କୁ ଆବଶ୍ୟକତାଠୁ ଅଧିକ ସ୍କୁଲରେ ଥଇଥାନ କରାଯାଇଛି । ଏଭଳି ବିଚିତ୍ର କାରବାର ଘଟୁଛି କାହିଁକି ? କେନ୍ଦୁଝର ଜିଲ୍ଲା ଶିକ୍ଷାଧିକାରୀ ଡିଇଓ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସେ କହିଲେ, ଅଳ୍ପଦିନ ହେବ ସେ କେନ୍ଦୁଝରକୁ ବଦଳି ହୋଇ ଆସିଛନ୍ତି । ଖୁବ୍ ଶୀଘ୍ର ସମସ୍ୟାର ସମାଧାନ କରାଯିବ । ଏହି ମୁକ୍ତବୃତ୍ତ ସ୍ତମ୍ଭକାର ହାଟଡିହି ବିଇଓ କ୍ଷେତ୍ରମୋହନ ହାଁସଦାଙ୍କ ସହିତ ଆଲୋଚନା କରିଥିଲା । ତାଙ୍କ ଉତ୍ତର ଶୁଣି ଆମେ କପାଳରେ ହାତ ଦେଲୁ । ସେ କହିଲେ, ତାଙ୍କୁ ଘଟଗାଁ ବିଇଓ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି । ମାତ୍ର ଏହା ସହିତ ତାଙ୍କୁ ଆନନ୍ଦପୁର ଓ ହାଟଡିହିର ବିଇଓ ଭାବେ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି । ଅର୍ଥାତ୍ ସେ ଏକକାଳୀନ ତିନୋଟି ବ୍ଲକ୍‌ର ବିଇଓ ଦାୟିତ୍ୱ ତୁଲାଉଛନ୍ତି । ହାଟଡିହିରୁ ଘଟଗାଁର ଦୂରତା ୫୫ କିଲୋମିଟର । ସପ୍ତାହକୁ ସେ କେତେଥର ହାଟଡିହି ବିଇଓ ଅଫିସ୍‌କୁ ଆସି ପାରିବେ ? ଆନନ୍ଦପୁର ତ ଆଉ ଏକ ବୋଝ । ଘରର ମୁରବି ନଥିଲେ ଅବସ୍ଥା ଯାହା, ହାଟଡିହି ଓ ଆନନ୍ଦପୁରର ଅବସ୍ଥା ସେୟା । ଶିକ୍ଷକ ନିଯୁକ୍ତି ଓ ବଦଳି ଆଦିରେ ବ୍ୟାପକ କିଳାପୋତେଇ କାରବାର ଚାଲିଛି । ଯାହାଫଳରେ ଶହ ଶହ ଶିକ୍ଷକ ବର୍ଷ ବର୍ଷ ଧରି ରସାଳିଆ ସ୍କୁଲରେ ରହୁଛନ୍ତି । ସେପଟେ ଗଣ୍ଡା ଗଣ୍ଡା ସ୍କୁଲରେ ଶିକ୍ଷକ ମରୁଡ଼ି ଦେଖା ଦେଉଚି । ବିଇଓଙ୍କ ହାଜିରା ପଡୁ ନଥିବାରୁ ଏବିଇଓ, ବିଆର୍‌ସି ଓ ସିଆର୍‌ସିଙ୍କ କଟ୍ଟେ ପୁଅ ବାର୍ । ଓଲେଇ ବିଲେଇକୁ ମାଗୁର ମାଛ ଝାଲ୍ ଜଗେଇବା ସାର । ଆମେ କେନ୍ଦୁଝର ଜିଲ୍ଲା ପ୍ରାଥମିକ ବିଦ୍ୟାଳୟର ତଥ୍ୟ ପ୍ରଦାନ କଲୁ । ଓଡ଼ିଶାର ଅନ୍ୟ ଜିଲ୍ଲା ଗୁଡ଼ିକରେ କଣ ଘଟୁଛି ନଘଟୁଛି ତାହା ଅନୁସନ୍ଧାନରୁ ଜଣାପଡିବ । ତେବେ, ଗଣଶିକ୍ଷାମନ୍ତ୍ରୀ, ସମୀର ରଞ୍ଜନ ଓ ବ୍ୟାଚେଲର୍ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଆମର ବିନମ୍ର ନିବେଦନ, କେନ୍ଦୁଝର ଜିଲ୍ଲା ପ୍ରତି ସେମାନେ ତୀକ୍ଷ୍ଣ ନଜର ଦିଅନ୍ତୁ । ଲଗାମ୍‌ଛଡ଼ାଙ୍କ ଉପରେ ତୁରନ୍ତ ରୋକ୍ ଲଗାଯାଉ । ନହେଲେ ନେଡିଗୁଡ଼ କହୁଣୀକୁ ବହିଗଲେ ଅବସ୍ଥା ଅସମ୍ଭାଳ ହେବ । ଜୟ ଜଗନ୍ନାଥ ।


♥ ଓରାଳି, କେନ୍ଦୁଝର
ମୋ: ୯୯୩୭୭୯୧୨୪୪




## ଧାରାବାହିକ ଉପନ୍ୟାସ

# ରାଜନୀତି


**ସୃଷ୍ଟିଧର ପରିଡ଼ା**

♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ) ୯୪୩୭୦୬୩୭୦୫




> ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ । ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ

ଭାଗ-୧୬

(ପୂର୍ବ ପ୍ରକାଶିତ ଉତ୍ତାରୁ..)


ତେଣୁ ସିଏ ଚାକିରୀରୁ ସ୍ୱୟଂ ନେଇଥିଲା ଅବ୍ୟାହତି ।

ପ୍ରାଚୀପ୍ରଭାର ଏ ପ୍ରକାର ଅସ୍ଥିରତାକୁ ଅନୁଭବ କରିପାରୁଥିଲା ଅଭିଷେକ । ଯେତେବେଳେ ପ୍ରାଚୀପ୍ରଭା କୌଣସି ମାନସିକ ଦ୍ୱନ୍ଦ୍ୱରେ ଅସ୍ଥିର ହୁଏ ସେତେବେଳେ ତାକୁ ହିଁ ଫୋନ୍ କରେ । ତାକୁ ଦେଖା କରିବାକୁ କୁହେ । ଅଭିଷେକ ତା' ଠାରୁ ତା'ର କାହାଣୀ ଶୁଣେ । ପ୍ରାଚୀପ୍ରଭା କହେ ବର୍ତ୍ତମାନ ପରିସ୍ଥିତିରେ ସେ ଯଦି ଝିଅଟିଏ ନହୋଇ ପୁଅ ପିଲାଟେ ହୋଇଥାନ୍ତା ତେବେ ସମସ୍ତଙ୍କୁ ମୁହଁତୋଡ ଜବାବ ଦେଇପାରନ୍ତା । କିନ୍ତୁ ଦୁର୍ଭାଗ୍ୟ ସିଏ ଝିଅଟିଏ । ଅବ୍ୟବସ୍ଥା ବିରୁଦ୍ଧରେ କଣ ବା କରିପାରିବ ଏକାଏକା ? କେତେଦିନ ନାଚିବ ଅନ୍ୟର ଇସାରାରେ ? ଭାବିଥିଲା ଆତ୍ମନିର୍ଭରଶୀଳ ହେଲେ, କୌଣସି ଗୋଟିଏ ଉଚ୍ଚ ପଦବୀରେ ରହିଲେ ଅନ୍ତତଃ ଦୁର୍ନୀତିର ମୂଳୋତ୍ପାଟନ କରିବା ସହଜ ହେବ । କିନ୍ତୁ ବାସ୍ତବ କ୍ଷେତ୍ରରେ ଘଟିଲା ଓଲଟା । ମୂଳୋତ୍ପାଟନ କରିବା ତ ଦୂରର କଥା ବରଂ ପଙ୍କରେ ପାଦେ ପାଦେ କରି ସେ ପୋତି ହୋଇ ଚାଲିଥିଲା ଚାପରେ ଏବଂ ତା' ଇଚ୍ଛା ଅନିଚ୍ଛା ସବୁ ହୋଇଯାଇଥିଲା ଗୁରୁତ୍ୱହୀନ ।

ଅଭିଷେକ ବି କିଛି କହିପାରେ ନାହିଁ । କାରଣ ଶୁଣିବା ଛଡ଼ା କିଛି କରି ପାରିବାର ଶକ୍ତି ତା ପାଖରେ ନାହିଁ ଯେତେବେଳେ, ସେ କେବଳ ଯାହା ସାନ୍ତ୍ୱନା ଦେଇ କୁହେ, ଅପେକ୍ଷା କର, ସମୟ ହିଁ ସବୁ ସମସ୍ୟାର ସମାଧାନ କରିଦେବ ।

ଉଦାସ ପ୍ରାଚୀପ୍ରଭା ଚାହେଁ ଅଭିଷେକକୁ । ଅଭିଷେକ ଆଖିରେ ଦିଶୁଥିବା ଆତ୍ମବିଶ୍ୱାସରେ ଅବଗାହନ କରେ । ସେଇ ଚାହାଣୀ ଭିତରେ ଅଭିଷେକକୁ ମୁଗ୍ଧ କରେ ପ୍ରଚୀପ୍ରଭାର ଚିନ୍ତାଧାରା ଓ ବ୍ୟକ୍ତିତ୍ୱ। ତା' ମନର କାନ୍‌ଭାସ୍‌ରେ ଆଙ୍କି ହୋଇଯାଏ ପ୍ରାଚୀପ୍ରଭାର ଛବି । ସତେ ଯେମିତି ସେ ଛବି କୋଉ ଜନ୍ମରୁ ତା'ର ଏକାନ୍ତ ଆପଣାର !

ସମୟର ବୟସ ଗଡ଼ି ଚାଲିଥାଏ । ପ୍ରାଚୀପ୍ରଭା ଓ ଅଭିଷେକ ସେଇ ସମୟ ସ୍ରୋତରେ ଭାସି ଚାଲିଥାନ୍ତି । ଦିନେ ଘଟିଲା ଗୋଟିଏ ଆକସ୍ମିକ ଘଟଣା । ପ୍ରାଚୀପ୍ରଭାକୁ ସାଙ୍ଗରେ ନେଇ ଅଭିଷେକ ପହଞ୍ଚିଲା ତାଙ୍କ ଘରେ।

ଅଭିଷେକ ସହିତ ଝିଅପିଲାଟିକୁ ଦେଖି ସ୍ୱତଃ ବିସ୍ମିତ ହୋଇପଡିଥିଲା ମୌସୁମୀ ।

ଅଭିଷେକ ପରିଚୟ କରେଇଦେଲା - ମା' ! ଇଏ ପ୍ରାଚୀପ୍ରଭା ! ଆମେ ଦୁହେଁ ଗୋଟିଏ କଲେଜରେ ପଢୁଥିଲୁଁ । ଏକାଠି ଡିଗ୍ରୀ ବି କରିଥିଲୁ । ତା' ବାପା ଅନେକ ଦିନୁ ଚାଲିଯାଇଥିଲେ ଆଉ ନିକଟରେ ମା' ମଧ ଚାଲିଗଲେ ହାର୍ଟଷ୍ଟ୍ରୋକ୍‌ରେ । ଏବେ ସେ ସମ୍ପୂର୍ଣ୍ଣ ଏକା ।

ମୌସୁମୀ ପ୍ରଥମେ ଅଭିଷେକକୁ ଚାହିଁଲା, ପରେ ଝିଅଟିକୁ । କଣ କହିବାକୁ ଚାହୁଁଛି ଅଭି ? କେବେ ଦିନେ କୌଣସି ଝିଅଙ୍କ ବିଷୟରେ କହିନଥିବା ପୁଅ ଜଣେ ଝିଅ ସାଙ୍ଗକୁ ଧରି ଘରକୁ ଆସିଛି !

ମା'ର ନିରବତାକୁ ଦେଖି ଅଭିଷେକ କହିଥିଲା - ମା' ! ପ୍ରାଚୀପ୍ରଭା ଭଲ କବିତା ଲେଖେ । ଜଣେ ସମାଜସେବୀ ବି । ଓଜସ୍ୱୀ ବକ୍ତା ।

କଣ କହିବାକୁ ଚାହୁଁଛି ଅଭି ? ଅଭି କଣ ଭଲପାଏ ପ୍ରାଚୀପ୍ରଭାକୁ ? ସିଏ କଣ ତାକୁ ବିବାହ କରିବାକୁ ଚାହୁଁଛି ? କାହାକୁ କିଛି ନକହି ଏମିତିକା ନିଷ୍ପତ୍ତିଟେ କେମିତି ନେଇପାରିଲା ସେ ? ଏ ଭିତରେ ପୁଅ କଣ ଏତେ ବଡ ହୋଇଗଲାଣି ଯେ !

ଦ୍ୱନ୍ଦ୍ୱରେ ପଡିଥିଲା ମୌସୁମୀ ।

: ମୁଁ ପ୍ରାଚୀକୁ ଭଲପାଏ ମା' । ଆମେ ଦୁହେଁ ଜୀବନ ସାଥୀ ହେବା ପାଇଁ ନିଷ୍ପତ୍ତି ନେଇଛୁ । ତୁମେ ଆମକୁ ଆର୍ଶୀବାଦ କର ।

ଅଭିଷେକକୁ କ'ଣ କହିବ କିଛି ବି ଭାବିପାରୁ ନଥିଲା ମୌସୁମୀ । କିଛି ସମୟ ସ୍ତବ୍ଧତା ଯେମିତି ଗ୍ରାସ କରିଗଲା ମୌସୁମୀକୁ । ଚକିତ ହୋଇ ଚାହିଁ ରହିଥିଲା ସେ ଦୁଇଜଣକୁ ।

ମୌସୁମୀ ଭଲଭାବେ ଜାଣିଛି ଅଭିଷେକ ଖୁବ୍ ସ୍ପଷ୍ଟବାଦୀ । ତା' ହୃଦୟ ଖୁବ୍ ସରଳ । ସିଏ ବୁଲେଇ ବଙ୍କେଇ କଥା କହିବା ଶିଖିନାହିଁ । ତେଣୁ ତା ମନରେ ସିଧାସଳଖ ଆଘାତ ଦେବା ଉଚିତ ହେବନାହିଁ ।

ପୁଅକୁ କିଛି ନକହି ଝିଅଟିକୁ ଘର ଭିତରୁ ଡାକି ନେଇଥିଲା ମୌସୁମୀ । ଭଲମନ୍ଦ ପଚାରିଥିଲା । ବୁଝାଇଥିଲା ଝିଅଟିକୁ । ଭାବପ୍ରବଣତାରେ ଭାସିଯାଇ ବାହାହେବା ପରି ନିଷ୍ପତ୍ତି ହଠାତ୍ ନିଆ ଯାଏନା । ଜୀବନକୁ କେତେ ବା ତୁମେ ବୁଝିଛ ? ଜୀବନକୁ ଯେତେଟା ସହଜ ସରଳ ଭାବୁଛ ଜୀବନର ପଥ ସେତେଟା ସରଳ ନୁହେଁ । ଜୀବନ ମଣିଷକୁ କେତେବେଳେ କୋଉ ମୋଡରେ ଠିଆ କରେଇଦିଏ ତାହା ତୁମେ ଜାଣନା । ତମଘରେ ସିନା ତମକୁ କହିବାକୁ କେହିନାହାନ୍ତି କିନ୍ତୁ ଏଠିତ ଆମେ ଅଛୁ ! ଅନ୍ତତଃ ଆମକୁ ଥରେ ପଚାରିବାକୁ ତ ତମେ ଅଭିକୁ ସଜେସନ୍ ଦେଇପାରିଥାନ୍ତ !

ମୌସୁମୀର କଥାରେ କୌଣସି ଉତ୍ତର ଫେରାଇ ନଥିଲା ପ୍ରାଚୀପ୍ରଭା ।

ନିରବରେ ବସି ରହିଥିଲା ମୌସୁମୀଙ୍କ ଆଗରେ । ବାହାରେ କିଛି ସମୟ ଛିଡା ହୋଇ ରହିବା ପରେ ଘର ଭିତରକୁ ପଶି ଆସିଥିଲା ଅଭିଷେକ । କହିଲା - ତମକୁ ପ୍ରାଚୀ କେମିତି ଲାଗିଲା ମୁଁ ଜାଣିନି ମା' । କିନ୍ତୁ ପ୍ରାଚୀର ପ୍ରେରଣା ଆଉ ଉତ୍ସାହ ମୋତେ ମୋ ଭବିଷ୍ୟତ ଜୀବନର ପଥ ଦେଖାଇଛି । ମୁଁ ବି ତା ପରି ଜଣେ କ୍ରାନ୍ତିକାରୀ ସମାଜସେବୀ ହେବାକୁ ନିଷ୍ପତ୍ତି ନେଇଛି । କେହି ନବୁଝିଲେ ବି ତୁମେ ତ ମୋ ମନର ସବୁକଥାକୁ ଅନୁଭବ କରିପାର ମା' । ପ୍ରତିଟି କ୍ଷେତ୍ରରେ ମୋତେ ସ୍ୱାଧୀନ ଭାବେ କାର୍ଯ୍ୟ କରିବା ପାଇଁ ପ୍ରେରଣା ଦେଇଛ । ତମେ ଆମକୁ ଆର୍ଶୀବାଦ ଦିଅ ମା', ଆମ ଜୀବନ ପଥ ଯେପରି କୁସୁମିତ ହେଉ ।

ମୌସୁମୀକୁ ଶୁଭୁ ନଥିଲା ଅଭିଷେକର କଥା । ମନେ ମନେ ଭାବୁଥିଲା ସତରେ ଜୀବନ କେବେ ତା' ବାଟରେ ଅଟକି ଯାଇନାହିଁ । ମାତ୍ର ସେ ଅଟକି ଯାଇଛି ଆଜି ଜୀବନ ନିକଟରେ । କଣ କହିବ ? ବିରୋଧ କରିବ ନା ଆଶୀର୍ବାଦ ଦେବ ବିନା ଦ୍ୱିଧାରେ ? ନା ବିରକ୍ତ ହୋଇ ଲାଭ ନାହିଁ । ଯିଏ ନିଜ ସ୍ୱାମୀକୁ ବାନ୍ଧି ରଖିପାରିନାହିଁ ନିଜ କାନିରେ, ସିଏ ପୁଅକୁ ବା କେମିତି ରଖିପାରିବ ନିଜ ଅଧୀନରେ ? ପରିସ୍ଥିତିକୁ ଶାନ୍ତ ଆଉ ସ୍ୱଭାବିକ କରିବା ପାଇଁ କହିଥିଲା, "କେବଳ ମୋତେ କହିଦେଲେ ବା ମୁଁ ରାଜି ହୋଇଗଲେ ତ ହେବନାହିଁ । ଏଥିରେ ତୋ ବାପାଙ୍କର ଅନୁମତି ଦରକାର । ତୁ ଯା', ପ୍ରାଚୀକୁ ତାଙ୍କ ଘରେ ଛାଡି ଦେଇ ଆ' । ମୁଁ ତୋ ବାପାଙ୍କ ସହ କଥା ହୋଇସାରେ । ବାହାଘର ତ ପିଲାଖେଳ ନୁହେଁ, ଏଥିପାଇଁ କିଛି ବିଧିବିଧାନ ଆଉ ନୀତି ନିୟମ ଅଛି ।"

ଅଭିଷେକ ପ୍ରାଚୀପ୍ରଭାକୁ ନେଇ ଚାଲିଗଲା ।

ଆତଙ୍କିତ ହୋଇ ପଡୁଥିଲା ମୌସୁମୀ ।

କାରଣ ସେ ଲକ୍ଷ୍ୟ କରୁଥଲା ଅଭିଷେକ ବହୁ ସମୟ ଚୁପ୍‌ଚାପ୍ ରହୁଛି । ମଝିରେ ମଝିରେ କାହା ସହିତ ଦେଖା କରିବାକୁ ଯାଉଛି । ସେ ନିଶ୍ଚୟ ଏଇ ପ୍ରାଚୀ ହୋଇଥିବ । ତେବେ ଏତେ ଶୀଘ୍ର ଯେ ଅଭି ବିବାହ ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଏପରି ପଦକ୍ଷେପ ନେବ ତାହା ତା' କଳ୍ପନାର ବାହାରେ ଥିଲା । ଯେତେଶୀଘ୍ର ଓମ୍‌କୁ ଏ ବିଷୟରେ ଅବଗତ କରାଇଲେ ଭଲ । ନହେଲେ ତାକୁ ହିଁ ଦୋଷ ଦେବେ ଓମ୍ ।

ଓମ୍‌ଙ୍କୁ କେମିତି କେତେବେଳେ ଏକଥା କହିବେ ସେଇ ସମୟକୁ ଅପେକ୍ଷା କଲେ ମୌସୁମୀ । କାରଣ ଓମ୍‌ଙ୍କୁ ଥଣ୍ଡା ମସ୍ତିଷ୍କରେ ପାଇବା ବେଶ୍ କଷ୍ଟକର । ସବୁବେଳେ କିଛି ନା କିଛି ସମସ୍ୟାକୁ ନେଇ ସେ ବ୍ୟସ୍ତ ବିବ୍ରତ । କେତେବେଳେ ଲୋକମାନଙ୍କର ସମସ୍ୟା ତ କେତେବେଳେ ସରକାରୀ ବ୍ୟସ୍ତତା । ନହେଲେ ମଦ, ମାଂସର ବ୍ୟସ୍ତତା । ସେ ଜାଣେ ଓମ୍ ଆଉ କେବଳ ତା'ର ହୋଇ ରହି ନାହାନ୍ତି କି ଭବିଷ୍ୟତରେ ରହିବେ ନାହିଁ । କାରଣ ଯେତେ ଏକାଠି ରହିଲେ ବି ସେମାନେ ସ୍ୱାମୀ ସ୍ତ୍ରୀ କମ୍ ବରଂ ରାଜନୈତିକ ବ୍ୟକ୍ତିତ୍ୱ ବେଶି । ସେଥିପାଇଁ ନିଜ ସୁବିଧା ଅସୁବିଧା ସଂକ୍ରାନ୍ତରେ ଓମ୍‌ଙ୍କୁ ଆଉ କିଛି କହେନାହିଁ ମୌସୁମୀ । କିନ୍ତୁ ଇଏ ହେଲା ଅଭିଷେକର ପ୍ରସଙ୍ଗ । ଅଭି କେବଳ ତା'ର ପୁଅ ନୁହେଁ, ଓମ୍‌ଙ୍କର ବି ।

ଭୁବନେଶ୍ୱରକୁ ଯାଇ ଉପଯୁକ୍ତ ସମୟକୁ ଅପେକ୍ଷା କଲା ମୌସୁମୀ । ଏ କଥାବାର୍ତ୍ତା ପାଇଁ କିଛି ନିରୋଳା ମୁହୂର୍ତ୍ତର ଆବଶ୍ୟକତା । କିନ୍ତୁ ଶୋଇବା ବେଳକୁ କେବେ ବି ହୋସ୍‌ରେ ନଥାନ୍ତି ଓମ୍ । ସକାଳୁ ଉଠିଲା ବେଳକୁ ଡ୍ରଇଂରୁମ୍‌ରେ ଲୋକଙ୍କର ଗହଳି । ଦିନସାରା ତାଙ୍କୁ ପାଖରେ ପାଇବା ସ୍ୱପ୍ନ । ଦୁଇଦିନ ଲାଗିଗଲା ସେମିତି ଗୋଟେ ନିରୋଳା ସମୟ ପାଇବା ପାଇଁ ।

ସ୍ୱାମୀ ସ୍ତ୍ରୀ ଏକାଠି ବସିଥିଲେ କିଛି ସମୟ ପାଇଁ । ଓମ୍ ଉଠିଯିବା ପାଇଁ ତରତର ହେଉଥିଲେ । କିନ୍ତୁ ତାଙ୍କ ହାତ ଧରି ଅଟକେଇଥିଲେ ମୌସୁମୀ । କହିଥିଲେ, ତୁମେ ତ ରାଜନୀତି ପାଇଁ ସବୁ ଭୁଲିଗଲଣି । ଘରଦ୍ୱାର, ଗାଁ-ଗଣ୍ଡା, ସ୍ତ୍ରୀ-ପିଲା, ଆତ୍ମୀୟ-ସ୍ୱଜନ । ନିର୍ବାଚନ ମଣ୍ଡଳୀକୁ ଯିବାର ନାଁ ବି ଏବେ ଧରୁନ । ଘରେ ଯେ ତୁମର ଶିକ୍ଷିତ ପୁଅଟିଏ ବସିଛି, ସିଏ କ'ଣ କରୁଛି ନକରୁଛି, ଭଲରେ ଅଛି କି ମନ୍ଦରେ ଅଛି, କିଛି ତ ବୁଝୁନ ।

ତୁମେ ତ ଅଛ ! ମୁଁ ଅଧିକାଟା ବା କଣ କରିବି । ଘରେ ବସିଛି, କାହିଁକି ବସିଛି ସିଏ ଜାଣିଥିବ । ମୁଁ କଣ ତାକୁ କିଛି କରିବାକୁ ମନା କରୁଛି ? ପାଠଶାଠ ପଢ଼ିଲା । ଚାକିରୀ କରିବ ତ କରୁ, ନହେଲେ କିଛି ବି ବ୍ୟବସାୟ । ମୁଁ କ'ଣ ତା' ହାତରେ ସବୁ ଧରେଇଦେବି ? କେତେ କଷ୍ଟରେ ମୁଁ ମଣିଷ ହୋଇଛି ମୁଁ ଜାଣେ । ଖଣ୍ଡିଏ ପେଣ୍ଟ ସାର୍ଟ ପିନ୍ଧି ଗ୍ରାଜୁଏସନ୍ ସାରିଛି । ତା' ପାଇଁ ତ ସେ ଚିନ୍ତା ନାହିଁ । ଏବେ ସେ ଯାହା କରିବ ତାହା ସିଏ ନିଜେ ଭାବିବ । ସେତକ ବି ମୁଁ କରିଦେବି ନା କଣ ?

ଓଲଟା ପ୍ରଶ୍ନ କଲେ ଓମ୍ ।

ଅଭିମାନରେ ବତୁରିଗଲା ମୌସୁମୀ । ବହୁତ ଦିନ ପରେ ଓମ୍ ସହିତ ଘରୋଇ କଥା ହେବାର ଅବକାଶ ତାକୁ ମିଳିଛି । ଅଭିମାନଭରା କଣ୍ଠରେ ମୌସୁମୀ କହିଥିଲା ଏବେ ତୁମେ ତୁମ ନିର୍ବାଚନ ମଣ୍ଡଳୀ ଆଉ ତୁମ ପୁଅକୁ ସମ୍ଭାଳ । ମୋର ଆଉ ରାଜନୀତି କରିବାର ନାହିଁ କି ଏତେ ସମସ୍ୟା ବୁଝିବାକୁ ଶକ୍ତି ନାହିଁ । ମୋତେ ଏଣିକି ଟିକେ ଶାନ୍ତିରେ ରହିବାକୁ ଦିଅ ।

ମୌସୁମୀର ହାତଧରି ପାଖରେ ବସେଇଦେଲେ ଓମ୍ ।

କହିଲେ, ପୁଣି କଣ ହେଲା ?

ଅଭିଷେକ ଆଉ ଆମ ଆୟତ୍ତରେ ନାହିଁ । ନିଜ ଇଚ୍ଛାରେ ବଞ୍ଚିବାକୁ ଚାହୁଁଛି । ଦୁଇଦିନ ତଳେ ପ୍ରାଚୀ ବୋଲି ଗୋଟିଏ ଝିଅଟିକୁ ସାଂଗରେ ଆଣିଥିଲା । କହିଲା ତାକୁ ଭଲ ପାଏ । ସେମାନେ ଦୁହେଁ ବାହା ହେବାକୁ ସିଦ୍ଧାନ୍ତ ନେଇଛନ୍ତି । ଅଭି ଯେ ଏଭଳି ଗୋଟିଏ ପଦକ୍ଷେପ ନେଇପାରିବ ତାହା ମୋ କଳ୍ପନାର ବାହାରେ ଥିଲା ।

କଣ କହିଲ ତାକୁ ?

ତାକୁ କଣ କହିବି ? ଝିଅଟିକୁ ଅଲଗା ଡାକି ନେଇ ତାକୁ ବୁଝେଇଲି । ଝିଅଟି କିଛି କହିଲାନାହିଁ । ଅଭି କହୁଛି, ପ୍ରାଚୀ ତାର ପସନ୍ଦ । ପ୍ରାଚୀ ତାର ପ୍ରେରଣା ।

ଏଥିରେ ଏତେ ବ୍ୟସ୍ତ ହେବା କଣ ଅଛି । ଏ ବୟସରେ ପୁଅଝିଅଙ୍କ ଜୀବନରେ ଏମିତି ଅନେକ ଘଟଣା ଘଟେ । ହେଲେ ତାକୁ ଧୈର୍ଯ୍ୟର ସହ ସମାଧାନ କରାଯାଏ । ସେ କହିଲା ବୋଲି କ'ଣ ସାଙ୍ଗେ ସାଙ୍ଗେ ତାକୁ ବାହା ହୋଇ ଯାଉଚି !

ଓମ୍‌ଙ୍କର ଏଭଳି ଆଚରଣରେ ମୌସୁମୀ କହିଥିଲା - ପରିବାରର ସମସ୍ୟାକୁ ତୁମେ କ'ଣ ରାଜନୀତିର କ୍ଷେତ୍ର ବୋଲି ଭାବୁଛ ? ଏଇଟା ମୋ ଘର, ବୁଝିଲ ?

ହଁ ମୁଁ ଜାଣିଛି - ରାଜନୀତି କ୍ଷେତ୍ର ଅପେକ୍ଷା ଘର ପାଇଁ ଅଧିକା ଧୈର୍ଯ୍ୟ ଦରକାର ସୁମି । ସେ କ୍ଷେତ୍ରରେ ତ ତୁମର ଦକ୍ଷତା ଅଛି । ତମକୁ କ'ଣ ଶିଖେଇବାକୁ ପଡିବ ?

ଓଁକାରନାଥଙ୍କ ଏଭଳି ପ୍ରତିକ୍ରିୟାହୀନ ଶବ୍ଦ ମୌସୁମୀକୁ ସାନ୍ତ୍ୱନା ଦେବା ପରିବର୍ତ୍ତେ ମନକୁ ଅଧିକ ଭାରାକ୍ରାନ୍ତ କରି ଦେଉଥିଲା ।

ମୌସୁମୀ ଭାବୁଥିଲା ଓମ୍ କି ଉପାଦାନରେ ଗଢ଼ା ମଣିଷଟିଏ କେଜାଣି ! ଏଣେ ଘର ବୁଡି ପାଣି ଆଣ୍ଠୁଏ ହେଲାଣି କହୁଛନ୍ତି କଣ ନା ଧୈର୍ଯ୍ୟ ଦରକାର । ନଅଟା ନୁହେଁ କି ଛଅଟା ନୁହେଁ, ଭଗବାନ ଗୋଟିଏ ବୋଲି ପିଲା ତାଙ୍କ କୋଳରେ ଦେଇଛନ୍ତି । କିନ୍ତୁ ଓମ୍ କିଭଳି ବାପା, ସିଏ ବୁଝି ପାରୁନାହାନ୍ତି ପରିବାରର ପ୍ରକୃତ ସଂଜ୍ଞା କ'ଣ ?

ମୌସୁମୀକୁ କାନ୍ଦ ଲାଗୁଥିଲା । ସିଏ ବୁଝିପାରୁନଥିଲା କିଭଳି ଭାବେ ଘର ସଂସାରର ଏହି ଗୁରୁତ୍ୱପୂର୍ଣ୍ଣ ସମସ୍ୟାକୁ ବୁଝାଇ କହିବ ଓମ୍‌କୁ । କଣ କରିବ । କଣ କହିବ ଅଭିଷେକକୁ । (କ୍ରମଶଃ)

## ଅଣୁ ଗଳ୍ପ

# ଅଯୋଗ୍ୟ ସନ୍ତାନ

**କୁମୁଦ ଚନ୍ଦ୍ର ନାଗ**

ମଧୁପୁର ଗାଁରେ ଗୋଟିଏ ଛୋଟିଆ ଗରିବ ପରିବାରରେ ଗୋବିନ୍ଦ ଏବଂ ତାଙ୍କ ସ୍ତ୍ରୀ ଓ ଏକମାତ୍ର ପୁତ୍ର କୁଳମଣି ହସ ଆନନ୍ଦରେ ବାସ କରନ୍ତି । କୁଳମଣି ଗାଁର ପ୍ରାଥମିକ ବିଦ୍ୟାଳୟରେ ପାଠ ପଢେ । ସେ କ୍ଲାସରେ ପ୍ରଥମ ହୁଏ । ତା' ଆଖିରେ ଅନେକ ସ୍ୱପ୍ନ ଥାଏ ଦିନେ ଭଲ ମଣିଷ ହେବ ଏବଂ ନିଜର ଗୋଡ଼ରେ ଛିଡ଼ା ହୋଇ ପିତା ମାତାଙ୍କର ନାଁ ରଖିବ ।

କୁଳମଣି ପ୍ରାଥମିକ ଶିକ୍ଷା ଶେଷ କରି ହାଇସ୍କୁଲରେ ପଢେ ।

ବକ୍ତୃତା, ରଚନା, ପ୍ରବନ୍ଧ ଇତ୍ୟାଦି ଅନେକ ପ୍ରତିଯୋଗୀତାରେ ପ୍ରଥମ ହୋଇ ସ୍କୁଲର ନାମ ରଖେ । ସେ ସମସ୍ତ ଶିକ୍ଷକଙ୍କ ଅତି ଆଦରର ଛାତ୍ର । ହାଇସ୍କୁଲ ମାଟ୍ରିକ ପରୀକ୍ଷାରେ ଉଚ୍ଚ ଫଳ ରଖି ଉତ୍ତୀର୍ଣ୍ଣ ହୁଏ ।

ଏମିତି ଅନେକ ସଫଳ ପାଏ କୁଳମଣି । ବାହାରୁ ମଧ ଅନେକ ପ୍ରଶଂସା ଆସେ । ଏମିତି ଅନେକ ଦିନ ହସ ଆନନ୍ଦରେ ବିତିଯାଏ । ଗାଁକୁ ଛାଡ଼ି କୁଳମଣି ସହରର ବିଶ୍ୱବିଦ୍ୟାଳୟରେ ଯାଇ ପାଠ ପଢେ ।

ଗୋବିନ୍ଦ ପୁଅକୁ ପାଠ ପଢ଼ାଇବା ପାଇଁ ଅଭାବ ଅନଟନରେ ସୁଦ୍ଧା ସେ କେବେ ତାକୁ କେଉଁଥିରେ କମ୍ କରେନି । ପୁଅର ସଫଳତାରେ ସେ ପୁରା ଖୁସି । ମନରେ ଅନେକ ସ୍ୱପ୍ନ ଦେଖେ ମୋ ପୁଅ ଦିନେ ବଡ଼ ମଣିଷ ହେବ । କେତେ ଆଶା ଆକାଂକ୍ଷା ମନରେ ଉଙ୍କିମାରେ । ପୁଅ ପଢା ଖର୍ଚ୍ଚ ପାଇଁ କେବେ କେବେ ଗୋବିନ୍ଦଙ୍କୁ ଉପାସରେ ରହିବାକୁ ମଧ ପଡେ । ପୁଅ ପାଇଁ ବାହାର ଘରେ କୁଲି କରେ । ଏବଂ ପୁଅ ପାଠ ପଢା ଖର୍ଚ୍ଚ ମେଣ୍ଟାଇବା ପାଇଁ ମାଆର ସୁନା, ଗହଣା ମଧ ବିକ୍ରୟ କରିବା ହୁଏ । ତଥାପି ଗୋବିନ୍ଦ ହାରି ଯାଏ ନାହିଁ ।

ଅବଶେଷରେ କୁଳମଣି ଖରାପ ସାଙ୍ଗ ମାନଙ୍କର ସଂସ୍ପର୍ଶରେ ଆସି ବିପଥଗାମୀ ହୋଇ ଯାଇଛି । ସେ ସିଗାରେଟ୍, ମଦ ଖାଇଛି, ସିନେମା ଦେଖୁଛି, ପକେଟମାର କରିଛି । ଝିଅମାନଙ୍କୁ କମେଣ୍ଟ କରିବା ଆରମ୍ଭ କରିଛି । ଏବଂ ଝିଅ ମାନଙ୍କୁ ମିଛ ପ୍ରେମରେ ଫସାଇଛି । ଝିଅ ମାନଙ୍କର ପ୍ରେମରେ ପଡି କୁଳମଣି ଅନ୍ଧ ହୋଇ ଯାଇଛି । ଭୁଲି ଯାଇଛି ବାପା ମାଆ, ଘରଦ୍ୱାର, ପାଠପଢ଼ା ଆଉ ତା' ଭବିଷ୍ୟତରେ ବଡ଼ ହେବାର ସ୍ୱପ୍ନ । ବର୍ତ୍ତମାନ ସେ ମୁକ୍ତ ପକ୍ଷୀ । ତାର ଅତୀତକୁ ସେ ଭୁଲିଗଲାଣି କେବଳ ତାର ଭବିଷ୍ୟତ, ସ୍ୱପ୍ନ, ଆକାଂକ୍ଷା ସବୁ କିଛି ଭୁଲି ଯାଇଛି । ଜନ୍ମ ସମୟରେ ବାପା ଗୋବିନ୍ଦ କେତେ ଶ୍ରଦ୍ଧାରେ ପୁଅର ନାମ କୁଳମଣି ରଖିଥିଲେ ପୁଅ ମୋର ନାଁ ରଖିବା ସହ କୁଳର ବା ବଂଶର ନାମ ରଖିବ ବୋଲି । କିନ୍ତୁ ଆଜି କୁଳମଣି ଆଉ କୁଳମଣି ହୋଇ ରହିନାହିଁ ସେ ବିପଥଗାମୀ ହୋଇ ଅଯୋଗ୍ୟ ସନ୍ତାନ ହୋଇ ଯାଇଛି ।

ଶେଷରେ ଗୋବିନ୍ଦ ପୁଅର ବିପଥଗାମୀର ଚିନ୍ତାରେ ଦୁଃଖରେ ଭାଙ୍ଗି ପଡି ଖାଇବା, ପିଇବା ଛାଡ଼ି ଦେଇ ମୃତ୍ୟୁ ବରଣ କରିଛି । ଅଅଅ


♥ ସନ୍ଧିକୁଲିଆରୀ, ଧର୍ମଗଡ଼, କଳାହାଣ୍ଡି


## ଅଣୁ ଗଳ୍ପ

# ରାକ୍ଷୀ

**ବିମଳଚାନ୍ଦ ପଟ୍ଟନାୟକ**



ସକାଳୁ ସକାଳୁ ସୁନନ୍ଦା ଭାଉଜକୁ ଫୋନକରି କହିଲା, 'ଭାଉଜ ମୁଁ ପଠେଇଥିବାରୁ ରାକ୍ଷୀ ଆଜି ସନ୍ଧ୍ୟା ସୁଦ୍ଧା ନପହଞ୍ଚିଲେ ମୋତେ ତୁରନ୍ତ ଜଣେଇଦେବ । ମୁଁ କାଲି ସକାଳୁ ସକାଳୁ ୟାଙ୍କ ସହ ଚାଲିଆସିବି । ନହେଲେ ଭାଇ ମନଦୁଃଖ କରିବନି !

ସନ୍ଧ୍ୟା ଠିକ୍ ସାତଟାରେ ସୁନନ୍ଦାଙ୍କୁ ତାଙ୍କ ଭାଉଜର ଫୋନ ଆସିଲା । କହିଲେ, 'ସୁନନ୍ଦା ଏଇ ସାଙ୍ଗେ ସାଙ୍ଗେ ରାକ୍ଷୀ ପହଞ୍ଚିଲା । କୋରିଅରବାଲା ଦେଇକି ଗଲା । ତମେ ଆଉ ବ୍ୟସ୍ତ ହୁଅନାହିଁ ।'

କଥାହେଇ ଫୋନ ରଖିଛି କି ନାଇଁ ସ୍ୱାମୀ ଆସି ସୁନନ୍ଦାକୁ କହିଲେ, 'ହଇଓ ଏଥର ମୁଁ ଭାଇଙ୍କ ରାକ୍ଷୀଟା ପଠେଇ ପାରିଲିନି । ଅଫିସର ବ୍ୟସ୍ତତା ଭିତରେ ଏକଦମ ଭୁଲିଗଲି । ତମେ ଆଉ ରାଗନି । କାଲିକି ତ ଅଫିସ ଛୁଟି । ବଢି ଭୋରରୁ ତମକୁ ଭାଇଙ୍କ ପାଖକୁ ନେଇଯିବି ।'

ଏତକ ଶୁଣୁଶୁଣୁ ସୁନନ୍ଦାଙ୍କ ଆଖି ଜକେଇ ଆସିଲା । ସେ ସେ ଭାବି ପାରୁନଥିଲେ ଯେ ସ୍ୱାମୀ ଉପରେ ରାଗିବେ ନା ଭାଉଜ ଉପରେ କ୍ରୋଧିତ ହେବେ । ବଡକଷ୍ଟରେ ନିଜକୁ ନିୟନ୍ତ୍ରିତ କରି, ଦୁହିତା ନାମକ ଶବ୍ଦର ଭାବାର୍ଥକୁ ଚରିତାର୍ଥ କରି ସ୍ୱାମୀଙ୍କୁ କହିଲେ, 'ନାଇଁ ମ, ଏଇ କରୋନା କାଳରେ ଏଥର ଆମେ ଆଉ ଯିବାନି । ଭାଇଙ୍କୁ କହିଦେବି ସେ ନିଜେ ରାକ୍ଷୀକିଣି ମୋ ତରଫରୁ, ବାନ୍ଧିନେବେ । ଆମେ ଫୋନ୍‌ରେ ୱିସ କରିଦେବା ।'

ନିଜର ଭୁଲପାଇଁ କାତରରେ ଥିବା ସ୍ୱାମୀ ବିଚରା ସ୍ତ୍ରୀଙ୍କର ଏତାଦୃଶ ନୂତନ ରୂପଦେଖି ଅବାକ୍ ହୋଇ କିଛି ବୁଝିପାରୁନଥିଲେ ।


♥ ଦୁର୍ଗୀ, ରାୟଗଡ
(ମୋ) ୭୦୦୮୨୩୨୬୦୬

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର, ରବିବାର,
୧୯ ଡିସେମ୍ବର, ୨୦୨୧

ପୃଷ୍ଠା ୫



## ସମୀକ୍ଷାୟନ...

# କବି ରତ୍ନାକରଙ୍କ କବିତା କାନ୍‌ଭାସ : ଯେଉଁଠି ଛାଇ ପାଲଟିଯାଏ ବେଲାଲସେନ (୨)



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଏ ସଂସାର ଅଳୀକ। ଚିରସ୍ଥାୟୀ କିଛି ନୁହେଁ। ମଣିଷର ରୂପ, ରଂଗ, ଭେକ ପାଣି ଫୋଟକା ପରି। ସୁତରାଂ, ସେଇ ମଣିଷ ସବୁଦିନ ପାଇଁ ସମାଜର ଆତ୍ମାରେ ବଂଚିରହେ, ଯିଏ ପାର୍ଥିବ ଜଗତରେ ଜନ କଲ୍ୟାଣ କରିଚାଲେ। ସେ ହିଁ ଯୁଗ ଯୁଗ ଧରି ପ୍ରଶସ୍ତିର କୀର୍ତ୍ତି ସ୍ତମ୍ଭ ସ୍ଥାପନ କରିବାରେ କ୍ଷମ ହୋଇଥାଏ। ମାତ୍ର ଯେଉଁମାନେ ନିଜ ରୂପ, ଶରୀରକୁ ନେଇ ଗର୍ବ ଅନୁଭବ କରନ୍ତି, ସେମାନେ ନିଜକୁ ଚିହ୍ନି ବି ଅଚିହ୍ନା ରୁହନ୍ତି। ମଣିଷ ଶରୀରର ସୌନ୍ଦର୍ଯ୍ୟ ବି ମହାକାଳର ସ୍ରୋତରେ ଭାସିଯାଏ। ମାଟିର ମଣିଷ ପୁଣି ମାଟିକୁ ଆପଣେଇ ନିଏ। କବିଙ୍କ କଳା ଦୃଷ୍ଟି ମଣିଷକୁ ଭିନ୍ନ ରୂପରେ ଦେଖିଛି। ପ୍ରତ୍ୟେକ ଜଣେ ଜଣେ ଶୂନ୍ୟ ପକ୍ଷୀ। ମହାଶୂନ୍ୟରେ ବିଚରଣ କରିବା ହିଁ ସାର ସମସ୍ତଙ୍କର। ଶୂନ୍ୟରୁ ସୃଷ୍ଟି ପୁଣି ଶୂନ୍ୟରୁ ଆରମ୍ଭ। ଏହି ଶୂନ୍ୟତା ଭିତରେ ମଣିଷ ଶେଷ ନିଃଶ୍ୱାସ ଛାଡ଼େ। ଏମିତି ଏକ ଦର୍ଶନବାଦ (Philosophy)କୁ ଉଜାଗର କରିଛନ୍ତି କବି। ସୁତରାଂ, କବିଟିଏ ବୃହତ୍ତର ବିଶ୍ୱ ଜୀବନର ଶିଳ୍ପୀ, ବୈଚିତ୍ର୍ୟମୟ ମାନବ ଜୀବନର ସାଧକ ଏବଂ ଅସୀମ ଶାଶ୍ୱତ ଜୀବନ ପଥରେ ତୀର୍ଥଯାତ୍ରୀ। କବି ରତ୍ନାକରଙ୍କ ଅନ୍ତର୍ଭେଦୀ ତୃତୀୟ ଚକ୍ଷୁ କବିବର ରାଧାନାଥଙ୍କ ପରି ଅଳୀକ ସଂସାରର ସପକ୍ଷରେ ଓକିଲାତି କରିଛି। "ତେଲ ଜଡ଼ିବା ଲୁଗା ପରି ଦେହ ସାରା ପାପ ଜରଜର" କହୁ କହୁ ହଠାତ୍ କବି କଣ୍ଠ ତୋଳିଛି - "ଭରସି ଅନାଇ ପାରୁନି ତୁମ ଆଖିକୁ / ସେ ଆଖି ଦୁଇ ତ ଯେପରି ସାରା ଭୂମଣ୍ଡଳର ସଂକ୍ଷିପ୍ତ ଛବି।" (ପୃ: ୨୭)

ରତ୍ନାକରଙ୍କ କବିତାରେ ମାନବବାଦରେ ରକ୍ତର ଶିଥିଳତା ଏବଂ ମଗ୍ନ ଚୈତନ୍ୟର ପ୍ରଖର ନିଃଶ୍ୱାସ ବେଶ୍ ଅନୁଭବ କରାଯାଇପାରେ। ଘଟଣା ବିହୀନ କବିତା ଯେ ପଦବାଚ୍ୟ ନୁହେଁ, ଏକଥାକୁ ଉପଲବ୍ଧ କରିଛନ୍ତି କବି ରାଉତ। ସମ୍ଭବତଃ ଏଇଥି ପାଇଁ ଭୂମଣ୍ଡଳର ସଂକ୍ଷିପ୍ତ ଚିତ୍ର ଦେଖି ଛନ୍ତି ସେ। ସମୟ ସମୟରେ କବି ନିଃସଂଗତାର ରାସ୍ତାରେ ଏକାଏକା ଚାଲିଛନ୍ତି, ଯେଉଁଠି ଦେହର ବଳ ସରିଯାଇଛି। ମରିଯାଇଛି ମନର ଆଶା। ଅପସରି ଯାଇଛି ଖରାର ତେଜ। କବି ନିରାଶ ହୋଇଛନ୍ତି। ପବନର ଶୀତଳ ପରଶକୁ ଛୁଇଁ ପାରିନାହାନ୍ତି ସେ। ଆକାଶର ମେଘକୁ ବି ଦେଖି ପାରିନାହାନ୍ତି। ସଭିଏଁ ଯେପରି ନିଥର, ଉଦାସ, ପ୍ରାଣହୀନ ପିଣ୍ଡ, ସ୍ଥିର ଗତିହୀନ ସ୍ଥବିର। (ପୃ: ୨୭) 'ତୁମେ ତୁମେ ହିଁ ରହିଥାଅ' କବିତାର ଶବ୍ଦର କାରୁକାର୍ଯ୍ୟରେ। ନିଃସଂଗ ପଣର ଗୀତ ଝରିଛି କବିଙ୍କ କଣ୍ଠରୁ। ଉଦାସ ମେଘର ଛାଇ ଯେତେବେଳେ ଜନ-ସ୍ଥଳ-ଆକାଶକୁ ଅନ୍ଧକାର କରିଛି, ଠିକ୍ ସେତିକିବେଳେ କବି ନିଜ ଆଶା ଓ ବିଶ୍ୱାସକୁ କେବଳ ଖୋଜିଛନ୍ତି ସ୍ମୃତିବାଦର ସ୍ୱପ୍ନ ଭିତରେ। ଜୀବନର ନକ୍ସା ଆଂକିବାର ସଫଳ ପ୍ରୟାସରେ। ବେଲାଲସେନର ଉପାଖ୍ୟାନରେ। ବେଲାଲସେନ ମହାଭାରତ ପୃଷ୍ଠାର ଏକ ମିଥ୍। ଏହାରି ଭିତରେ ଅଦୃଶ୍ୟ ସତ୍ତାର ରହସ୍ୟ ଉନ୍ମୋଚନ କରିଛନ୍ତି କବି। 'ଛାଇ' ଏପରି ଏକ ସତ୍ତା, ଯାହା ଆପଣା ସହିତ ଏକୀଭୂତ ହୋଇଥାଏ। ବେଲାଲସେନ ପରି ଅଦୃଶ୍ୟରେ ରହେ ରହସ୍ୟର କୁରୁକ୍ଷେତ୍ରରେ। ଘମାଘୋଟ ଯୁଦ୍ଧରେ ଚକ୍ରର କମାଲ ଦେଖେ। ଏଠାରେ ଚକ୍ରର କମାଲ ଦେଖିବା ଏକ ପ୍ରତୀକ ମାତ୍ର। ବିନ୍ଦୁରୁ ସିନ୍ଧୁ ଦର୍ଶନ ଭଳି ଯୁଦ୍ଧଭୂମିରେ ଘଟି ଯାଉଥିବା ଦୃଶ୍ୟ ଦୃଶ୍ୟାନ୍ତରକୁ କେବଳ ବେଲାଲସେନ ହିଁ ଦେଖୁଥାଏ, ସଭିଙ୍କ ଆଖିର ଆଢୁଆଳରେ। ଚକ୍ରର ଯାଦୁକରୀ କାର୍‌ନାମାକୁ ମଧ୍ୟ ଖୁବ୍ ନିକଟରୁ ନିରୀକ୍ଷଣ କରୁଥାଏ।

ତମାମ୍ ପ୍ରାଣୀଜଗତ ଭାଗ୍ୟଚକ୍ରରେ ବନ୍ଧା। ଏହି ଚକ୍ରର ବ୍ୟାସ ଭିତରେ କେହି କାହାର ସମକକ୍ଷ ହୋଇପାରିବେ ନାହିଁ। ଏଇମିତି ଏକ ବାସ୍ତବ ସତ୍ୟକୁ କବି 'ଛାଇ' କବିତାରେ ପ୍ରକାଶ କରିବାପାଇଁ କୁଣ୍ଠାପ୍ରକାଶ କରିନାହାନ୍ତି। ଏଠାରେ ଉଲ୍ଲେଖ କରାଯାଇପାରେ କବି ରାଉତଙ୍କ ଚର୍ଚ୍ଚିତ 'ଛାଇ' ସଂକଳନରେ ବିରୋଧାଭାସର ଝଲକ ଦେଖିବାକୁ ମିଳିବ। କାରଣ ଭାଗ୍ୟ ଉପରେ ବିଶ୍ୱାସ କରୁନଥିବା କବିର କାବ୍ୟପୁରୁଷ ସମୟ ସମୟରେ ଭାଗ୍ୟଚକ୍ରରେ ବନ୍ଧା ପ୍ରତ୍ୟେକ ଜୀବଜଗତ ବୋଲି ସ୍ୱୀକାର କରିଛନ୍ତି।

ଏମିତି ଘଟିବା ସ୍ୱାଭାବିକ। କାରଣ କବିର ଛଳଛଳ ଆବେଗରୁ ଝରି ପଡୁଥିବା ଶବ୍ଦ ପ୍ରସ୍ରବଣକୁ କି ରି ବା ରୋକି ହେବ? ଭାଗ୍ୟ ବୋଲି ଯଦି ଗୋଟିଏ ସତ୍ତା ଥାଏ, ତାହା ବିଶ୍ୱାସ ବା ଭୟରୁ ନଆସି, ଅନୁଭୂତି ଓ ତା'ର ବିଯୁକ୍ତ ଭାବରୁ ଉତ୍ପନ୍ନ ହୋଇଛି। ସେ ଯାହା ହେଉନା କାହିଁକି ଅନୁଭୂତିର ମୂଳ ଚେତନା ସବୁ, ଭାଗ୍ୟକୁ ପରିବର୍ତ୍ତିତ ହେବାବେଳକୁ ମୂଳବିନ୍ଦୁକୁ ଘେରି ରହି ଯେଉଁ ସହଜଲବ୍ଧ ପରିଧି ସବୁ ନିର୍ମାଣ ହୋଇଛି, ତାହା କଳାକର୍ମ ଦୃଷ୍ଟିରୁ ଚମତ୍କାର ଆନ୍ତରିକତାରେ ପୂର୍ଣ୍ଣ ହୋଇପାରିଛି। କବିତାର ଆତ୍ମମଗ୍ନ ନିର୍ଦ୍ଦିଷ୍ଟ ଭାବେ 'ଛାଇ' କବିତାରେ ଫେଣ୍ଟି ହୋଇଯାଇଛି। ଲୋକମାନସର ଛାଇ (Shadow) ଏକ ଅଶୁଭର ପ୍ରତୀକ। ଛାଇଟିଏ ଆପଣା ଭିତରେ ଥାଏ। ଛାଇକୁ ଦେଖିଲେ କିଏ କହେ ଆୟୁଷ କମେ, ଆଉ କେହି କେହି ଛାଇ ସହିତ ସଂପର୍କ ରଖିବାକୁ ବାରଣ କରେ। କିନ୍ତୁ କବିଙ୍କ କଣ୍ଠରେ - "ଛାଇ କ'ଣ ଛାଡ଼େ ମଣିଷକୁ / ସେ କାହାର ଭ୍ରମ ସୃଷ୍ଟି କରୁଥାଏ। ଛାଇତ ନିଜର ତାକୁ ପୁଣି ଏତେ ଡରକାହିଁକି?" (ପୃ: ୨୮) ଛାଇ ପ୍ରତି ଥିବା ମଣିଷ ମନର ଅନ୍ଧବିଶ୍ୱାସ ଉପରେ ହାତୁଡ଼ି ପ୍ରହାର କରିଛନ୍ତି କବି। ଯଦିଓ ଭାଗ୍ୟକୁ ନେଇ ସଂଶୟ ରହିଛି ତାଙ୍କ ମନରେ। ଏସବୁ ସତ୍ତ୍ୱେ କବିଙ୍କ ସୃଷ୍ଟିଶୀଳ ବ୍ୟକ୍ତିତ୍ୱ (creative personality) ବେଶ୍ ସ୍ପଷ୍ଟ। ସ୍ୱନିଷ୍ଠ ଅନୁଭବ (subjective experiences)କୁ ଖୁବ୍ ଚମତ୍କାର ଭାବରେ ଉପସ୍ଥାପନ କରିଛନ୍ତି ସେ। 'ଛାଇ' କବିତା ଉପରେ କବିଙ୍କ ଆଖି ଲଟକି ଥିବା ବେଳେ ପୁନଶ୍ଚ ସଂପ୍ରସାରିତ ହୋଇଛି ଆଖି କୋଣରେ ଉଠିଥିବା ଏକ ଧଳା ବ୍ରଣ ଉପରକୁ। ବାଲାମି ଚାଉଳ ଏକ ଚିତ୍ରକଳ୍ପ। ଧଳା ବ୍ରଣ ସହିତ ବାଲାମି ଚାଉଳର ତୁଳନା କରି କବି ନିଜ ଶିଳ୍ପରୀତିର କାର୍‌ନାମା ପ୍ରଦର୍ଶିତ କରିଛନ୍ତି। ଏହି ବ୍ରଣଟି ଯେତେବେଳେ ଅସହ୍ୟବୋଧ ହୋଇଛି, କବି ତାହାକୁ ଚିପିବାକୁ ଉଦ୍ୟମ କରିଛନ୍ତି, ଯେମିତିକି ଦୁଷ୍ଟ ମଣିଷକୁ ଦଣ୍ଡ ଦେବା ପରି। ଏହି ବ୍ରଣ ତାଙ୍କ କାବ୍ୟ ଚେତନାରେ ଭିନ୍ନ ଭିନ୍ନ କାହାଣୀର ରୂପ ନେଇଛି। ଅଖି କୋଣ ଏକ ସମ୍ବେଦନଶୀଳ ଜାଗା। ଯନ୍ତ୍ରଣା ଅସହ୍ୟ ହେଲେ ମଧ୍ୟ ବ୍ରଣକୁ ସ୍ପର୍ଶ କରିବା ପାଇଁ ସାହସ ହେଲା ନାହିଁ ତାଙ୍କର। କବି ପୁନଶ୍ଚ ଅନୁଭବ କରିଛନ୍ତି ଏ ଯନ୍ତ୍ରଣା ସାମୟିକ। କାରଣ ବାଲାମୀ ରଙ୍ଗର ବ୍ରଣ ହେଉ କିମ୍ବା ଦୁଷ୍ଟ ମଣିଷ ହୁଅନ୍ତୁ, ଏମାନେ କିଛି ସମୟ ପାଇଁ ନିଜ ଶକ୍ତି ପ୍ରଦର୍ଶିତ କରିଥାନ୍ତି କେବଳ। ପର ମୁହୂର୍ତ୍ତରେ ଆପଣାଛାଏଁ ସେମାନେ ଅପସରି ଯାଆନ୍ତି। ନା ଥାଏ ତେଜ ନଥାଏ ଶକ୍ତି! କବି 'ବରଗଛ' କବିତାରେ ସମାଜକୁ ଖୁବ୍ ନିକଟରୁ ଅନିଷା କରିଛନ୍ତି। ଏବେ ବଦଳି ଯାଇଛି ସମୟ। ମଣିଷ ବୃକ୍ଷ ଠାରୁବି ହୀନ ହୋଇଯାଇଛି। ପର ଲାଗିଲା ପରେ ପକ୍ଷୀ ଉଡ଼ିଲା ପରି ଯିଏ ଯାହା ରାସ୍ତାରେ ଯାଉଛନ୍ତି "ସକଳ ପୁରୁଣା ସଂପର୍କକୁ ପାସୋରି ଦେଇ ସ୍ୱଚ୍ଛନ୍ଦରେ।" (ପୃ: ୩୬)

ପ୍ରକୃତିକୁ କବି ମଣିଷର ବାଲ୍ୟଗୁରୁ ବୋଲି କଳ୍ପନା କରିଛନ୍ତି। ପ୍ରକୃତିଠାରୁ ମଣିଷ ଶିକ୍ଷାର୍ଜନ କରେ। ମହାଦ୍ରୁମର ଓହଳ ମାନଙ୍କର ଦମ୍ଭ ଏବଂ ଶକ୍ତି ଦେଖି ମଣିଷ ବି ନିଜ କଥା ଚିନ୍ତା କରେ। ବୟସର ଅପରାହ୍ନରେ ଯଦି ଏମିତି ଶକ୍ତି ଥା'ନ୍ତା, ତେବେ ହୁଏତ ନିଜ ଗୋଡ଼ରେ ନିଜେ ଠିଆ ହୋଇ ପାରନ୍ତା ମୃତ୍ୟୁଯାଏ। କିନ୍ତୁ ତାହା କ'ଣ ସମ୍ଭବ ହେଉଚି? ଏବେ କିନ୍ତୁ ଅଣ୍ଟା ସଳଖିବାକୁ ହେଲେ ଅନ୍ୟର ଆଶ୍ରା ଲୋଡୁଚି ମଣିଷ। ବାସ୍ତବରେ କବି ରାଉତ ବ୍ୟକ୍ତି ଜୀବନର ଦର୍ଶନର ପୃଷ୍ଠାକୁ ଗୋଟିଏ ପରେ ଗୋଟିଏ ଉନ୍ମୋଚନ କରିଚାଲିଛନ୍ତି। କବି ରାଉତଙ୍କ କବିତାରେ lyrical self ଆତ୍ମବିଶ୍ୱାସ ଏବଂ ଆତ୍ମବିଳାପ ରହିଛି। କବି ସତ୍ତା କେଉଁ ମୁହୂର୍ତ୍ତରେ କି ମିଂଜାସରେ କେଉଁ କବିତା ଲେଖିଚାଲିଛି, ତାହା କିଏ କହିବ? ମନେହୁଏ, କବିଙ୍କ କବିତାରେ ଅଛି ବିଦ୍ରୋହ। ଅଛି ବି ବେଦନାବୋଧ। ଆତ୍ମବିଳାସ ଅପେକ୍ଷା ଆତ୍ମବିଳାପ, ଆତ୍ମବ୍ୟଂଗ, ଆତ୍ମଦ୍ରୋହ ସତେ ଯେମିତି ସ୍ଥାନ ପାଇଛି 'ଶବ୍ଦଭେଦ'ରେ। ଯେଉଁଠି ସେ ଦେଖିଛନ୍ତି ଶବ୍ଦକୁ ବିବିଧ ଭେଦରେ। ଯେମିତି ଶବ୍ଦବ୍ରହ୍ମ, ଶବ୍ଦପ୍ରିୟ, ଶବ୍ଦ ଅପ୍ରିୟ, ଶବ୍ଦ ପ୍ରହେଳିକା, ଶବ୍ଦଛନ୍ଦ, ଶବ୍ଦ କୌଶଳ ଭଳି। ଶବ୍ଦର ମାୟାଜାଲରେ ଯିଏ ଥରେ ପଡ଼ିଛି, ସେ ବାଟ ଭୁଲେ। ଅବାଟରେ ଚାଲେ। ସେଥି ପାଇଁ କବି କହନ୍ତି ଶବ୍ଦ ଭାଂଗେ, ଯୋଡ଼େ, ଗଢ଼େ। ଏମିତିକି ସମ୍ରାଟକୁ କରେ ଫକୀର, ଫକୀରକୁ କରେ ସମ୍ରାଟ। ସିଂହାସନରେ ଚଢ଼ାଏ ପୁଣି ସିଂହାସନରୁ ଓହ୍ଲାଏ। ଯେମିତି କବି ଡ. ଶରତଚନ୍ଦ୍ର ପ୍ରଧାନ କହନ୍ତି, "କବିତା ତ ସ୍ୱଭାବେ ଶବ୍ଦ ସ୍ଥାପତ୍ୟ। ଶବ୍ଦର ବିଚିତ୍ର ଧ୍ୱନି ମାଧୁରୀରେ ଏହା ସ୍ୱୟଂପ୍ରଭ।

ଶବ୍ଦର ଆକାଶ ହେଉଛି କବିତାର ପ୍ରାଣଭୂମି। ଶବ୍ଦମାନେ ଆସନ୍ତି, ଭାଂଗନ୍ତି ପୁଣି ପରସ୍ପର ଯୋଡ଼ି ହୋଇଯା'ନ୍ତି। ତହିଁରେ ନାଦ ଉଠେ।" କବି ରାଉତ ହୁଏତ ଡ. ପ୍ରଧାନଙ୍କ ଭଳି ଏକ ଉଚ୍ଛୁଳା ଆବେଗରେ କବିତାର ରୂପ ବିନ୍ୟାସ କରିଛନ୍ତି। କେବଳ ଏତିକି ନୁହେଁ ଶବ୍ଦଚୟନ କ୍ଷେତ୍ରରେ କବି ଖୁବ୍ ସତର୍କତା ଅବଲମ୍ବନ କରିଛନ୍ତି।

କବିଙ୍କ ଭିନ୍ନ ଏକ କବିତା 'ଦଖଲ'ରେ ଗାଁର ଆତଂକ, ଉଜୁଡ଼ା କିଆରୀ, ହାତୀଙ୍କ ଆକ୍ରୋଶ, ମଣିଷ ଆକ୍ରୋଶ, ଟାଂଗରା ପାହାଡ଼, କିଛି କିଛି ଥୁଣ୍ଟା ଗଛ ଯେମିତି କ୍ରମାଗତ ଭାବେ ପରିବେଶକୁ ବିପର୍ଯ୍ୟସ୍ତ କରିଛି। ଜଂଗଲ କାଟିଛି ମଣିଷ। ହାତୀ ଏବେ କ୍ଷେତମୁହାଁ। ଏମିତି ଏକ ବିପର୍ଯ୍ୟସ୍ତ ହସ୍ତିନାପୁରରେ ଚିନ୍ତାମଗ୍ନ ହୋଇ ନିରେଖିଛନ୍ତି ଯୋଜନ ଯୋଜନ ପତିତ ଭୂଇଁ ଆଡ଼େ। ଠିକ୍ ସେହି ରି 'ଆଧାର' କବିତାରେ ଗାଡ଼ି ଓ ଶିରର ବିଷୟ କ୍ରମକୁ ଉପସ୍ଥାପନ କରୁକରୁ ଗାଡ଼ିକୁ କିଏ ଚଲାଏ ଏଇମିତି ଏକ ଭାବନାର ସଂଶୟ ଆଚ୍ଛାଦିତ କରିଛି କବିଙ୍କୁ। 'ଅନୁଶୀଳନ' କବିତାରେ ଅପରାହ୍ନର ମଳିନ ଆଲୋକ, ବ୍ୟଗ୍ର ଗତିଶୀଳ ସମାଜ, ସସାଗରା ଧରା, ପ୍ରାଚୁର୍ଯ୍ୟର ପସରା ଆଦି ଜଗତିକରଣର ଉପସର୍ଗକୁ ସ୍ପର୍ଶ କରିଛନ୍ତି। ଜଗତିକରଣ ସମାଜରେ ବସ୍ତୁବାଦୀ ହୋଇପଡ଼ିଛି ମଣିଷ। ସମୟ ନାହିଁ କାହା ପାଖରେ। ବ୍ୟସ୍ତ-ବିବ୍ରତ ସଭିଏ। ପ୍ରାଚୁର୍ଯ୍ୟର ପସରା ଭିତରେ ଅବଶିଷ୍ଟ ଜୀବନ ବିତାଇବାର ଭରପୂର ପ୍ରୟାସ। ବେଶ୍ କିଛି ମୁହୂର୍ତ୍ତ କବିଙ୍କ ହୃଦୟରେ ଉଦ୍‌ବେଳନ ସୃଷ୍ଟି କରିଛି।

ଏମିତି ଦୃଶ୍ୟ ଅବଲୋକନ କରୁକରୁ "ପୁଂଜିର ପିରାମିଡ୍ ଉପରେ ସେହି ଖିଆଲି ଶାସକ ବସି / ସୁଖ ସ୍ୱପ୍ନରେ ବିଭୋର ହେଉଥିଲା ବେଳେ ପଥି ବିନା ରୋଗୀଣା ଶିଶୁର ଦରୋଟି ଭାଷା / ଚିରକାଳ ସ୍ୱପ୍ନ ହୋଇଯାଏ ନିଃସ୍ୱ ଦୁର୍ଭାଗା ମାତା ପିତାଙ୍କର" ବୋଲି ଉଦ୍‌ଘୋଷଣା କରିଛନ୍ତି। କବିଙ୍କର ଅନ୍ତରାତ୍ମା ବିଦ୍ରୋହ କରିଛି। ସଂକଟ ସର୍ବସ୍ୱ ମଣିଷକୁ ଉଦ୍ଧାର କରିବା ପାଇଁ ଜଣେ ହେଲେ ଦରଦୀ ମଣିଷଙ୍କୁ ପାଇନାହାନ୍ତି କବି। ଏଇଠି ସାମ୍ୟବାଦୀ ଚିନ୍ତା ଓ ଚେତନାର କାବ୍ୟପୁରୁଷ ସତେ ଯେମିତି ବିପ୍ଳବର ବିଗୁଲ ବଜାଉଛି। ଏଠି ଥିଲାବାଲାର ରାଜୁତି। ବିଚରା ନଥିଲା ବାଲାର ଜୀବନ ବିତେ ଫୁଟ୍ ପାଥରେ। ଅଇଁଠା ପତ୍ର ପାଖରେ କୁକୁର ସହ ଯୁଝୁଥାଏ ଦରିଦ୍ର ମଣିଷ। ମାତ୍ର ଥୋକେ ଲୋକ ସୁଖ ଏବଂ ପ୍ରାଚୁର୍ଯ୍ୟରେ ବୁଡ଼ି ରହି ଲଗାମ୍‌ହୀନ ଶାସନ କରିଚାଲିଥା'ନ୍ତି। ଏଇମିତି ଏକ ଆଖିଦେଖା ଭାବନାକୁ କବି ବର୍ଣ୍ଣନା କରିବାପାଇଁ କୁଣ୍ଠାପ୍ରକାଶ କରିନାହାନ୍ତି। "କିଏ ଉଦାର / ଅଭୟଦାୟୀ ଏବଂ ତ୍ୟାଗୀ / କିଏ ଶୋଷକ / ଶାସକ ନା ସଂତ୍ରାସୀ / ଏ ପ୍ରଶ୍ନର ଉତ୍ତର ଖୋଜୁ ଖୋଜୁ / ବିତିଯାଉଛି ପୁରୁଷ ପରେ ପୁରୁଷ।" (ପୃ: ୫୩) ତଥାପି ଖୋଜା ଚାଲିଚି ଅନ୍ତଃହୀନ ରାସ୍ତାରେ।

କବିଙ୍କ ମନନ ଗୁଂଜନରେ କ୍ରିୟା ପ୍ରତିକ୍ରିୟା ଜମାଟ ବାନ୍ଧିଛି ବିଲ୍ୱବର ନିଆଁ ଝୁଲରେ। ବିପ୍ଳବ ନାଁରେ ଆରମ୍ଭ ହୁଏ ଗୋଷ୍ଠୀ ସଂଘର୍ଷ। ବାଜି ଲାଗେ ଆଶା ଓ ବିଶ୍ୱାସ। ସ୍ୱପ୍ନ ଓ ସୟଳ। ଶିକାର ହୁଏ ନିରୀହ ମଣିଷ। ଆସ୍ଥା ତୁଟିଯାଏ ପ୍ରଚଳିତ ସମାଜ ବ୍ୟବସ୍ଥା ଉପରେ। ବିଚିତ୍ର ଏ ଦୁନିଆଁ। କିଏ କାହା ପାଇଁ ଶହୀଦ ହୁଏତ, ଆଉ କିଏ କାହାପାଇଁ ପାଲଟି ଯାଏ ଆତତାୟୀ ଓ ବିଦ୍ରୋହୀ।

ସୁତରାଂ ଏତାଦୃଶ ବିଚିତ୍ର ପରିବେଶରୁ ମଣିଷର ସବଳ ଜୀବନ କିପରି ମୁକ୍ତିଲାଭ କରିବ ବୋଲି କବି ପ୍ରଶ୍ନ କରିଛନ୍ତି। ହରରଂଗୀ ଲୁଂଗି ପବନରେ ନିତି ପ୍ରତିଦିନ ଉଡୁଥିବା ପ୍ରତିଟି ମଣିଷର 'ବହୁରୂପୀ' ଦୃଶ୍ୟ କବିଙ୍କ ଚେତନା ସ୍ତରରେ ଯଥେଷ୍ଟ ପ୍ରଶସ୍ତ ଏବଂ ପରି_କାଶର କାନ୍‌ଭାସ୍‌ରେ ରେଖାଂକିତ ଚିତ୍ର ବେଶ୍ ସ୍ପଷ୍ଟ। 'ରାବଣପୋଡ଼ି' ସମୟରେ ସମବେତ ଜନତାଙ୍କର ପ୍ରବଳ ଭିଡ଼। ଆମନ୍ତ୍ରିତ ମାନ୍ୟଗଣ୍ୟ ଅତିଥି। ସର୍ବୋପରି ବୁଲା ବିକାଳିମାନଙ୍କର ଗ୍ରାହକମାନଙ୍କୁ ଆକର୍ଷଣଜନିତ ଜନିତ ବିଭିନ୍ନ ସାମଗ୍ରୀ ପୋଲିସ୍‌ର ସତର୍କ ପଇଁତରା। ଏଇମିତି ଏକ ଅନୁପମ ପରିବେଶରେ ଆମନ୍ତ୍ରିତ ହୋଇ ଆସିଥିବା ମହାମହିମ (ମୁଖ୍ୟ ଅତିଥି)ଙ୍କ ଦ୍ୱାରା ଅଗ୍ନି ସଂଯୋଗ। ଆତସବାଜିରେ ପ୍ରକମ୍ପିତ ଜନପଠ। ଦଶାନନ ଅଗ୍ନିରେ ଜଳୁଛନ୍ତି ଯେ ଜଳୁଛନ୍ତି। ଦର୍ଶକ ବେଶ୍ କିଛି ସମୟ ପାଇଁ ରାବଣର ଚରିତ୍ର ସଂପର୍କରେ ବିଶେଷ ଚର୍ଚ୍ଚାରେ ମସ୍‌ଗୁଲ। କବି କିନ୍ତୁ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି ଏମିତି ଏକ ଦୃଶ୍ୟ ରାଜିକୁ। ରାବଣପୋଡ଼ିରେ କ'ଣ ଲୋପ ପାଇଯିବ ଅଧର୍ମ, ଅତ୍ୟାଚାର। ସ୍ୱର୍ଗକୁ ସିଢ଼ି ବାନ୍ଧିବାର ଅଯଥା ଆସ୍ଫାଳନ!! ଏଇମିତି ଭାବବାଚ୍ୟରେ କବି ଅସ୍ଥିର ହୋଇଛନ୍ତି। ଏସବୁ ସତ୍ତ୍ୱେ କବି ସତର୍କତାର ସହିତ ସମାଜକୁ ବାର୍ତ୍ତା ଦେଇ କହନ୍ତି - "ସବୁ ଶେଷରେ ଏକ ଆରମ୍ଭର ଅଂକୁରଣ ହିଁ ହୋଇଥାଏ / ଯେପରି ପ୍ରତ୍ୟେକ ମୃତ୍ୟୁ ପଛରେ / ଏକ ନୂତନ ସର୍ଜନାର ବାର୍ତ୍ତା ହିଁ ଛପି ରହିଥାଏ।" ଆଶା ଏବଂ ନିରାଶାର ଦୋଛକି ଉପରେ ଠିଆହୋଇ ମନେହୁଏ କବି ରାଉତ ନିଜ ସହ ନିଜେ ହିଁ ସଂଳାପ ବିନିମୟ କରୁକରୁ ସମାଜ ପାଇଁ ଏକ ସମ୍ଭାବନାମୟ ସ୍ୱପ୍ନର ପୃଥିବୀ କଳ୍ପନା କରିଛନ୍ତି।

କବିଟିଏ କେତେବେଳେ କେଉଁ ଭୂମିକାରେ ଅବତୀର୍ଣ୍ଣ ହୋଇଥାଏ, ତାହା ତାଙ୍କୁ ହିଁ ଜଣା। କାରଣ କବିର ସାରସ୍ୱତ ନେତ୍ର ଖୋଜିବୁଲେ ବହିର୍ବିଶ୍ୱ, ଅନ୍ତର୍ବିଶ୍ୱ, ବିଶ୍ୱ ପ୍ରକୃତି, ମାନବ ପ୍ରକୃତି, ଜଡ଼ ଓ ଚେତନ ଜଗତର ବିବିଧ ଚିତ୍ରଲିପି। ସେଇଥିପାଇଁ ତ କବି ସାଜେ ଯୁଗଚେତନାର ଅଧିକାରୀ। (sense of his own age) କବିଟିଏ ତ୍ରିକାଳଜ୍ଞ ଓ କ୍ରାନ୍ତିଦର୍ଶୀ। (The great poet in writing himself writes his time. - T.S. Eliot) କବି ରାଉତଙ୍କ 'ଗାଇଡ୍' କବିତାରେ ଯୁଗ୍ମ ଅଭିନୟ କରିଛନ୍ତି। (କ୍ରମଶଃ)



ଡ. ରାଧାରଂଜନ ପଟ୍ଟନାୟକ୍
କାଦ୍ରାବାଦ, ସୁନହଟ, ବାଲେଶ୍ୱର,
ମୋ: ୯୪୩୮୨୯୦୦୭୨

---



କଲମ ଆଜ୍ ଉନକୀ ଜୟ ବୋଲ୍
ଯୋ ଚଢ଼ ଗୟେ ପୁଣ୍ୟ ବେଦୀ ପର୍
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'



## ବମ୍ ତୁଲ୍ ବୁଖାରା

୭



ଦୀପକ ରଂଜନ ମିଶ୍ର

# ॥ ଶହୀଦ କରତାର ସିଂହ ସରାଭା ॥



ଶହୀଦ କରତାର ସିଂହ ସରାଭା
(୧୮୯୬-୧୯୧୫)

୧୯୧୨ ମସିହାରେ ସାନ୍‌ଫ୍ରାନ୍ସିସ୍କୋ ବନ୍ଦରର ଇମେଗ୍ରେସନ୍ ଅଫିସରଙ୍କ ସାମ୍ନାରେ ଠିଆ ହୋଇଥାଏ ଜଣେ ୧୬ ବର୍ଷୀୟ କିଶୋର, କରତାର ସିଂହ । ଉଚ୍ଚଶିକ୍ଷା ପାଇଁ ଆମେରିକା ଆସିଥିବା କଥା ଶୁଣି ଅଧିକାରୀ ତାକୁ ପ୍ରବେଶର ଅନୁମତି ନଦେଲେ ସେ କ'ଣ କରିବ ବୋଲି ପଚାରିବାରୁ ତା'ର ନିର୍ଭିକ ଉତ୍ତର ଥାଏ – "ତେବେ ବୁଝିବି ମୋ ସହ ବଡ଼ ଅନ୍ୟାୟ ହୋଇଛି । ବିଦ୍ୟାର୍ଥୀଙ୍କ ଏଭଳି ପଥ ଅବରୁଦ୍ଧ କଲେ ସଂସାରର ପ୍ରଗତି ବାଧାପ୍ରାପ୍ତ ହୁଏ । କିଏ ଜାଣିଛି ଏଇଠି ଶିକ୍ଷାଗ୍ରହଣ କରିବା ପରେ ମୁଁ ସଂସାର ପାଇଁ କିଛି ବଡ଼କାମ ନକରି ପାରିବି ବୋଲି । ପ୍ରବେଶ ନମିଳିଲେ ସଂସାର ସେଇ ପ୍ରାପ୍ତିରୁ ବଞ୍ଚିତ ରହିଯାଇପାରେ ।" ଆପଣା ଉପରେ ପ୍ରଚଣ୍ଡ ବିଶ୍ୱାସ ଥିବା କିଶୋରଟିର ଏଭଳି ଉତ୍ତର ଯୋଗୁଁ ତାକୁ ଆମେରିକାରେ ପ୍ରବେଶର ଅନୁମତି ମିଳିଯାଏ ।

ଲୁଧିଆନା ଜିଲ୍ଲା ଅନ୍ତର୍ଗତ 'ସରାଭା' ଗାଁର ଏକ ପ୍ରତିଷ୍ଠିତ ଶିଖ୍ ପରିବାରର ପୁଅ ଥିଲେ କରତାର । ୧୮୯୬ ମସିହାରେ ତାଙ୍କର ଜନ୍ମର କିଛିଦିନ ପରେ ବାପା ମଙ୍ଗଳସିଂହଙ୍କ ଦେହାନ୍ତ ଘଟେ । ଜେଜେବାପାଙ୍କ ଦ୍ୱାରା ଲାଳିତ ପାଳିତ ହୁଅନ୍ତି କରତାର । ଲୁଧିଆନାର ଖାଲ୍‌ସା ସ୍କୁଲରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ିବା ପରେ ସେ ଓଡ଼ିଶାରେ ଜଙ୍ଗଲ ବିଭାଗରେ ଉଚ୍ଚ ପଦରେ କାର୍ଯ୍ୟରତ ତାଙ୍କ କାକାଙ୍କ ପାଖକୁ ଆସି ରେଭେନ୍ସା କଲେଜିଏଟ୍ ସ୍କୁଲରୁ ମେଟ୍ରିକ୍ ପାଶ କରନ୍ତି । ତା'ପରେ ଉଚ୍ଚଶିକ୍ଷା ପାଇଁ ଆମେରିକା । ସ୍ୱାଧୀନ ଦେଶର ଉନ୍ମୁକ୍ତ ବାତାବରଣ ତାଙ୍କୁ ଖୁବ୍ ଭଲଲାଗେ । ଗୋଟେ ବଗିଚାରେ ଫଳ ତୋଳିବାର କାମ କରି କିଛି ଅର୍ଥ ଉପାର୍ଜନ କରିବା ସହ କଲେଜ୍‌ରେ ନାମ ଲେଖାଇ ପଢ଼ିବା ଆରମ୍ଭ କରନ୍ତି । କଳାଗୋରାର ଭେଦଭାବ ଯୋଗୁଁ ଭାରତୀୟମାନଙ୍କୁ 'ବ୍ଲାକ୍ ଇଣ୍ଡିଆନ୍' ବା 'ଡେମି କୁଲି' ବୋଲି ସମ୍ବୋଧନ କରାଯାଉଥାଏ । ତାଙ୍କୁ କୌଣସି ହୋଟେଲ୍‌ରେ ରହିବାକୁ ଅନୁମତି ମିଳେନି । ପ୍ରବେଶଦ୍ୱାର ପାଖରେ ଲେଖା ହୋଇଥାଏ – ଏଠାରେ କୁକୁର ଓ ଭାରତୀୟଙ୍କୁ ରହିବାକୁ ଅନୁମତି ଦିଆଯାଏ ନାହିଁ । ଏଭଳି ବ୍ୟବହାରରେ ଉତ୍‌କ୍ଷିପ୍ତ ହୋଇ ପ୍ରତିବାଦ କଲେ ଆମେରିକୀୟମାନେ ପଚାରୁଥିଲେ, ତୁମ ଭାରତରେ ତିରିଶ କୋଟି ମନୁଷ୍ୟ ଅଛନ୍ତି ନା ତିରିଶ କୋଟି ପଶୁ ? ମଣିଷ ରହୁଥିଲେ ହାତ ଗଣତି କିଛି ଇଂରେଜ୍ କ'ଣ ତୁମକୁ ଶହ ଶହ ବର୍ଷ ଧରି ଶାସନ କରି ପାରୁଥାନ୍ତେ ? ବାରମ୍ବାର ଅପମାନିତ ହେବା ଯୋଗୁଁ ଭାରତୀୟଙ୍କ ମନରେ ଏକ ବିଦ୍ରୋହ ଭୃଣ ସଞ୍ଚାର ହୁଏ । ସେଇ ସମୟରେ ଗିରଫ୍‌ଦାରୀ ଏଡ଼ାଇବା ପାଇଁ ଭାରତରୁ ପଳାୟନ କରିଥିବା ମହାନ କ୍ରାନ୍ତିକାରୀ ଲାଲା ହରଦୟାଲ ଇଂଲଣ୍ଡ ଓ ଫ୍ରାନ୍ସ ଦେଇ ଆମେରିକାରେ ପହଞ୍ଚନ୍ତି । ପଞ୍ଜାବରୁ ନିଷ୍କାସିତ ହୋଇଥିବା ଭବାନୀସିଂହଙ୍କ ସହିତ ମିଶି ସେଇଠି ସଂଗଠନ ଆରମ୍ଭ କରାଯାଏ । ତାଙ୍କ ସହ ଯୋଗ ଦିଅନ୍ତି ସୋହନ ସିଂହ ଭକ୍‌ନା ଓ ଆର୍ଯ୍ୟସମାଜର ପ୍ରଚାରକ ଭାଇ ପରମାନନ୍ଦ । ଦିନେ ହାତ ଖଣ୍ଡିଆ ହୋଇଯିବାରୁ ଚିକିତ୍ସା ଉଦ୍ଦେଶ୍ୟରେ କରତାର ଯାଇ ପହଞ୍ଚନ୍ତି ଗୋଟେ କ୍ଲିନିକ୍‌ରେ । ସେଠାରେ ଭାଇ ପରମାନନ୍ଦ ହାତରେ ଔଷଧ ଲଗାଇ ବେଣ୍ଡେଜ୍ ବାନ୍ଧି ଦେବାସହ ତାଙ୍କ ବିଷୟରେ ପଚାରି ବୁଝନ୍ତି । ରାତିରେ ରହିଯାଆନ୍ତି କରତାର ସେଇଠି । ଭାଇ ପରମାନନ୍ଦଙ୍କ ପାଖରୁ ଭାରତୀୟ ସ୍ୱର୍ଣ୍ଣିମ ଇତିହାସ, ଦୀର୍ଘଦିନର ପରାଧୀନତା, ଶିଖଗୁରୁ ଗୋବିନ୍ଦସିଂହଙ୍କ ଉଦ୍ୟମ ତଥା ବଳିଦାନ ବିଷୟରେ ବିଭିନ୍ନ କଥା ଶୁଣି ବେଶ୍ ପ୍ରଭାବିତ ହୋଇ ସଂଗଠନର ଗୋଟିଏ କାର୍ଯ୍ୟକ୍ରମରେ ଯୋଗ ଦିଅନ୍ତି ଆପଣା ବନ୍ଧୁ ଜିତେନ୍ଦ୍ରନାଥ ଲାହିଡ଼ି ତଥା ଡି. ଚେନ୍ନୈୟାଙ୍କ ସହ । ସେଠାରେ ଲାଲା ହରଦୟାଲଙ୍କ ଓଜସ୍ୱୀ ଭାଷଣ ଯୋଗୁଁ ତିନିବନ୍ଧୁ ଆପଣା ସର୍ବସ୍ୱ କ୍ରାନ୍ତି ପାଇଁ ସମର୍ପଣ କରିବାକୁ ସଂକଳ୍ପ କରନ୍ତି । ତିନିହେଁ ବର୍କଲେ ବିଶ୍ୱବିଦ୍ୟାଳୟ ନିକଟରେ ଗୋଟେ ଭଡ଼ାଘରେ ନାଳନ୍ଦା ଛାତ୍ରାବାସ ସ୍ଥାପନ କରନ୍ତି । କେବେ କେବେ ଲାଲା ହରଦୟାଲ ଆସି ରହନ୍ତି ତାଙ୍କ ଛାତ୍ରାବାସରେ । ଅଧିକରୁ ଅଧିକ ଲୋକଙ୍କୁ ଆପଣା ମତସହ ପରିଚିତ କରିବା ଲକ୍ଷ୍ୟରେ 'ଗଦର' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରାଯାଏ । ସେଇ ପତ୍ରିକାରେ ନିୟମିତ ଲେଖିବା ସହ ସମ୍ପାଦନା ମଣ୍ଡଳୀରେ ମଧ୍ୟ କାମ କରନ୍ତି କରତାର । ଏମାନଙ୍କ ଉଦ୍ୟମ ଯୋଗୁଁ ଆସ୍ତେ ଆସ୍ତେ ସେଠାରେ ବସବାସ କରୁଥିବା ଭାରତୀୟଙ୍କ ମନରୁ ହୀନମନ୍ୟତା ଦୂର ହେବାସହ ଆତ୍ମବିଶ୍ୱାସ ବୃଦ୍ଧି ପାଇବାକୁ ଲାଗେ । ଭାରତର ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇ ଆପଣା ପ୍ରାଣ ଉତ୍ସର୍ଗ କରିବାକୁ ଆଗେଇ ଆସନ୍ତି ସମସ୍ତେ । ଗଦର ପାର୍ଟି ତରଫରୁ କରତାରଙ୍କୁ ନ୍ୟୁୟର୍କ ପଠାଯାଏ ଉଡ଼ାଜାହାଜ ଚଳାଇବା ସହ ତା'ର ବିଭିନ୍ନ ଯନ୍ତ୍ରାଂଶର ମରାମତି ଶିକ୍ଷା କରିବା ପାଇଁ । ଛ'ମାସର କୋର୍ସକୁ ମାତ୍ର ଚାରିମାସରେ ପୂରାକରି ଏକ ସଫଳ ପାଇଲଟ୍ ବନିଯାଆନ୍ତି କରତାର ସିଂହ ।

୧୯୧୪ ମସିହାରେ ଗୋଟେ ବିଶେଷ ଘଟଣା ଘଟେ ଯାହା ଇତିହାସରେ 'କୋମାଗାଟାମାରୁ' ନାମରେ ପ୍ରସିଦ୍ଧ । ଏହା ଏକ ଜାପାନୀ ଜାହାଜର ନାଁ । କ୍ରାନ୍ତିକାରୀ ବାବା ଗୁରୁଦିତ୍ ସିଂହ ଏଇ ଜାହାଜରେ ୩୭୬ ଜଣ ଭାରତୀୟଙ୍କୁ ନେଇ କାନାଡ଼ା ଯାଉଥିଲେ । କିନ୍ତୁ ତାଙ୍କୁ କାନାଡ଼ାର ଭେଙ୍କୋବର ବନ୍ଦରରେ ଓହ୍ଲାଇବାକୁ ଅନୁମତି ଦିଅନ୍ତିନି କର୍ତ୍ତୃପକ୍ଷ । ଦୁଇମାସ ଯାଏଁ ଜାହାଜ ସେଇମିତି ଠିଆହୋଇ ରହେ ପାଣି ଭିତରେ । ଖାଦ୍ୟ ପଦାର୍ଥ ସରିଯିବା ସହ ପ୍ରାୟ ୬ ଦିନ ଯାତ୍ରୀମାନେ ଟୋପାଏ ପାଣି ବି ପିଇବାକୁ ପାଆନ୍ତି ନାହିଁ । ଶେଷକୁ ଅନନ୍ୟୋପାୟ ହୋଇ ଜାହାଜ ଫେରିଆସେ । କଲିକତାରେ ଯାତ୍ରୀମାନେ ଓହ୍ଲେଇଲା ବେଳେ ଇଂରେଜ ସିପାହୀମାନେ ଭିଡ଼ ଉପରକୁ ଅନ୍ଧାଧୁନ୍ଧ ଗୁଳି ଚଳାନ୍ତି ଯେଉଁଥିରେ ପ୍ରାୟ ୭୦ ଜଣ ମୃତ୍ୟୁବରଣ କରନ୍ତି । କେତେଜଣ ଲୁଚି ଖସିଯିବାରେ ସଫଳ ହେବାବେଳେ ଅବଶିଷ୍ଟଙ୍କୁ ଜବରଦସ୍ତି ପଞ୍ଜାବମେଲ୍‌ରେ ବସାଇ ପଞ୍ଜାବ ପଠାଇଦିଆଯାଏ । ଏଇ ଜାହାଜ ତା'ର ଫେରନ୍ତା ଯାତ୍ରାରେ ଜାପାନ୍‌ର ବନ୍ଦରରେ ଅଟକିଥିବା ବେଳେ ବାବା ଗୁରୁଦିତ୍‌ଙ୍କୁ ସାକ୍ଷାତ କରି ଭବିଷ୍ୟତର କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରିବାର ଉଦ୍ଦେଶ୍ୟରେ କରତାର ଗୋଟେ ଉଡ଼ାଜାହାଜରେ କ୍ରାନ୍ତିକାରୀ ସାଥୀ ଗୁପ୍ତା ଓ ଆମେରିକୀୟ ଅରାଜକତାବାଦୀ ଜେବ୍‌ଙ୍କୁ ସାଙ୍ଗରେ ନେଇ ଆସିଥିଲେ । ତାହା ଥାଏ ପ୍ରଥମ ବିଶ୍ୱଯୁଦ୍ଧର ସମୟ । ଜର୍ମାନୀର ଘନ ଘନ ଆକ୍ରମଣରେ ଇଂଲଣ୍ଡ ତ୍ରାହି ତ୍ରାହି ଡାକୁଥାଏ । ଏଇଟା ହିଁ ସ୍ୱଦେଶରେ ପହଞ୍ଚି କ୍ରାନ୍ତି ଆରମ୍ଭ କରିବାର ପ୍ରକୃଷ୍ଟ ସମୟ ବୋଲି ଭାବନ୍ତି କରତାର ସିଂହ । ଗଦର ପାର୍ଟିର ଅନେକ ସାଥୀଙ୍କୁ ଭାରତ ପଠେଇବା ସହ ନିଜେ 'ନିପନମାରୁ' ନାମକ ଏକ ଜାପାନୀ ଜାହାଜରେ କଲମ୍ବୋ ତଥା ମାଡ୍ରାସ ବାଟଦେଇ ପଞ୍ଜାବରେ ପହଞ୍ଚିଯାଆନ୍ତି । ଗଦର (ବିଦ୍ରୋହ) କରିବା ପାଇଁ ଅଭିଜ୍ଞ ମାର୍ଗଦର୍ଶକଙ୍କ ଆବଶ୍ୟକତା ଅନୁଭବ ହୁଏ । ସେଥିପାଇଁ ବଙ୍ଗଳାରୁ ରାସବିହାରୀ ବୋଷଙ୍କୁ ପଞ୍ଜାବ ନିମନ୍ତ୍ରଣ କରାଯାଏ । ରାସବିହାରୀ ଜଣେ ପୋଖତ କ୍ରାନ୍ତିକାରୀ ହୋଇଥିବାରୁ ପ୍ରଥମରୁ ନଯାଇ ପରିସ୍ଥିତିର ଅନୁଧ୍ୟାନ ପାଇଁ ତାଙ୍କ ମୁଖ୍ୟ ସହଯୋଗୀ ସଚ୍ଚିନ୍ଦ୍ରନାଥ ସାନ୍ୟାଲଙ୍କୁ ପଞ୍ଜାବ ପଠାନ୍ତି । ସେ ପଞ୍ଜାବ ଯାଇ ସବୁକିଛି ଦେଖି ପରଖି ରାସବିହାରୀଙ୍କୁ ସ୍ଥିତି ବିଷୟରେ ଅବଗତ କରେଇବା ସହ ଖୁବ୍ ପ୍ରଶଂସା କରନ୍ତି କରତାରଙ୍କର । କିଛିଦିନ ପରେ ରାସବିହାରୀ ପହଞ୍ଚନ୍ତି ପଞ୍ଜାବ । ଭିନ୍ନ ଭିନ୍ନ କାର୍ଯ୍ୟ ପାଇଁ ଦଳରେ ବିଭାଗୀକରଣ କରାଯାଏ । ଲାହୋର, ମିରଟ, ଆଗ୍ରା, କାନପୁର, ଏଲ୍ଲାବାଦ, ବନାରସ ତଥା ଫିରୋଜପୁର ଠାରେ ଥିବା ସେନାଛାଉଣୀରେ ଭାରତୀୟ ସୈନିକଙ୍କୁ ବିଦ୍ରୋହ ପାଇଁ ଉସୁକେଇବା ସହ ସାଧାରଣ ଗ୍ରାମୀଣ ଜନତାଙ୍କ ମଧ୍ୟରେ ବିଦ୍ରୋହର ବାର୍ତ୍ତା ପ୍ରଚାର କରାଯାଏ । ଅର୍ଥର ଆବଶ୍ୟକତାକୁ ପୂରଣ କରିବା ପାଇଁ ଦଳ ପକ୍ଷରୁ କେବେ କେମିତି ଡକାୟତି କରିବାକୁ ସ୍ଥିର କରାହୁଏ । ସାଥୀମାନେ ଏଇ ପ୍ରସ୍ତାବରେ ପଛଘୁଞ୍ଚା ଦେବାରୁ ବଡ଼ ସହଜ ଭାବରେ ଆର୍ଯ୍ୟସମାଜୀ ସଂସ୍କାରକ ଭାଇ ପରମାନନ୍ଦଙ୍କ ନାଁ ନେଇ କରତାର କହନ୍ତି ଯେ ସେ ମଧ୍ୟ ଗଦର ପାଇଁ ଡକାୟତୀ କରିବାରେ କିଛି ଦୋଷ ନାହିଁ ବୋଲି କହିଛନ୍ତି । ସାଥୀମାନେ ସନ୍ଦେହ ପ୍ରକାଶ କରି ତାଙ୍କୁ ଆଉଥରେ ପଚାରିବା ପାଇଁ ଅନୁରୋଧ କରନ୍ତି । ତା' ପରଦିନ ଭାଇ ପରମାନନ୍ଦଙ୍କୁ ସାକ୍ଷାତ ସୁଦ୍ଧା ନକରି ଭେଟିଛନ୍ତି ବୋଲି କହିଦିଅନ୍ତି । ଜମିଦାର ତଥା ଧନୀ ଘର ଦେଖି ସଦଳବଳେ ଅଚାନକ ଚଢ଼ାଉ କରାଯାଏ । ପ୍ରତିଦିନ ଚାଳିଶ ପଚାଶ କିଲୋମିଟର ଲେଖାଁ ସାଇକେଲରେ ଯାଇ କାର୍ଯ୍ୟର ତଦାରଖ କରୁଥାନ୍ତି ନିଜେ କରତାର ସିଂହ । ୧୯୧୫ ଫେବୃଆରୀ ୨୧ ତାରିଖ ଦିନ ସାରା ଦେଶରେ ଗଦର କରିବାକୁ ସ୍ଥିର କରାଯାଏ । କିନ୍ତୁ କୃପାଲ ସିଂହ ଇଂରେଜମାନଙ୍କୁ ଯୋଜନା ବିଷୟରେ ପୂର୍ବରୁ ସୂଚନା ଦେଇଦେବାରୁ ସବୁ ଫସର ଫାଟିଯାଏ । ଗଦର ପାର୍ଟିର ବହୁ କର୍ମକର୍ତ୍ତାଙ୍କୁ ଅଚାନକ୍ ରାତିଅଧିଆ ଚଢ଼ାଉ କରି ଗିରଫ୍ କରାଯାଏ । ରାସବିହାରୀ କୌଶଳକ୍ରମେ ଜଣେ ପଞ୍ଜାବୀ ମୁସଲମାନ ବେଶରେ ଲାହୋରରୁ ବନାରସ ଚାଲିଯିବାରେ ସଫଳ ହୁଅନ୍ତି । କରତାର ନିଜ ଦୁଇବନ୍ଧୁ ଜଗତ ତଥା ହରନାମ୍‌ଙ୍କ ସହ ଛଦ୍ମବେଶରେ ଗାଡ଼ିରେ ବସି ଲାୟଲପୁର ଦେଇ ପେଶାୱର ପହଞ୍ଚିଯାଆନ୍ତି । ସେଇଠୁ କୌଶଳକ୍ରମେ ସୀମା ଅତିକ୍ରମ କରି ଆଫଗାନିସ୍ଥାନ । ନିଶ୍ଚିନ୍ତ ମନରେ ପାହାଡ଼ି ନଦୀକୂଳରେ ବିଶ୍ରାମ ନେଉ ନେଉ ଆପଣା ରଚିତ ଏକ କବିତା ଗୁଣୁଗୁଣେଇବାକୁ ଲାଗନ୍ତି କରତାର । ହଠାତ୍ ଚମକି ପଡ଼ି ବସିପଡ଼ି ସାଥୀ ଜଗତ୍‌କୁ କହନ୍ତି, "ୟାର୍, କ'ଣ ମୁଁ ଏଇ କବିତା କେବଳ ଅନ୍ୟମାନଙ୍କ ପାଇଁ ଲେଖିଥିଲି ? କ'ଣ ଏହାର ଆମ ସହିତ କିଛି ବି ସମ୍ବନ୍ଧ ନାହିଁ ? ନିଜ ସାଥୀମାନଙ୍କୁ ବିପତ୍ତିରେ ପକାଇ ଫେରାର ହୋଇଯିବାଟା କ'ଣ ଉଚିତ୍ ? ଜଗତ୍ ସିଂହ ବି ସେଇ ଏକା ଚିନ୍ତାଧାରାର ମଣିଷ । ତତ୍‌କ୍ଷଣାତ୍ କହନ୍ତି, "ଏବେସୁଦ୍ଧା କିଛି ବି ବିଗିଡ଼ି ଯାଇନାହିଁ । ଚାଲ ମାତୃଭୂମିକୁ ଫେରିଯାଇ ପୁଣିଥରେ ଗଦରର ପ୍ରୟାସ କରିବା ।" ସାଥୀ ହରନାମ୍ ସିଂହ ତଣ୍ଡିଲ୍ ଦାର୍ଶନିକ ଭଙ୍ଗୀରେ କହନ୍ତି, "ମର୍ଗେ ଅମ୍ୱୋହ ଜଶ୍ନେ ଦାରଦ୍ ।" (ସାଥୀହୋଇ ମରିବାରେ ଖୁବ୍ ମଜା ଲାଗିବ)

ତିନିହେଁ ଭାରତ ସୀମାକୁ ଫେରିଆସନ୍ତି । ଗୁପ୍ତଚରଙ୍କ ଠାରୁ ଖବର ପାଇ ସରଗୋଧା ନିକଟରେ ସେମାନଙ୍କୁ ଗିରଫ୍ କରାଯାଏ । ହାତକଡ଼ି ପିନ୍ଧିଲା ପରେ ମଧ୍ୟ ଟିକିଏ ବି ଉଦାସ ନଥାନ୍ତି କରତାର । ଲାହୋର ଜେଲ୍‌ରେ କେତେବେଳେ ସ୍ୱରଚିତ କବିତା ଆବୃତ୍ତି କରନ୍ତି ତ କେତେବେଳେ ଇଂରେଜ ଅଫିସରମାନଙ୍କ ନକଲ କରି ଆପଣା ସାଥୀମାନଙ୍କ ମନୋରଞ୍ଜନ କରନ୍ତି । ଏମାନଙ୍କ ବିରୁଦ୍ଧରେ ପ୍ରଥମ ଲାହୋର ଷଡ଼ଯନ୍ତ୍ର କେଶ୍ ଚାଲେ । ଶୁଣାଣି ବେଳେ କୋର୍ଟରେ ସବୁକିଛି ସତ ସତ ମାନିଯାଆନ୍ତି କରତାର । ଜଜ୍ କିଛି ବି ଲିପିବଦ୍ଧ ନକରି ତା' ପରଦିନ ଭାବିଚିନ୍ତି ପୁଣିଥରେ ବୟାନ ଦେବାକୁ ନିର୍ଦ୍ଦେଶ ଦିଅନ୍ତି । କାରଣ ଏଇ କଥନ ଉପରେ ତାଙ୍କୁ ଦେଶ ବିରୁଦ୍ଧରେ ଷଡ଼ଯନ୍ତ୍ରର ଆୟୋଜନ ଯୋଗୁଁ ଫାଶୀ ଦଣ୍ଡରେ ମଧ୍ୟ ଦଣ୍ଡିତ କରାଯାଇପାରେ । କିନ୍ତୁ ତା' ପରଦିନ ମଧ୍ୟ ସେଇ ସମାନ କଥାସବୁକୁ ଦୋହରାନ୍ତି କରତାର । ଆଜୀବନ କାରାଦଣ୍ଡ କିମ୍ବା ଫାଶୀ ହିଁ ତ ଦେଇପାରିବେ ସରକାର । ତାଠୁଁ ଅଧିକ ଆଉ କ'ଣ କରିପାରିବେ ଯେ ସେଥିପାଇଁ ସେ ଚିନ୍ତିତ ହେବେ । ସେ ଚାହୁଁଥିଲେ ଶୀଘ୍ର ଫାଶୀଖୁଣ୍ଟରେ ଝୁଲିବା ପାଇଁ । ତେବେସିନା ପୁନର୍ବାର ଏଇ ଦେଶରେ ଜନ୍ମଗହଣ କରି ପୁଣିଥରେ କ୍ରାନ୍ତିପଥର ପଥିକ ସାଜି ପାରିବେ । ସେଇ ଜେଲ୍‌ରେ ଥିବାବେଳେ ଭାଇ ପରମାନନ୍ଦ ଗିରଫ୍ ହୋଇ ଆସନ୍ତି । ଗୁରୁଶିଷ୍ୟଙ୍କର ସାକ୍ଷାତ୍ ଜେଲ୍ ଭିତରେ । ସବୁ ନାଟର ଗୋବର୍ଦ୍ଧନ ଏଇ ଭାଇ ପରମାନନ୍ଦ ବୋଲି ଇଂରେଜମାନଙ୍କ ଧାରଣା ଥାଏ । ଇୟେ କରତାର ସିଂହକୁ ସବୁବେଳେ କ୍ରାନ୍ତି ପାଇଁ ଉସୁକାଉଥିଲେ ବୋଲି ଅନେକ ରାଜସାକ୍ଷୀ ବୟାନ ଦେଇ ସାରିଥାନ୍ତି । ଏସବୁ ବିଷୟରେ ଅବଗତ ହୋଇ ଭାଇ ପରମାନନ୍ଦ ଆଶ୍ଚର୍ଯ୍ୟ ହୋଇ କରତାରଙ୍କୁ ପଚାରିବାରୁ ସିଏ କେବଳ ଟିକିଏ ହସି ଦିଅନ୍ତି । ଗଦର ଆନ୍ଦୋଳନର ଶୀର୍ଷସ୍ଥାନୀୟ ଲାଲା ହରଦୟାଲଙ୍କ ଠାରୁ ସୋହନ ସିଂହ ଭକ୍‌ନାଙ୍କ ପର୍ଯ୍ୟନ୍ତ ସମସ୍ତଙ୍କ ସହ ଅତି ଆତ୍ମୀୟ ସମ୍ପର୍କ ଥିଲେ ସୁଦ୍ଧା ପ୍ରତ୍ୟକ୍ଷ କ୍ରାନ୍ତିରେ କେବେ ଭାଗ ନେଇ ନଥିଲେ ଭାଇ ପରମାନନ୍ଦ । କିନ୍ତୁ ସାନ୍‌ଫ୍ରାନ୍ସିସ୍କୋର ସେଇ ଔଷଧ ଦୋକାନରେ କରତାରଙ୍କ ହାତରେ ପଟି ବାନ୍ଧିବା ସହ ତାଙ୍କୁ ଦେଇଥିବା ଗୁରୁଜ୍ଞାନ ଯୋଗୁଁ ଶିଷ୍ୟ ଗୁରୁଙ୍କ ନାମ ସଦା ସର୍ବଦା ଉଚ୍ଚାରଣ କରିଚାଲନ୍ତି । ଆପଣା ପ୍ରତ୍ୟେକ ବିଚାରକୁ ସାଥୀମାନଙ୍କ ଉପରେ ଥୋପିବା ପାଇଁ ଗୁରୁ ନାମ ହିଁ ଆଶ୍ରା । ନ୍ୟାୟିକ ନାଟକର ସମାପ୍ତି ଘଟେ । ଗଦର କ୍ରାନ୍ତିକାରୀଙ୍କ ମଧ୍ୟରୁ ୭ ଜଣକୁ ଫାଶୀ ଓ ୪୩ ଜଣଙ୍କୁ ଆଜୀବନ କାରାବାସ ଦଣ୍ଡ ଘୋଷଣା । ଶିଷ୍ୟ ଫାଶୀ ପାଇବା ବେଳେ ଗୁରୁଙ୍କୁ ହୁଏ ଆଜୀବନ କାରାବାସ । ହସି ହସି ଜଜ୍‌ଙ୍କୁ ଧନ୍ୟବାଦ ଦିଅନ୍ତି କରତାର । ଜେଲ ଭିତରେ ବିଭିନ୍ନ ପ୍ରକାରର ଉତ୍ପୀଡ଼ନ ସତ୍ତ୍ୱେ ଗିରଫ ହେବା ପରଠାରୁ ଦଣ୍ଡ ବିଧାନ ମଧ୍ୟରେ ତାଙ୍କର ୧୦ ପାଉଣ୍ଡ ଓଜନ ବଢ଼ିଯାଇଥାଏ ।

ଫାଶୀ ପାଇବା ପୂର୍ବଦିନ ଜେଜେବାପା ତାଙ୍କୁ ଭେଟିବାକୁ ଆସନ୍ତି । ଦୟା ଯାଚିକା ପେଶ୍ କରି ମୃତ୍ୟୁଦଣ୍ଡକୁ ଏଡ଼ାଇ ଦେଇଥିଲେ ଭଲ ହୋଇଥାନ୍ତା ବୋଲି କହିବାରୁ କରତାର ବିନମ୍ରତାର ସହ ତାଙ୍କୁ କିଛି ଆତ୍ମୀୟ ସ୍ୱଜନଙ୍କ କଥା ପଚାରନ୍ତି । ସେମାନଙ୍କ ଭିତରୁ କେହି ପ୍ଲେଗ୍‌ରେ ତ କେହି ନିମୋନିଆଁରେ ମୃତ୍ୟୁବରଣ କରିଥାନ୍ତି । ତେବେ କରତାର ପାଇଁ ବି ସେ କ'ଣ ସେଇଭଳି ଏକ ସାଧାରଣ ମୃତ୍ୟୁର କଳ୍ପନା କରୁଛନ୍ତି ? ବାଧିକିରେ ପଡ଼ି କତରାଲଗା ହୋଇ ମରିବା ଅପେକ୍ଷା ଏଭଳି ମୃତ୍ୟୁ ଶତଗୁଣେ ଶ୍ରେୟସ୍କର । ନିରୁତ୍ତର ଜେଜେବାପା ଆପଣା ନାତିକୁ ଯଶସ୍ୱୀ ହେବାର ଆଶୀର୍ବାଦ ଦେଇ ଲୁହ ପୋଛି ପୋଛି ପ୍ରସ୍ଥାନ କରନ୍ତି । ଭୟର ଲେଶ ମାତ୍ର ନଥାଏ କରତାରଙ୍କ ଠାରେ । ଆପଣା ବନ୍ଧୁମାନଙ୍କ ସହ ବଡ଼ ପାଟିରେ ଗୀତ ଗାଇ, କଥାବାର୍ତ୍ତା ହୋଇ ଦିନଟି କଟେ । ପରଦିନ ସକାଳୁ ପାଖ କୋଠରୀରେ ବନ୍ଦୀ ଥିବା ଭାଇ ପରମାନନ୍ଦ ବଡ଼ ପାଟିରେ ତାଙ୍କୁ ଡାକି କ'ଣ କରୁଛ ବୋଲି ପଚାରିବା ବେଳେ କରତାର ଗୋଟେ କବିତା ଲେଖୁଥିବା କଥା କହନ୍ତି । ଆଉ କିଛି ସମୟ ପରେ ଫାଶୀ ଖୁଣ୍ଟରେ ଝୁଲିବାକୁ ଯାଉଥିବା ବ୍ୟକ୍ତି ନିଶ୍ଚିନ୍ତ ମନରେ ବସି କବିତା ଲେଖୁଛି ! କି ଉପାଦାନରେ ଗଢ଼ା ଏ ମଣିଷ କେଜାଣି !! ମାତ୍ର ୧୯ ବର୍ଷ ବୟସରେ ଏତେ ଚଉଡ଼ା ଛାତି କୋଉଠୁ ପାଇଲା କେଜାଣି !!! ଆଶ୍ଚର୍ଯ୍ୟ ଚକିତ ଗୁରୁ ଆପଣା ଶିଷ୍ୟ ଉଦ୍ଦେଶ୍ୟରେ ନତମସ୍ତକ ହୁଅନ୍ତି । କିଛି ସମୟ ପରେ ସିପାହୀମାନେ ଆସିବାରୁ ସେଇଦିନ ଲେଖିଥିବା କବିତାକୁ କରତାର ଉଚ୍ଚ କଣ୍ଠରେ ଗାଇ ଗାଇ ଜଗତ ଓ ହରନାମ୍‌ଙ୍କ ସହ ବଧଭୂମିକୁ ଯାଆନ୍ତି । ଫାଶୀ ଦଉଡ଼ିକୁ ନିଜ ହାତରେ ନିଜ ମୁଣ୍ଡରେ ଗଳାଇ ଖୁବ୍ ଉଚ୍ଚକଣ୍ଠରେ ଭାରତମାତା ତଥା ଗଦର କ୍ରାନ୍ତିର ଜୟଗାନ କରୁଥିବା ବେଳେ ହରନାମ ସିଂହ ତଣ୍ଡିଲଙ୍କ ସ୍ମରଣକୁ ଆସେ ଆଫଗାନିସ୍ଥାନରୁ ପ୍ରତ୍ୟାବର୍ତ୍ତନ ସମୟର କଥା । ବଡ଼ପାଟିରେ "ମର୍ଗେ ଅମ୍ୱୋହ ଜଶ୍ନେ ଦାରଦ୍" ଉଚ୍ଚାରଣ କରିବା ବେଳକୁ ଘାତକ ଟାଣିଦିଏ ଲିଭର । ବଳିଦାନର ତାରିଖ ଥାଏ ୧୬.୧୧.୧୯୧୫ । (ବନ୍ଦେ ମାତରମ୍)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୧୯ ଡିସେମ୍ବର, ୨୦୨୧



ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ସ୍ମରଣୀୟେଷୁ...

# ଚିର ସମର୍ଥା







ଗୁଜୁରାଟର ଜୁନାଗଡ ବାସିନ୍ଦା ନୀଲମ୍ ବେନ୍ ପରମାର । ମାତୃଗର୍ଭରୁ ଏକ ଭୟଙ୍କର ବିରଳ ରୋଗଗ୍ରସ୍ତ ହୋଇ ସେ ଶତକଡା ଅଶୀଭାଗ ପକ୍ଷାଘାତର ଶିକାର ହୋଇ ଜନ୍ମ ନେଇଥିଲେ ।ସେତେବେଳେ ତାଙ୍କର ସାରା ପରିବାରକୁ ନିଜ ପରିବାର ଭିତରୁ ଏବଂ ବାହାର ଲୋକମାନଙ୍କ ପାଖରୁ ବିଭିନ୍ନ ପ୍ରକାର ସମାଲୋଚନା ର ଶରବ୍ୟ ହେବାକୁ ପଡିଥିଲା ତାଙ୍କ ପାଇଁ । ଏମିତି କି ସମୟ ସମୟରେ ନୀଲମଙ୍କୁ ତାଙ୍କର ସମବୟସ୍କ ପିଲାମାନେ ମଧ୍ୟ ଛିଗୁଲେଇ କହିବାକୁ ପଛାଉନଥିଲେ । କିନ୍ତୁ ସବୁ ପ୍ରତିକୂଳ ପରିସ୍ଥିତି ଭିତରେ ମଧ୍ୟ ନୀଲମ ଧୀରେ ଧୀରେ ବଡ ହେଉଥିଲେ । ନିଜର ଶାରିରୀକ ଅକ୍ଷମତା ପାଇଁ କାହାକୁ ଦୋଷ ଦେବେ ବୋଲି ଭାବି ପାରୁନଥିଲେ । ଜଣେ ଭିନ୍ନକ୍ଷମ ନିଜର ଦୈନନ୍ଦିନ ଜୀବନଚର୍ଯ୍ୟାରେ କେତେ ଅସୁବିଧା ଭୋଗ କରେ ସେ ନିଜ କଥାରୁ ବୁଝି ପାରୁଥିଲେ । ତେଣୁ ବାହାରର ଥଟ୍ଟା ଟାପରା କରୁଥିବା ଲୋକମାନଙ୍କ କଥାକୁ ଧ୍ୟାନ ନଦେଇ ସେ ନିଜ ଭଳି ମଣିଷମାନଙ୍କୁ କେମିତି ସାହାଯ୍ୟ କରାଯାଇପାରିବ, ସେଇ କଥା ଚିନ୍ତା କରୁଥିଲେ ।

ଦୁଇହଜାର ନଅ ମସିହାରେ ନୀଲମ ଙ୍କୁ ରାଜସ୍ଥାନର ଏକ ହାସପାତାଳରେ ଚିକିତ୍ସା ପାଇଁ ନିଆଗଲା । ସାଥିରେ ଗଲେ ତାଙ୍କର ବାପା ଏବଂ ସାନ ଭଉଣୀ ରେଖା । ସେଠାରେ ତାଙ୍କର କେତୋଟି ଜଟିଳ ଅପରେସନ୍ କରାଯିବାର ସ୍ଥିରହେଲା, ସେଥିପାଇଁ ତାଙ୍କୁ ପାଖାପାଖି ବର୍ଷଟିଏ ରହିବାକୁ ପଡିଥିଲା ରାଜସ୍ଥାନରେ ଯହିଁରୁ ଅଧିକାଂଶ ସମୟ ସେଇ ହାସପାତାଳରେ କଟାଇବାକୁ ପଡିଥିଲା । ସେଇ ସମୟରେ ସେ ତାଙ୍କରି ଭଳି ଅନେକଙ୍କୁ ବିଭିନ୍ନ ପ୍ରକାର ଅସୁବିଧାର ସମ୍ମୁଖୀନ ହେଉଥିବାର ଦେଖି ତାଙ୍କ ମନରେ ସେମାନଙ୍କ ପାଇଁ କିଛି କରିବାର ଭାବନା ଜାଗ୍ରତ ହୋଇଥିଲା । ତେଣୁ ସେଠାରେ କିଛି ଛୋଟ ଛୋଟ କାମ ଯେମିତି କି କାହା ପାଇଁ ପାଣି ବୋତଲଟିଏ ଆଣିବା, କାହାପାଇଁ ହୁଇଲ୍ ଚେୟାର୍‌ଟିଏ ଯୋଗାଇଦେବା ଭଳି ସାହାଯ୍ୟ କରିବାକୁ ଲାଗି ପଡିଥିଲେ ଦୁଇ ଭଉଣୀ ଯାକ । ସେଥିରେ ଖୁବ୍ ଖୁସି ମିଳୁଥିଲା ଦୁହିଁଙ୍କୁ । ଘରକୁ ଫେରିବା ବେଳକୁ ଦୁହେଁ ଅନେକ କିଛି ଚିନ୍ତା କରିସାରିଥିଲେ ।

ଡାକ୍ତରମାନଙ୍କ ଅନେକ ଚେଷ୍ଟା ପରେ ମଧ୍ୟ ନୀଲମ୍ ଚାଲି ପାରିଲେନି, ସାରା ଜୀବନ ତାଙ୍କୁ ହୁଇଲ୍ ଚେୟାର୍‌ରେ ରହିବାକୁ ପଡିବ ବୋଲି ଜଣାଇଦିଆଗଲା । ତଥାପି ଭିନ୍ନକ୍ଷମମାନଙ୍କ ପାଇଁ କିଛି କରିବାର ମନୋବୃତ୍ତି ତାଙ୍କ ଭିତରେ ଦିନକୁ ଦିନ ଦାନା ବାନ୍ଧୁଥିଲା । ତାଙ୍କୁ ସର୍ବତୋଭାବେ ସାହାଯ୍ୟ ସହଯୋଗ କରିବା ପାଇଁ ଆଗେଇ ଆସିଥିଲେ ତାଙ୍କର ପରିବାର । ନୀଲମ୍‌ଙ୍କର ବାପା ଜୁନାଗଡରେ ଛୋଟ ଗ୍ୟାରେଜ୍‌ଟିଏ କରି କଷ୍ଟେମଷ୍ଟେ ତାଙ୍କର ପରିବାର ଚଳାନ୍ତି ।

ସେମିତି କିଛି ଜମା ପୁଞ୍ଜି ନାହିଁ ତାଙ୍କର । କିଛି କରିବା ପାଇଁ ହେଲେ କିଛି ଟଙ୍କାପଇସା ତ ନିଶ୍ଚୟ ଲୋଡା । ସେ ସବୁ ଆସିବ କେଉଁଠୁ ? ସେଥିପାଇଁ ନୀଲମ ନିଜେ ଘରେ ବସି ପିଲାମାନଙ୍କୁ ଟିଉସନ ପଢାଇଲେ, ତାଙ୍କ ସାନ ଭଉଣୀ ରେଖା ବାହାରକୁ ଯାଇ କୋଚିଂ ସେଣ୍ଟର ମାନଙ୍କରେ ପାଠ ପଢାଇଲେ । ଧୀରେ ଧୀରେ ସେମାନଙ୍କ ପାଖରେ କିଛି ପଇସା ପତ୍ର ସଞ୍ଚିତ ହୋଇଯିବା ପରେ ତାଙ୍କର ବାପାଙ୍କ ପାଖରୁ ମଧ୍ୟ କିଛି ଟଙ୍କା ସାହାଯ୍ୟ ନେଇ ଦୁଇ ହଜାର ବାଆର ମସିହାରେ ସେମାନେ ଜୁନାଗଡର ଦୌଲତପାରା ଅଞ୍ଚଳ ରେ ଗୋଟିଏ ଛୋଟ ଘରଭଡା ନେଇ ଆଶ୍ରମଟିଏ ଖୋଲି ସେଠାରେ ପ୍ରଥମେ ଦୁଇଟି ଦିବ୍ୟାଙ୍ଗ ଝିଅଙ୍କୁ ଆଣି ରଖି ସେମାନଙ୍କର ସବୁ ଦାୟିତ୍ୱ ନେଲେ । ସେଇ ଦୁଇ ଝିଅଙ୍କର ଖାଦ୍ୟପେୟ, ପୋଷାକପତ୍ର, ଚିକିତ୍ସା, ପାଠ ପଢା ଇତ୍ୟାଦି ଇତ୍ୟାଦି ଅନେକ କାମ କରିବାକୁ ପଡୁଥିଲା ନୀଲମ୍ ଆଉ ରେଖାଙ୍କୁ ।

ଧୀରେ ଧୀରେ ଲୋକମାନେ ସେମାନଙ୍କ ବିଷୟରେ ଜାଣିଲେ । କେହି କେହି ନୀଲମ୍‌ଙ୍କ ଭଳି ଦିବ୍ୟାଙ୍ଗ ଝିଅର ଏ ସାହସ ଦେଖି ଉତ୍ସାହିତ କରିବା ପାଇଁ ଆଗଭର ହୋଇ କିଛି ଆର୍ଥିକ ସାହାଯ୍ୟ କଲେ ତ ଆଉ କେହି ଗୋଟିଏ ଦିବ୍ୟାଙ୍ଗ ଆଉ କେଉଁ ଦିବ୍ୟାଙ୍ଗଙ୍କୁ କେମିତି ସାହାଯ୍ୟ କରିପାରିବ କହି ନାକ ଟେକିଲେ । ତଥାପି ନୀଲମ ଆଉ ରେଖା ପରମାର୍ ସେମାନଙ୍କ ଚେଷ୍ଟାରୁ ନିବୃତ୍ତ ହେଲେ ନାହିଁ । କେଉଁ ଅଭିଭାବକ ସେମାନଙ୍କ ଉପରେ ଭରସା କରି ନିଜର ଦିବ୍ୟାଙ୍ଗ ପିଲାକୁ ଆଣି ସ୍ୱତଃ ପ୍ରବୃତ୍ତ ଭାବରେ ତାଙ୍କ ପାଖରେ ଛାଡିଦେଇ ଗଲେ ତ ଆଉ କେଉଁଠି ପରିତ୍ୟକ୍ତ ଅବସ୍ଥାରେ କେହି ଛାଡିଯାଇଥିବା ପିଲାଟିଏର ଖବର ପାଇ ତା'କୁ ଉଦ୍ଧାର କରି ଆଣି ନିଜ ପାଖରେ ରଖିଲେ । ଏବେ ଦିବ୍ୟାଙ୍ଗ ମାନଙ୍କ ସହିତ ମାନସିକ ଅନଗ୍ରସର ପିଲା ମଧ୍ୟ ଆସୁଥିଲେ ନୀଲମ୍‌ଙ୍କ ସେବା ଗୃହକୁ । ଧୀରେ ଧୀରେ ଆଶ୍ରମରେ ପିଲାମାନଙ୍କ ସଂଖ୍ୟା ବୃଦ୍ଧି ପାଇବାରୁ ସେମାନେ ଜୁନାଗଡର ବାଲା ଗାଆଁରେ ବଡଘରଟିଏ ଭଡା ନେଇ ସେଠାରେ 'ସନ୍ତ୍ୱନ ବିକଳାଙ୍ଗ ବିକାଶ ମଣ୍ଡଳ' ନାମରେ ସ୍ୱେଚ୍ଛାସେବୀ ସଂସ୍ଥାଟିଏ ଚଳାଇଲେ ।

ରେଖା ବେନ୍ ଏବେ କୋଚିଂ ସେଣ୍ଟର ଛାଡି ଗୋଟିଏ କମ୍ପାନୀରେ କାମ କରୁଥିଲେ । ଆଉ ଦୁଇଜଣ ସହାୟକଙ୍କୁ ନିଯୁକ୍ତି ଦେଇଥିଲେ ପିଲାମାନଙ୍କୁ ଦେଖାଶୁଣା କରିବା ପାଇଁ । ସେଠାରେ ପିଲାମାନଙ୍କ ରକ୍ଷଣାବେକ୍ଷଣର ସୁବ୍ୟବସ୍ଥା ସହିତ ସେମାନଙ୍କୁ ତାଙ୍କ ସାମର୍ଥ୍ୟ ମୁତାବକ ଧନ୍ଦାମୂଳକ ଶିକ୍ଷା ଦିଆ ଯାଉଥିଲା, ଯଦ୍ୱାରା କି ବଡ ହୋଇ ସେମାନେ ନିଜେ ଆତ୍ମନିର୍ଭରଶୀଳ ହୋଇପାରିବେ । ଧୀରେ ଧୀରେ ନୀଲମ୍ ଏବଂ ରେଖା ବେନ୍ ପରମାରଙ୍କ ସେବା ମନୋବୃତ୍ତି ଏବଂ 'ସନ୍ତ୍ୱନ ବିକଳାଙ୍ଗ ବିକାଶ ମଣ୍ଡଳ'ର ପ୍ରଚାର ପ୍ରସାର ହେଉଥିଲା । ମାନବ ସେବାରେ ଆଗ୍ରହ ରଖୁଥିବା ମଣିଷମାନେ ଆଗେଇ ଆସୁଥିଲେ ନୀଲମ୍‌ଙ୍କୁ ସାହାଯ୍ୟ ସହଯୋଗ କରିବା ପାଇଁ ।

ନୀଲମ୍ କୁହନ୍ତି ଶାରିରୀକ ହେଉ ବା ମାନସିକ ହେଉ ବିକଳାଙ୍ଗ ପିଲାମାନେ ଜୀବନରେ ଏତେ ମାନସିକ ଆଘାତ ପାଇଥାନ୍ତି ଯେ ସେମାନେ ସହଜରେ କୌଣସି କଥା ବୁଝିବା ପାଇଁ ରାଜି ହୁଅନ୍ତି ନାହିଁ, ସେମାନଙ୍କୁ ବୁଝାଇବା ପାଇଁ ବହୁତ ଧୈର୍ଯ୍ୟ ଏବଂ କୋମଳତା ଆବଶ୍ୟକ । ଭିନ୍ନକ୍ଷମପିଲାମାନେ ଥରେ କୌଣସି କଥା ବୁଝିଗଲେ ଆଉ ଅମାନିଆଁ ହୁଅନ୍ତି ନାହିଁ କି ଥରେ ଗୋଟିଏ ବାଟ ଦେଖିଦେଲେ ତା'କୁ ଭୁଲନ୍ତି ନାହିଁ । ତା'ପରେ ବିନା ସହାୟତାରେ ନିଜେ ସେଇ କାମଟିକୁ କରିବାକୁ ଚେଷ୍ଟା କରନ୍ତି, ଏହା ତାଙ୍କର ମାନସିକତା ବଦଳାଇବାରେ ସହାୟକ ହୁଏ । ସେମାନେ ଖୁବ୍ ସ୍ନେହକାଙ୍ଗାଳ ହୋଇଥାନ୍ତି । ଟିକିଏ ସ୍ନେହ ଆଦର ପାଇଲେ ସେମାନେ ଅସମ୍ଭବ କାମକୁ ସମ୍ଭବ କରି ଦେଖାନ୍ତି । କେବଳ ତାଙ୍କୁ ଉତ୍ତମ ବ୍ୟବହାର, ଉପଯୁକ୍ତ ଖାଦ୍ୟପେୟ, ଉପଯୁକ୍ତ ଚିକିତ୍ସା ଏବଂ ସ୍ୱଚ୍ଛ ବାତାବରଣଟିଏ ଲୋଡା ।

ରେଖା କୁହନ୍ତି ଏଇ ଭିନ୍ନକ୍ଷମ ପିଲାମାନେ ଖୁବ୍ ସମ୍ବେଦନଶୀଳ । ସେମାନଙ୍କର କ'ଣ ଦରକାର ବା କ'ଣ ଅସୁବିଧା ହେଉଛି ସହଜରେ ଜଣାପଡେନାହିଁ । ତାଙ୍କୁ ଭୋକ ହେଉଛି, କି ପେଟ କାଟୁଛି, କି କାନ ବିନ୍ଧୁଛି, କି ଆଉ କ'ଣ ଅସୁବିଧା ହେଉଛି, ସେକଥା ବୁଝିବା ଖୁବ୍ କଷ୍ଟକର ହୋଇଥାଏ । ଆମେ ସେମାନଙ୍କ ଅଙ୍ଗଭଙ୍ଗୀ, ମୁହଁ ର ଭାବ କୁ ଲକ୍ଷ୍ୟ ରଖି ସେମାନଙ୍କ କଥା ବୁଝିବାରେ ସକ୍ଷମ ହେଉ ଏବଂ ସେଇ ଅନୁସାରେ ସେମାନଙ୍କ କାମ କରିଥାଉଁ । ବେଳେବେଳେ କେହି କେହି ତ ସେମାନଙ୍କ ଦେହରେ ଟିପ ଛୁଆଁଇ ଦିଅନ୍ତି ନାହିଁ, ବହୁତ ପ୍ରଚେଷ୍ଟା କରି ସେମାନଙ୍କ କାଣି ଆଙ୍ଗୁଠିକୁ ଧରି କିମ୍ବା ନରମ ରୁମାଲ ଖଣ୍ଡେ ସେମାନଙ୍କ ହାତକୁ ବଢେଇ ଦେଇ ସେମାନଙ୍କୁ ମନେଇବାକୁ ପଡିଥାଏ, ତାଙ୍କର ଦୁଇ ହାତକୁ ନୀଲମ୍ ଦିଦି ଆଉ ମୁଁ ଦୁଇପଟେ ଧରିଧରି ଚଲାଉ, ଧୀରେ ଧୀରେ ସେ ବୁଝିପାରେ ଆମକୁ । ସେମାନଙ୍କ ମନକଥା ବୁଝି ତାଙ୍କର ଆସ୍ଥାଭାଜନ ହେବା ସହଜସାଧ୍ୟ ନୁହେଁ । ବେଳେବେଳେ ନୀଲମ୍ ଦିଦି ଆଉ ମୋତେ ପାଳିକରି ରାତି ଅନିଦ୍ରା ରହି ସେମାନଙ୍କ ଦେଖାଶୁଣା କରିବାକୁ ପଡିଥାଏ । ସେଇ କାମରେ କଷ୍ଟ ତ ଅଛି କିନ୍ତୁ ତା'ଠାରୁ ଅଧିକ ଆନନ୍ଦ ମିଳିଥାଏ ଆମକୁ । ସେମାନଙ୍କ ସେବା କରି କେମିତି ଏକ ଅଦ୍ଭୁତ ମାନସିକ ଶାନ୍ତି ମିଳିଥାଏ ଆମ ଦୁଇ ଭଉଣୀଙ୍କୁ । ଏହା ଈଶ୍ୱରଙ୍କ ଆଶୀର୍ବାଦ ବୋଲି ଆମେ ମନେକରୁ ।

ଅଧୁନା 'ସନ୍ତ୍ୱନ ବିକଳାଙ୍ଗ ବିକାଶ ମଣ୍ଡଳ' ରେ ଅଛନ୍ତି ନଅ ମାସର ଶିଶୁ ଠାରୁ ଆରମ୍ଭ କରି ପଚାଶ ପାରେଇ ଥିବା ସମୁଦାୟ ଚାଳିଶିରୁ ଉର୍ଦ୍ଧ୍ୱ ମାନସିକ, ଶାରିରୀକ ବିକଳାଙ୍ଗ ମଣିଷମାନେ । ସେଇ ଭିନ୍ନକ୍ଷମ ମଣିଷମାନଙ୍କ ଦେଖାଶୁଣା କରିବା ପାଇଁ ନୀଲମ୍ ଆଉ ରେଖାଙ୍କୁ ସହାୟତା କରୁଛନ୍ତି ପନ୍ଦର ଜଣ ସହାୟକ । ମଣ୍ଡଳର ଅନ୍ତେବାସୀମାନଙ୍କୁ ଠିକ୍ ସମୟରେ ନିତ୍ୟକର୍ମ କରାଇବା, ଦିନକୁ ତିନି ଥର ପୁଷ୍ଟିକର ଭୋଜନ ଖୁଆଇବା, ମେଡିକାଲ ସୁବିଧା ସୁଯୋଗ ଯୋଗାଇବା ସହିତ ସେମାନଙ୍କୁ ମାନସିକ ସ୍ତରରେ ସୁଦୃଢ କରିବା ପାଇଁ, ବିଭିନ୍ନ ପ୍ରକାର ଧନ୍ଦାମୂଳକ ଶିକ୍ଷା ଦେଇ ସେମାନଙ୍କୁ ଆତ୍ମନିର୍ଭରଶୀଳ କରାଇବା ପାଇଁ, ଅନବରତ ପ୍ରୟାସ ଜାରି ରଖିଛନ୍ତି ନୀଲମ୍ ଏବଂ ରେଖା ବେନ୍ ପରମାରଙ୍କ ଟିମ୍ । କେବଳ ସେଥିପାଇଁ ସେମାନଙ୍କର ମାସିକ ଖର୍ଚ୍ଚ ହେଉଛି ପ୍ରାୟ ଚାରିଲକ୍ଷ ଟଙ୍କା, ଯାହା ନୀଲମ୍ ଏବଂ ରେଖା ବେନ୍ ପରମାର ଙ୍କର ବ୍ୟକ୍ତିଗତ ପରିଶ୍ରମର ରୋଜଗାର ଏବଂ ଦାତାମାନଙ୍କ ଦାନ ଅର୍ଥରୁ ଖର୍ଚ୍ଚ ହେଉଛି । ତେବେ ଆହୁରି କିଛି ଉନ୍ନତିମୂଳକ କାର୍ଯ୍ୟ କରିବା ଲାଗି ସରକାରଙ୍କ ଅନୁଦାନ ପାଇଁ ଅପେକ୍ଷା କରିଛନ୍ତି ସେମାନେ ।

ହୁଇଲ୍ ଚେୟାର୍ ଉପରେ ବସିଥିବା ନୀଲମ୍‌ଙ୍କୁ ଦେଖି କେହି ଭାବି ପାରିବେନି ଯେ ଜଣେ ଦିବ୍ୟାଙ୍ଗଙ୍କ ଭିତରେ ଏମିତି ଦୃଢ ମାନସିକତା ଭରି ରହିଛି ବୋଲି । ନୀଲମ୍‌ଙ୍କର ସଦା ହସ ହସ ସେଇ ମୁହଁଟି ଦେଖିଲେ ଚିନ୍ତା କରି ହୁଏନାହିଁ ଯେ ତାଙ୍କ ଭିତରେ କିଛି ଶାରିରୀକ କି ମାନସିକ କଷ୍ଟ ଅଛି ବୋଲି । ନିଜ ଶାରିରୀକ ଅକ୍ଷମତାକୁ ଅସ୍ତ୍ର କରି ସେ ଅନବରତ ଯୁଝି ଚାଲିଛନ୍ତି ଆଉ କିଛି ଭିନ୍ନକ୍ଷମମାନଙ୍କ ମୁହଁରେ ହସ ଫୁଟାଇବାକୁ, ସେମାନଙ୍କ ଜୀବନର ଚଲାପଥକୁ ସୁଗମ ଏବଂ ସରଳ କରିଦେବାକୁ । କେତେ ମହତ୍ତର ଉଦ୍ଦେଶ୍ୟ ତାଙ୍କର ସତେ । ସାନ ଭଉଣୀ ରେଖା ପରମାର ମଧ୍ୟ ସ୍ୱେଚ୍ଛାରେ ସାମିଲ୍ ହୋଇଛନ୍ତି ତାଙ୍କ ସହିତ ଏବଂ ନିଃସ୍ୱାର୍ଥ ଭାବରେ ମାନବସେବା କରି ଚାଲିଛନ୍ତି କାୟମନୋବାକ୍ୟରେ । ଧନ୍ୟ କହିବ ସେ ଦୁଇ ଭଉଣୀଙ୍କ ସାହସ କୁ । ଧନ୍ୟ ତାଙ୍କର ପିତାମାତା ଯିଏ ଏମିତିକା ଦୁଇ ଦେବୀ ପ୍ରତିମାଙ୍କୁ ଜନ୍ମ ଦେଇଛନ୍ତି ।

ଏବେ "ସନ୍ତ୍ୱନ ବିକଳାଙ୍ଗ ବିକାଶ ମଣ୍ଡଳ "ପାଇଁ ନୂଆ ଘରଟିଏ ତିଆରି କରିବା ନିମନ୍ତେ ସୁରତର ହରିଭାଇ ଚାରିଟେବୁଲ ଟ୍ରଷ୍ଟ୍ ତରଫରୁ ମିଳିଛି ପଚାଶ ଲକ୍ଷ ଟଙ୍କା, ସେଥିରେ ଭବନ ନିର୍ମାଣ କାମ ଆଗେଇ ଚାଲିଛି । ସମର୍ଥ ଦାତାମାନଙ୍କର ସାହାଯ୍ୟ ସେମାନଙ୍କ ସଂସ୍ଥାକୁ ଆହୁରି ଅଧିକ ଦିବ୍ୟାଙ୍ଗ ମାନଙ୍କୁ ଉତ୍ତମ ଜୀବନ ଦେବାରେ ସାହାଯ୍ୟ କରିବା ଲାଗି ସମର୍ଥ କରିବ ବୋଲି ଆଶା କରନ୍ତି ନୀଲମ୍ ଏବଂ ରେଖା ବେନ୍ ପରମାର ।



ଆଲେଖ୍ୟ: ସୁଷମା ପରିଜା
♥ ଶାରଳା ଭବନ, ପୋତାପୋଖରୀ
ନୂଆବଜାର, କଟକ

## ସ୍ମୃତି ଶତଦଳ

୨୨୨

# ଚିନ୍ମୟ ଚିକାଗୋ-୨



ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

**ସତରେ କନକ ତା' ଜୀବନରେ ବହୁ ସଂଘର୍ଷ ଓ ଘାତ ପ୍ରତିଘାତ ଭିତରେ ବି ଶିକ୍ଷାଦାନ ଭଳି ମହତ୍ କାମକୁ ସେ ଏଯାଏଁ ସମ୍ମାନର ସହ କରିପାରୁଛି, ତାହାହିଁ ଅନେକଙ୍କ ପାଇଁ ଶିକ୍ଷଣୀୟ ଜିନିଷ ହୋଇ ରହିବ ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଆମେରିକାର ଚିକାଗୋରୁ, ରଚେଷ୍ଟର ମାତ୍ର ଏକଘଣ୍ଟାର ରାସ୍ତା । ଯେତେବେଳେ ବୋହୂ ରଚେଷ୍ଟର ଗଲା, ସେତେବେଳେ ପୁଅ ସେମାନଙ୍କୁ ରିସିଭ କରିବା ପାଇଁ ଚିକାଗୋ ଆସିଥିଲା ଏବଂ ସେମାନଙ୍କୁ ନେଇ ରଚେଷ୍ଟରରେ ପହଞ୍ଚି ପୁଅ ମତେ ସଙ୍ଗେ ସଙ୍ଗେ ସେଠୁ ଫୋନ୍ କରି ପଚାରିଲା- "ମା' ତୁମର ଜଣେ ପିଲାଦିନର ସାଙ୍ଗ କନକ ମାଉସୀ ମତେ ତୁମ କଥା ପଚାରୁଥିଲେ । ସେତେବେଳେ ମୋର ଖୁସିର ସୀମା ରହିଲାନି । ମନେ ମନେ ସ୍ଥିର କଲି ଯେତେବେଳେ ଆମେରିକା ଯିବି, ନିଶ୍ଚୟ ତା' ସାଙ୍ଗରେ ଦେଖାହେବ ।

ଇଣ୍ଡିଆରୁ ସିଧା ଫ୍ଲାଇଟ୍ ରଚେଷ୍ଟରକୁ ନାହିଁ । ତେଣୁ ଗଲାବେଳକୁ ଚିକାଗୋରେ ଓହ୍ଲାଇ କିଛି ସମୟ ସେଇ ଏଆରପୋର୍ଟ ଭିତରେ ରହି, ତା'ପରେ ରଚେଷ୍ଟର ଗଲୁ । ରଚେଷ୍ଟରରେ ମାସେ ରହି ୱାଶିଂଟନ ଡିସି, ନିଉୟର୍କ ଓ ନାଏଗ୍ରାଫଲ ଆଦି ବୁଲିବାର ସୁଯୋଗ ପାଇଥିଲୁ । ପୁଅ କହିଲା-"ମୋର ତ' ଆଉ ଛୁଟି ନାହିଁ, ହସପିଟାଲରେ ଏମର୍ଜେନ୍ସି ଡିଉଟି ପଡିବ, ବରଂ ତୁମେ ଦୁହେଁ ଯାଇ ସାନଫ୍ରାନସିସ୍କୋ, ଲସଏଞ୍ଜେଲସ ଓ କାଲିଫର୍ଣ୍ଣିଆ ଆଜି ବୁଲି, ସେଇଠାରୁ ଇଣ୍ଡିଆ ଫେରିଯିବ ।" କିନ୍ତୁ ରମାରମଣ ମନାକଲେ ଯିବା ପାଇଁ, ତେଣୁ ପୁଣି ଚିକାଗୋ ବାଟ ଦେଇ ଭାରତ ଫେରି ଆସିବାକୁ ସ୍ଥିର କଲୁ ।

ମୋ ସାଙ୍ଗ କନକ କିନ୍ତୁ ନଛୋଡବନ୍ଧା । ସେ କହିଲା ଚିକାଗୋ ଦେଇ ତ' ଭାରତ ଯିବ, ଯେମିତି ହେଲେ ଏଆରପୋର୍ଟରୁ ଆମ ଘରକୁ ଆସି ଅନ୍ତତଃ ଦିନଟିଏ ରହି ପୁଣି ଭାରତ ଫେରିଯିବ । ଇତି ମଧ୍ୟରେ ଆମେରିକାରେ ଆମର ଯେତେ ସାଙ୍ଗ ଥିଲେ ସେମାନଙ୍କ ସାଙ୍ଗରେ କଥା ହେବାର ସୁଯୋଗ ପାଇଲି । ଡଃ ସ୍ୱାଲେହା ଖାତୁନ୍ କାନାଡାର ସିଟିଜନ୍ ସିପ୍ ନେଇ ଟରୋଣ୍ଟୋରେ ଜି.ପି (ଜେନେରାଲ ପ୍ରାକ୍ଟିସନର) ହିସାବରେ କାମ କରୁଛନ୍ତି. ଡଃ ଉମା ବଲ୍ଲଭ ମିଶ୍ର ରେଡିଓ ଥେରାପିରେ ପୋଷ୍ଟ ଗ୍ରାଜୁଏଟ୍ କରି କ୍ୟାନସର ରୋଗୀଙ୍କ ପାଇଁ ନିଜ କ୍ଲିନିକ୍‌ରେ କେମୋଥେରାପି ଓ ରେଡିଓ ଥେରାପି ଦେଉଛନ୍ତି, ଡଃ ନାନକ ରାମ୍ ଅଗ୍ରୱାଲ ସର୍ଜନ, ଡଃ ରମେଶ ଚନ୍ଦ୍ର ମିଶ୍ର ଜଣେ କାର୍ଡିଓଲୋଜିଷ୍ଟ( ହୃଦ ବିଶେଷଜ୍ଞ) ତଥା ଡଃ ନିତିନ ଯୋଶୀ ଓ ଡଃ ଚାନ୍ଦିନୀ ପାଢୀ ମେଡିସିନ୍ ସ୍ପେଶାଲିଷ୍ଟ । ଯାଇ ନପାରିଲେ ବି, ସମସ୍ତଙ୍କ ସଙ୍ଗେ ଆମେ କଥାବାର୍ତ୍ତା ହୋଇ ପାରିଲୁ ଏବଂ ସମସ୍ତଙ୍କର ଆମକୁ ନମ୍ର ଆଦେଶ ଥିଲା, "ଆମ ଘରକୁ ଆସି ଆମ ସାଙ୍ଗରେ କିଛି ସମୟ କଟାଇ ଯାଅ । ବହୁତ ଦିନରୁ ଆମେ କେହି କାହାରିକୁ ଦେଖିନେ, ତେଣୁ ତୁମେ ଯେମିତି ହେଲେ ଆସିବ ।"

ସେମିତି କନକ ମତେ ଫୋନ୍ କରି କହିଲା –ତୁମେ ଚିକାଗୋ ଆସି ଦେଖା ନକରି ଭାରତ ଫେରିଯିବ, ଭଲ ଲାଗିବନି ତେଣୁ ଗୋଟିଏ ଦିନ ପ୍ରିପୋନ୍ କରି ଆସି ଆମ ଘରେ ରହି ପୁରା ଚିକାଗୋ ବୁଲି ଫେରିବ । ମୋର ଭାରି ଇଚ୍ଛା ହେଉଥିଲା ପିଲା ଦିନର ସାଙ୍ଗ କନକକୁ ଏତେ ବର୍ଷ ପରେ ଦେଖିବାକୁ । ରମାରମଣଙ୍କୁ ରାଜି କରାଇଲି ଏବଂ ପୁଅକୁ କହିଲି । ସେ ମଧ୍ୟ ରାଜି ହେବାରୁ ଦିନକ ଆଗରୁ ରଚେଷ୍ଟରରୁ ଚିକାଗୋ ଯିବାକୁ ସ୍ଥିର କଲୁ । କିନ୍ତୁ ମୁଁ ଆଗରୁ କନକକୁ କହିଲି "ଦେଖ ଆମେ ଯଦି ଚିକାଗୋରେ ତୁମ ଘରକୁ ଯିବୁ , ତେବେ ଗାଡି ନେଇ ପୁଅକୁ ସାଙ୍ଗରେ ଆଣିବୁ, ଆମକୁ ଚିକାଗୋ ଏଆରପୋର୍ଟରୁ ନେବୁ ଏବଂ ଚିକାଗୋର ସବୁ ଦର୍ଶନୀୟ ସ୍ଥାନ ବୁଲାଇବୁ ।

ତୁମ ଘରେ ଆମେ ଦିନଟିଏ ରହିବୁ ଏବଂ ତା' ପରଦିନ ଠିକ୍ ସମୟରେ ତୁମେ ଆମକୁ ଆଣି ଏଆରପୋର୍ଟରେ ଠିକ୍ ସମୟରେ ପହଞ୍ଚାଇ ଦେବ ଭାରତ ଫେରି ଆସିବା ପାଇଁ । କନକ ସୁନ୍ଦର ଭାବରେ କହିଲା – "ସରୋଜିନୀ! ତୋର ସବୁକଥାକୁ ମୋର ମଂଜୁର । ତୋର ସବୁ ସର୍ତ୍ତକୁ ମୁଁ ମାନିନେବି, ତୁ କିନ୍ତୁ ଚିକାଗୋ ଆସି ଆମ ଘରେ ଦିନେ ରହିକରି ଯିବୁ ।"

ଆମର ଭାରତ ଫେରି ଆସିବା ସମୟ ହୋଇଗଲା । ପୁଅ, ବୋହୂ, ନାତୁଣୀମାନେ ମନଦୁଃଖ କଲେ, ଯେ "ମା, ବାପାଙ୍କର କେତେବେଳେ ହେଲେ ସମୟ ନାହିଁ ।" ନାତୁଣୀମାନେ କହିଲେ -"ଜେମା, ଜେପା ତୁମେ ଆହୁରି କିଛିଦିନ ଆମ ପାଖରେ ରହି କରି ଯାଅ ।" "ସମୟ କାହିଁରେ ମା", କହି ଏସବୁ ଏଡାଇ ଆସିଲା ବେଳକୁ ଭାରି ମନଦୁଃଖ ହେଉଥାଏ ଏବଂ ମନେପଡୁ ଥାଏ ପୁଅ ଝିଅଙ୍କର ପିଲାଦିନର କଥା- ସତରେ ଏବେ ମଧ୍ୟ ଦୋଷୀ ଦୋଷୀ ଲାଗେ ଯେ, ପିଲାମାନଙ୍କର ବଢିବା ସମୟରେ ପ୍ରକୃତରେ ମୁଁ ସେମାନଙ୍କୁ ବେଶୀ ସମୟ ଦେଇ ପାରିନାହିଁ- ଏବେ ହେଲେ ସେ ସମୟ ଫେରି ଆସନ୍ତା କି ? ତାହାହେଲେ ଏବେ ମୁଁ ସେମାନଙ୍କୁ କେବଳ ସମୟ ହିଁ, ସମୟ ଦିଅନ୍ତି, ପୁଣି ଥରେ ତାଙ୍କ ପାଇଁ ମନଭରି ରାନ୍ଧନ୍ତି ତାଙ୍କୁ ଖୁଆଇ ଦିଅନ୍ତି ଓ ତାଙ୍କ ବହି ବସ୍ତାନି ସଜାଡି, ସ୍କୁଲ ଛାଡନ୍ତି ଓ ସ୍କୁଲରୁ ଫେରି ଆସିଲା ବେଳକୁ ତାଙ୍କ ପାଇଁ ଭଲିକି ଭଲି ଖାଦ୍ୟ ସଜାଡି ଦିଅନ୍ତି । କିନ୍ତୁ ସତରେ ଆଉ ସେ ଦିନ ଫେରିବ ନାହିଁ । ଏବେ ବି ପିଲାମାନେ ଯାଇ ସୁଦୂର ଆମେରିକାରେ ରହିଲେ, ଆମେ ଓଡିଶା ଛାଡି ଏତେଦିନ ରହିବା ସମ୍ଭବ ମଧ୍ୟ ନୁହେଁ ।

କିନ୍ତୁ ସବୁଥିରେ ପୂର୍ଣ୍ଣଚ୍ଛେଦ ପକାଇ ପୁଣିଥରେ ଆସିବାର ପ୍ରତିଶ୍ରୁତି ଦେଇ ପିଲାମାନଙ୍କଠାରୁ ବିଦାୟ ନେଲୁ । ପୁଅ ଓଟିରୁ ଆସି ଆମକୁ ଡ୍ରାଇଭ କରି ଏଆରପୋର୍ଟ ନେଲା କିନ୍ତୁ ଟିକେ ଡେରି ହୋଇ ଯାଇଥିଲା ଏବଂ ଚେକିଂ କାଉଣ୍ଟର ମଧ୍ୟ ବନ୍ଦ ହୋଇ ଯାଇଥିଲା । ଆମେରିକାର ରଚେଷ୍ଟର ଠାରେ ମେୟୋକ୍ଲିନିକର ଡାକ୍ତରମାନଙ୍କୁ ସମସ୍ତେ ଖୁବ୍ ସମ୍ମାନ କରନ୍ତି । ପୁଅ ହସପିଟାଲ ଡ୍ରେସରେ ଆସିବାରୁ, ସଙ୍ଗେ ସଙ୍ଗେ ଆମର ଚେକ୍ ଇନ୍ ହୋଇଗଲା । ଏକ ଘଣ୍ଟା ପରେ ଆମେ ଆସି ଚିକାଗୋର "ଓ ହାରେ ଏଆରପୋର୍ଟ"ରେ ପହଞ୍ଚିଲୁ । ଆମେ ବ୍ୟାଗେଜ ନେଇ ଆସିଲାବେଳକୁ ଆମ ସାମ୍ନାରେ ଠିଆ ହୋଇଥିଲା ମୋ ପିଲାଦିନର ସାଙ୍ଗ କନକ । ସେ' ଆମକୁ ପାଛୋଟି ନେଲା ଗାଡି ପାଖକୁ । ଆମେ ଗାଡିରେ ବସିଲା ପରେ ତା' ପୁଅ ଇଂଜିନିୟର ପ୍ରଶାନ୍ତ ପାଢୀ କହିଲେ ମାଉସୀ ଆମେ ପ୍ରଥମେ ଆଗ ଚିକାଗୋ ବୁଲି ସାରି ଘରକୁ ଯିବା ।"

ମୁଁ ଆମୋଦିତ ହେଲି କନକ ଏବଂ ତା' ପୁଅ ପ୍ରଶାନ୍ତକୁ ଦେଖି । ସତରେ କନକ ତା' ଜୀବନରେ ବହୁ ସଂଘର୍ଷ ଓ ଘାତ ପ୍ରତିଘାତ ଭିତରେ ବି ଶିକ୍ଷାଦାନ ଭଳି ମହତ୍ କାମକୁ ସେ ଏଯାଏଁ ସମ୍ମାନର ସହ କରିପାରୁଛି, ତାହାହିଁ ଅନେକଙ୍କ ପାଇଁ ଶିକ୍ଷଣୀୟ ଜିନିଷ ହୋଇ ରହିବ । (କ୍ରମଶଃ)

## ଚିନ୍ତନ...

# କଳାପଟାରୁ ଆଭାସୀ ଶିକ୍ଷା ଯାଏଁ



ଏକଦା ଗ୍ରାମ୍ୟ ଚାଟଶାଳୀ ଥିଲା ଆମ ଶିକ୍ଷା ଗ୍ରହଣ କରିବାର ଭବ୍ୟ ମନ୍ଦିର । ଆଉ ସେଇଠାରୁ ଆରମ୍ଭ ହେଉଥିଲା ପ୍ରତିଟି ପିଲାର ଖଡ଼ିଛୁଆଁ । ଗୁରୁଜୀମାନେ ଥିଲେ ଚାଟ ମାନଙ୍କର ମାର୍ଗଦର୍ଶକ ତଥା ତତ୍ତ୍ୱାବଧାରକ । ଶୃଙ୍ଖଳିତ ଜୀବନ ଯାତ୍ରା ତଥା ନିଷ୍କଳଙ୍କ ଚରିତ୍ର ଗଠନର ପ୍ରକୃତ କ୍ଷେତ୍ର ଥିଲା ବିଦ୍ୟାଳୟ ଓ ସେଠରେ ଶିକ୍ଷକମାନେ ମୁଣ୍ଡା ଖଡ଼ିରେ ବର୍ଣ୍ଣମାଳାତକ ଥୋଇଦେଉ ଦେଇଥିଲେ କଳାପଟାରେ ଆଉ ସେଇଠୁ ଆରମ୍ଭ ହେଉଥିଲା ଗଣିତପାଠ, ମିଶାଣ, ଫେଡ଼ାଣ, ହରଣ, ଗୁଣନର ଚିହ୍ନ । ଯାହା କି ମାନସ ପଟରେ ଛାପି ହେଇଯାଉଥିଲା । କଳାପଟା ଥିଲା ସେତେବେଳେ ଶିକ୍ଷା ଗ୍ରହଣ କରିବାର ଅନ୍ୟତମ ମାଧ୍ୟମ । ସେଥିରେ ଶୂନ୍ୟଠାରୁ ଆରମ୍ଭ କରି ଶହେ ପର୍ଯ୍ୟନ୍ତ ସଂଖ୍ୟା ଲେଖାଯାଉଥିଲା ପ୍ରତିଦିନ । ପ୍ରତିଦିନ ବିଦ୍ୟାଳୟ ଚାଲୁଥିବା ସମୟରେ ବଗ, କୁକୁର, ଆମ୍ବ, କାଉ, କୁକୁଡ଼ା ଆଉ କୋଇଲି, ଫୁଲ, ପୂର୍ବ ଦିଗରେ ଉଦିତ ହେଉଥିବା ସୂର୍ଯ୍ୟଙ୍କ ଛବି ଆଙ୍କିଦେଇ ଗୁରୁଜୀ ପରିଚିତ କରାଉଥିଲେ ଆଉ ନିଜେ ଆଙ୍କି ପିଲାଙ୍କୁ ଆଙ୍କିବାକୁ କହୁଥିଲେ କଳାପଟାରେ । ଏକମାତ୍ର କଳାପଟା ହିଁ ଅନ୍ଧାରରୁ ଆଲୋକକୁ ଆଣିବାର ଓ ଅଜ୍ଞାନରୁ ଜ୍ଞାନାଲୋକ ଦେବାର କେବଳ ହିଁ ସଶକ୍ତ ମାଧ୍ୟମ । ଯାହାଥରେ ଲେଖା ହୋଇଯାଉଥିଲା ତାହା ଜୀବନ ଯାକ ମନେ ରହିଯାଉଥିଲା । ଏତଦ୍‌ବ୍ୟତୀତ ବର୍ଣ୍ଣବୋଧ ପାଠ ଆମକୁ ଯେତିକି ଭାବରେ ଉପଦେଶମାନ ଦେଉଥିଲା ସେତିକି ପ୍ରକୃତି ଓ ଜନଜୀବନର ବୈଚିତ୍ର୍ୟମୟ ଚିତ୍ର ସହ ପରିଚିତ କରାଇ ଦେଉଥିଲା । ଈଶ୍ୱରଙ୍କ ସମ୍ବନ୍ଧୀୟ ତାତ୍ତ୍ୱିକ ଜ୍ଞାନ ପିଲାଟି ବେଳୁ ଶିକ୍ଷା ଦେଉଥିଲା । କୁହାଯାଉଥିଲା, ''ବାଳୁତ ବେଳୁ ଧର୍ମ ଧନ ମୁଁ ସଂଚିବି'' - ଏହାଠାରୁ ବଳି ଆଉ ଜୀବନଧର୍ମୀ ଶିକ୍ଷା କ'ଣ ଥାଇପାରେ । 'ରାଇମ୍' ଘୋଷି ଆମେ ଆମର ଇଂରାଜୀ ବେଶୀ ଜାଣିବା ପଣିଆର ବାହା ବାହା ନେଇଛୁ କିନ୍ତୁ ଥରେ ବର୍ଣ୍ଣବୋଧରେ ଥିବା ନୈତିକ ଶିକ୍ଷା ପ୍ରତି ଆମେ ଆଖି ପକାଇଛୁ କି ? କି ଏବେ ବର୍ଣ୍ଣବୋଧର ପୃଷ୍ଠା ଥରୁଟିଏ ଆଡ଼େଇ ଦେଖଉଛୁ କି- ପିଲାଙ୍କ ଆଗରେ ଶିଶୁ ସୁଲଭ ଠାଣିରେ ବହିରୁ ପଦୁଟିଏ ଗାଇ ଶୁଣାଇ ପାରୁଛେ କି ? ସୃଜନଶୀଳର ବିକାଶ ନିମନ୍ତେ ''ବର୍ଣ୍ଣବୋଧ'' ଓ କଳାପଟା ଥିଲା ଚାଟଶାଳୀ ପିଲାର ଆଶାବାଡ଼ି । ଆଜି ତାର ପରିବର୍ତ୍ତନ ଘଟିଛି । ଶିକ୍ଷା କ୍ଷେତ୍ରରେ ଅନେକ ପରିବର୍ତ୍ତନ ଆସିଛି । ଆଜିର ସମସ୍ୟା ଭିତରେ କରୋନା ମହାମାରୀର ପ୍ରାଦୁର୍ଭାବରେ ଗତ ଦେଢ଼ ବର୍ଷ କାଳ ଜନଜୀବନ ବାଧାପ୍ରାପ୍ତ ହେବା ସହ ଅବସ୍ଥା ଅସମ୍ଭାଳ ହୋଇପଡ଼ିଛି ଓ ସମସ୍ତ ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ଅବସ୍ଥା ଓ ବ୍ୟବସ୍ଥା ଭିତରେ ଆଉ ତାଳମେଳ ରହିନାହିଁ । ଜୀବନ ସହ ଜୀବୀକାର ସରଳ ଗତିଧାରାରେ ଯେମିତି ପ୍ରତିବନ୍ଧକ ସୃଷ୍ଟିକରିଛି ଏହି ମହାମାରୀ । ଭାରତ ଭଳି ଅର୍ଦ୍ଧ ବିକଶିତ ଦେଶରେ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ବିଶେଷ ସୁଧାର ଆସିନାହିଁ ଏବଂ ଶିକ୍ଷା ବ୍ୟବସ୍ଥା ଯେମିତି ସେମିତି ଏବେ ଅଚଳ ହୋଇପଡ଼ିଛି । ବିଦ୍ୟାଳୟ, କଲେଜ ଓ ୟୁନିଭରସିଟିରେ ଶୂନ୍ୟ ଉପସ୍ଥାପନାରୁ ବୁଝାପଡୁଛି କି କରୋନା ସଂକ୍ରମଣ ଏଥିପାଇଁ ଏକମାତ୍ର ଦାୟୀ । ବହୁଦିନ ହେବ ସ୍କୁଲ କଲେଜ ବନ୍ଦ ହେବା ଫଳରେ ଛାତ୍ରଛାତ୍ରୀମାନେ ଶିକ୍ଷା ପାଇବାରୁ ବଂଚିତ ହେଉଛନ୍ତି । ତାର ବିକଳ୍ପ ଆଉ କିଛି ନାହିଁ । ଘରୋଇ ବିଦ୍ୟାଳୟ, କଲେଜରେ ମଧ୍ୟ ଅନୁରୂପ ଅବସ୍ଥାର ସମ୍ମୁଖୀନ ହେଉଛନ୍ତି । ଛାତ୍ରଛାତ୍ରୀମାନେ ପ୍ରତ୍ୟକ୍ଷ ଶିକ୍ଷାଗ୍ରହଣରୁ ବଂଚିତ ହେଉଛନ୍ତି । ଶିଶୁ ଶ୍ରେଣୀଠାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ତାଲା ପଡ଼ିଛି । ପରୀକ୍ଷା ମଧ୍ୟ ଠିକ୍ ଭାବରେ ହୋଇପାରୁନାହିଁ । ଯେନେତେନ ପ୍ରକାରରେ ପରୀକ୍ଷା ଫଳ ପ୍ରକାଶ ପାଇବା ଫଳରେ ଗୁରୁତର ସମସ୍ୟା ଉପୁଜୁଛି । ଏବେ ସବୁ ଖୋଲାଯିବ ବୋଲି ଆଶା ସଂଚାର ହେଉଛି ପୁଣି କରୋନା ଭୟ ତୃତୀୟ ଲହରୀ ପାଇଁ ।

କୋଟି କୋଟି ଶିକ୍ଷାର୍ଥୀଙ୍କର ଭବିଷ୍ୟତ ଏବେ କହିବାକୁ ଗଲେ ଅନ୍ଧକାରଚ୍ଛନ୍ନ । ଭବିଷ୍ୟତର ଚିନ୍ତାରେ ସେ କେମିତି ଆଜି ବିଷାଦଗ୍ରସ୍ତ, ଅଭିଭାବକ ମଧ୍ୟ କେବଳ ବିଦ୍ୟାଳୟ ଜୀବନରେ ଶିକ୍ଷାର୍ଥୀ ପୁସ୍ତକଗତ ଜ୍ଞାନ ଆହରଣ କରୁଥିଲା ତାହା ନୁହେଁ, ପରନ୍ତୁ ଦାୟିତ୍ୱବୋଧ, ଜୀବନ ଗଠନ ପାଇଁ ପରାମର୍ଶ ଓ ଶୃଙ୍ଖଳିତ ଜୀବନଶୈଳୀ ପାଇଁ ଗୁରୁମନ୍ତ୍ର ପାଉଥିଲେ । ଏଠି ତାର ସୃଜନଶୀଳତା ଓ ବାଗ୍ମୀତାର ବିକାଶ ଘଟୁଥିଲା । ଜୀବନ ପାଠର ଆଦ୍ୟ ଭିତ୍ତିଭୂମି ହିଁ ପଡୁଥିଲାଏହି ବିଦ୍ୟାଳୟରୁ । ସହପାଠୀ ତଥା ସାଙ୍ଗସାଥୀମାନଙ୍କ ସହ ମିଶିବା ଯୋଗେ ସାମାଜିକତା ସ୍ନେହ ସୋହାର୍ଦ୍ଦ୍ୟ ବନ୍ଧୁତା ତଥା ଏକତାର ସୂତ୍ରପାତ ହେଉଥିଲା । ପିଲାମାନଙ୍କ ମଧ୍ୟରେ ସଂସ୍କାର ଆଉ ନାଗରିକ ଉତ୍ତମ ଭାବର ଏକ ଉତ୍ତର ଦାୟିତ୍ୱ ରହିଛି ବୋଲି ଦର୍ଶାଉଥିଲା ।

ଏହି ସବୁଗୁଡ଼ିକ ଶିକ୍ଷାଦାନର ବିକଳ୍ପ ବ୍ୟବସ୍ଥା ଅନ୍‌ଲାଇନ୍ ପାଠପଢ଼ାରୁ କେଉଁଠୁ ମିଳିପାରିବ ? କିନ୍ତୁ ଅନ୍‌ଲାଇନ୍ ପାଠ ପଢ଼ାର ଆଉ ଏକ ବିସ୍ତାରିତ ଦିଗ ହେଲା ଯାହାକୁ ଆମେ ଗୁରୁତ୍ୱ ଦେବା ଉଚିତ । ଏବେ ବୈଷୟିକ ଆଧାରିତ ବିଦ୍ୟାଳୟ ବା କଲେଜ ଶିକ୍ଷାର ଅସଲ ଛବି ପ୍ରକାଶ ପାଉଛି । ସବୁଆଡ଼େ ବିଜୁଳି ସହଜରେ ଉପଲବ୍ଧ ନୁହେଁ- ଭିତ୍ତିଭୂମିର ଘୋର ଅଭାବ ଏବଂ ଇଂଟରନେଟ୍‌ର ସୁବିଧା ଏତେ ସହଜ ନୁହେଁ । ଯାହାଫଳରେ ଶିକ୍ଷାଦାନ ଏତେ ସକ୍ରିୟ ନୁହେଁ କି ଫଳପ୍ରଦ ନୁହେଁ । ୨୦୦୯ ଓ ୨୦୨୦ ରିପୋର୍ଟରେ ଆକଳନରୁ ଜଣାଯାଏ ଯେ, ସମସ୍ତ ଦେଶର ୧୫ଲକ୍ଷ ସ୍କୁଲରେ କେବଳ ୩୮.୫୪ ଶତାଂଶ ଭାଗ କମ୍ପ୍ୟୁଟରର ବ୍ୟବସ୍ଥା ରହିଛି । ମେଘାଳୟରେ ୧୩.୬୩, ମଧ୍ୟପ୍ରଦେଶରେ ୧୩.୫୯, ପଶ୍ଚିମବଙ୍ଗରେ ୧୩.୮୭ ଭାଗ ବିହାରରେ ୧୪.୧୯ଭାଗ । ସମଗ୍ର ଦେଶରେ ତିନିଲକ୍ଷ ତରିଶହଜାର ବିଦ୍ୟାଳୟରେ କମ୍ପ୍ୟୁଟର ବ୍ୟବସ୍ଥା କେବଳ ଅଛି । ସେହିପରି କେରଳ ଓ ଦିଲ୍ଲୀରେ ଅଠାଅଶୀ ଓ ଛୟାଅଶୀ ଶତାଂଶ ଉପଲବ୍ଧ । ଅନ୍ୟତ୍ର ତ୍ରିପୁରାରେ ୩.୮୫ ମେଘାଳୟରେ ୩.୮୮ ଓ ଆସାମରେ ୫.୮୨ ସ୍କୁଲରେ ଇଂଟରନେଟ୍ କନେକ୍ସନ ରହିଛି । କେବଳ ଓଡ଼ିଶାର ସରକାରୀ ବିଦ୍ୟାଳୟମାନଙ୍କରେ ୧୯.୧୮ଶତାଂଶ ରହିଥିଲାବେଳେ ଓଡ଼ିଶାର ୬୭,୦୬୦ ସ୍କୁଲ ଚାଲୁଛିତ ସେଥିରୁ ୫୩,୨୬୦ଟି ସ୍କୁଲ ହେଉଛି ସରକାରୀ ସ୍କୁଲ । ଦେଶର ସବୁ ସ୍କୁଲ ସହ ତାଳ ମିଳାଇଲେ ଓଡ଼ିଶାରେ ପ୍ରାୟତଃ ୧୧.୫୮ଭାଗ ।

ସେଥିରୁ ସହକାରୀ ସାହାଯ୍ୟପ୍ରାପ୍ତ ସ୍କୁଲରେ ୫.୭୪ ଭାଗ ଥିବାବେଳେ ଅନ୍ୟ ସାହାଯ୍ୟ ପ୍ରାପ୍ତ ପ୍ରାଇଭେଟ୍ ସ୍କୁଲରେ ୩୫ଭାଗ, ଓ ୨୦.୧୮ ଶତାଂଶ ସ୍କୁଲରେ ଇଂଟରନେଟ୍ ବ୍ୟବସ୍ଥା ରହିଛି । ଏମିତି କି ଆମ ପିଲା ଏବେ ସୁଦ୍ଧା କମ୍ପ୍ୟୁଟର ସମ୍ବନ୍ଧୀୟ ଜ୍ଞାନ କୌଶଳ ସହ ବିଶେଷ ଜ୍ଞାନ ଆହରଣ କରିନାହାନ୍ତି । ସେମାନେ ଏତେ ଏଥିରେ ଦକ୍ଷ ନୁହଁନ୍ତି ଏଇ କମ୍ପ୍ୟୁଟର ଚଳାଇବାରେ । ଏମିତିକି ପାହାଡ଼ ଘେରା ଡ଼ଙ୍ଗର ଏବଂ ଗାଁ ଗହଳିରେ ଇଂଟରନେଟ୍ ସମ୍ପର୍କ ବି ବ୍ୟାହତ । ଯେତେବେଳେ ୨୪ପ୍ରତିଶତ ଇଂଟରନେଟ୍‌ର ସୁବିଧା ପାଆନ୍ତି ସେତେବେଳେ ପିଲାମାନଙ୍କୁ ଇଂଟରନେଟ୍ ଯୋଗେ ପାଠ ପଢ଼ାଇବା ଏକବାର ଅସମ୍ଭବ ।

ଏହା ସତ୍ୟ ଯେ, ସରକାରୀ ସ୍କୁଲରେ ପାଠ ପଢୁଥିବା ଛାତ୍ରଛାତ୍ରୀ ଙ୍କ ପରିବାର ନିମ୍ନ ଆୟକାରୀ ବର୍ଗ ଅଟନ୍ତି । ଏମାନଙ୍କ ପାଖରେ ସ୍ମାର୍ଟ ଫୋନ ପାଇବା ପାଇଁ ସଯୋଗ ତଥା ସୁବିଧା ତଥା ମୂଲ୍ୟ ଦେଇ କିଣିବାର ଅସୁବିଧା ଉପୁଜେ । ପ୍ରତିମାସରେ ଇଂଟରନେଟ୍ ପାଇଁ ପଇସା ପକାଇବା ସମ୍ଭବ ନୁହେଁ । ଆଉ ଗୋଟେ ପଟେ ଦାରିଦ୍ର୍ୟ ଓ ଇଂଟରନେଟ୍ ପ୍ରତି ସଚେତନତା ତଥା ଜ୍ଞାନ ଆହରଣ ଖୁବ୍ କମ୍ ଥାଏ । ଏସବୁକୁ କାର୍ଯ୍ୟକାରୀ କରିବାରେ ଏମାନଙ୍କର ସେମିତି ବୈଷୟିକ ଜ୍ଞାନ ତିଳେମାତ୍ର ନଥାଏ । କୌଣସି ସୂତ୍ରରୁ ଉପଯୁକ୍ତ ଟ୍ରେନିଂ ଏମାନେ ପାଇନଥାନ୍ତି । ଜୀବନଜୀବିକା ପାଇଁ ଏମାନେ ବି ସଦା ସର୍ବଦା ବ୍ୟସ୍ତ ଥାନ୍ତି । ଦୀର୍ଘ ସମୟ ଧରି ସ୍କୁଲ ବନ୍ଦ ହେବା ଫଳରେ ପିଲାମାନଙ୍କ ପାଠ ପ୍ରତି ସ୍ପୃହା ଆସ୍ତେ ଆସ୍ତେ କମିଯାଏ । କିଛି କିଛି ପିଲା ଏହି କାରଣରୁ ବି ସ୍କୁଲ ଛାଡ଼ି ସାରିଲେଣି । କରୋନା ଯୋଗୁଁ ଶିକ୍ଷା କ୍ଷେତ୍ରରେ ଏ ଏକ ଶକ୍ତ ଧକ୍କା କହିଲେ ଅତ୍ୟୁକ୍ତି ହେବନି ।

ଏହି ଅନ୍‌ଲାଇନ୍ ଶିକ୍ଷା ସମାଜ ଭିତରେ ବିଭେଦତା ଉତ୍ପନ୍ନ କରିବାରେ ସାହାଯ୍ୟ କରେ । ତେଣୁ ଏ କ୍ଷେତ୍ରରେ ସରକାରଙ୍କୁ ମଧ୍ୟ ଶିକ୍ଷାରୁ ବଂଚିତ ହେଉଥିବା ସାଧାରଣ ତଥା ଗରିବ ପିଲାମାନଙ୍କ କଥା ଚିନ୍ତା କରିବା ଉଚିତ । ୨୦୨୦-୨୧ର ଆର୍ଥିକ ସର୍ଭେରେ କୁହାଯାଇଛି କି ଯଦି ଅନ୍‌ଲାଇନ୍ ଶିକ୍ଷାକୁ ଠିକ୍ ବାଟରେ ଓ ଠିକ୍ ଅର୍ଥରେ ପ୍ରୟୋଗ କରାଯାଏ ଏଥିରେ ଶୈକ୍ଷିକ ପରିଣାମ ଦୃଷ୍ଟିରୁ ଅସମାନତା ଦୂର ହୋଇପାରେ କିନ୍ତୁ କେହି ଜଣେ ଅଂଟା ଭିଡ଼ି ଜୋର ଦେଇ କହିପାରିବେ ଯେ, ଭାରତ ପରି ଦେଶରେ ସବୁପିଲାଙ୍କୁ ଅନଲାଇନ୍ ମାଧ୍ୟମରେ ଶିକ୍ଷାଦେଇ ଦେଶର ଶିକ୍ଷା କ୍ଷେତ୍ରରେ ଆଶନୁରୂପ ଫଳପ୍ରାପ୍ତି ହୋଇପାରେ ? ଏହା ସତରେ ଏକ ବିରାଟ ଓ ଜଟିଳ ପ୍ରଶ୍ନ ସମସ୍ତଙ୍କ ଆଗରେ ।



ଆଲେଖ୍ୟ: ଡ.କିଶୋର ମହାନ୍ତି
♥ ଇ-୫୦, ସେକ୍ଟର -୭,
ସିଡ଼ିଏ, କଟକ-୧୪
ମୋ: ୯୪୩୭୭୨୮୪୭୫

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୧ ତମ ଜୟନ୍ତୀ ପାଳିତ



ଉଦଳା, ୧୮/୧୨ (ନି.ପ୍ର): ଉତ୍କଳ ସମ୍ମିଳନୀର ପ୍ରଥମ ସଭାପତି ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୧ ତମ ଜୟନ୍ତି ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟ ତରଫରୁ ଉଦଳା ଠାରେ ପାଳିତ ହୋଇ ଯାଇଛି । ଏହି ଅବସରରେ ଟ୍ରଷ୍ଟର ସଭାପତି ପ୍ରମିଳା ପଣ୍ଡାଙ୍କ ଅଧକ୍ଷତାରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା ।ପ୍ରାରମ୍ଭରେ ସମସ୍ତେ ମହାରାଜାଙ୍କ ଫୋଟଚିତ୍ରରେ ପୁଷ୍ପ, ଧୂପ, ଦୀପ ଅର୍ପଣ କରି ଏକ ସ୍ୱରରେ 'ବନ୍ଦେ ଉତ୍କଳ ଜନନୀ...' ଗାନ କରିଥିଲେ । କାର୍ଯ୍ୟକ୍ରମରେ ଅବସରପ୍ରାପ୍ତ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ଗୋପିନାଥ ଶା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ମହାରାଜା ଶ୍ରୀରାମଚନ୍ଦ୍ର କିପରି କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତବର୍ଷରେ ଜଣେ ବିରଳ ରାଜା ଥିଲେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଭକ୍ତିଜ୍ଞାନ ସଂଚାର ସମିତିର ଅଧକ୍ଷ ଲକ୍ଷ୍ମୀଧର ପୁଥାଳ ମୁଖ୍ୟ ବକ୍ତା ଭାବରେ ଯୋଗ ଦେଇ ମହାରାଜା ଶ୍ରୀରାମଚନ୍ଦ୍ରଙ୍କ ସହିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କର କିପରି ନିବିଡ଼ ସମ୍ପର୍କ ଥିଲା ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼. ଶ୍ୟାମସୁନ୍ଦର ପଣ୍ଡା, ଅବସରପ୍ରାପ୍ତ ଶିକ୍ଷକ ନରେନ୍ଦ୍ର ରାଉତ, ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ପୂର୍ବତନ କାଉନସିଲର ମମତା ସାହୁ, ଆଇନଜୀବି ସତ୍ୟବ୍ରତ ମିଶ୍ର, ପ୍ରଭାସ ଚନ୍ଦ୍ର ନାୟକ, ଦିଲ୍ଲିପ କୁମାର ବେହେରା, ସର୍ବେଶ୍ୱର ମହାପାତ୍ର, ବ୍ରହ୍ମାନନ୍ଦ ନାୟକ, ନମିତା ରାଉତ ପ୍ରମୁଖ ଅଂଶ ଗ୍ରହଣ କରି ମହାରାଜାଙ୍କ ଜୀବନ ଇତିହାସ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ସ୍ମୃତି ରଂଜନ ଶତପଥି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁବ୍ରତ କୁମାର ମହାନ୍ତି କାର୍ଯ୍ୟକ୍ରମର ଶେଷ ସ୍ୱର୍ଶ ଦେଇଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଦିନବନ୍ଧୁ ବାରିକ, ମହେନ୍ଦ୍ର ମାର୍ଣ୍ଡି, ସର୍ବେଶ୍ୱର ବାରିକ ପ୍ରମୁଖ ସହଯୋଗ କରିଥିଲେ ।

# ସମସ୍ୟା ସମାଧାନ ପାଇଁ ଲୋକସମ୍ପର୍କ ମନ୍ତ୍ରୀଙ୍କୁ ଦାବିପତ୍ର



ଖଇରା, ୧୮/୧୨ (ନି.ପ୍ର): ଓଡିଶାରେ ଖବରଦାତା ମାନେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ସାମ୍ବାଦିକ ସଙ୍ଗଠନ ତରଫରୁ ସୂଚନା ଲୋକସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସଙ୍କ ଦାବୀପତ୍ର ପ୍ରଦାନ କରାଯାଇଛି । ଶୁକ୍ରବାର ସ୍ଥାନିୟ ବିଧାୟକ ତଥା ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀଙ୍କ ସହ ମନ୍ତ୍ରୀ ଶ୍ରୀଦାସ ଖଇରା ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ମାସ୍କ ବଣ୍ଟନ ଗସ୍ତ ଅବସରରେ ସଂଘର କର୍ମକର୍ତ୍ତା ମାନେ ୮ଦଫା ସମ୍ବଳିତ ଦାବୀପତ୍ର ପ୍ରଦାନ କରିଛନ୍ତି । ଏଥି ମଧ୍ୟରେ ଖବରଦାତାଙ୍କ ଦାତା ସ୍ୱାସ୍ଥ୍ୟ ବିମା ଖର୍ଚ୍ଚ ୨ଲକ୍ଷରୁ ୫ଲକ୍ଷକୁ ବୃଦ୍ଧି,ଅଧିସ୍ୱୀକୃତି କମିଟି ବୈଠକ ନିୟମିତ ଡାକିବା,ଖବରଦାତାଙ୍କ ପାଇଁ ପେନସନ ବ୍ୟବସ୍ଥା,ଜିଲା ଓ ବ୍ଲକ ସ୍ତରରେ ସାମ୍ବଦିକ ସଂଘ ପାଇଁ ସରକାରୀ ଜମି ପ୍ରଦାନ,ରେଳ ଯାତ୍ରାରେ ଥିବା ସୁବିଧା ପୁନଃ ପ୍ରଚଳନ,ଖବରଦାତାଙ୍କ ପାଇଁ ଗୃହ ଗାଡି ଋଣ ପ୍ରକ୍ରିୟାକୁ ସରଳିକରଣ କରିବା,ନିୟମିତ ବ୍ୟବଧାନରେ ବିଭାଗ ପକ୍ଷରୁ ଖବରଦାତାଙ୍କ ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା କରିବା ଇତ୍ୟାଦି ଦାବୀ ସମ୍ପର୍କରେ ଖବରଦାତା ମାନେ ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ । ଯଥା ସମ୍ଭବ ଦାବି ପୁରଣ ପାଇଁ ମନ୍ତ୍ରୀ ଶ୍ରୀଦାସ ପ୍ରତିଶୃତି ଦେଇଥିଲେ । ଓୟୁଜେ ବାଲେଶ୍ୱର ଜିଲା ଶାଖା ସଭାପତି ଗଙ୍ଗାଧର ରାଉତଙ୍କ ନେତୃତ୍ୱରେ ଅନାମ ଚରଣ ପଣ୍ଡା, ଉତ୍କଳବନ୍ଧୁ ପଣ୍ଡା,ବଳରାମ ଲେଙ୍କା,ଦୟାନିଧି ମହାପାତ୍ର, କୈଳାସ ଚନ୍ଦ୍ର ଦାସ, ତପୋଧନ ବାରିକ, ସଞ୍ଜୟ କୁମାର ବେହେରା ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିଲେ ।

## ଜଳେଶ୍ୱର ନିର୍ବାଚନ ମଣ୍ଡଳିର ୧୦ନଂ ଜୋନରେ ବିଜେପିର ସାଂଗଠନିକ ବୈଠକ

ଜଳେଶ୍ୱର ୧୮/୧୨(ନିପ୍ର): ଜଳେଶ୍ୱର ନିର୍ବାଚନ ମଣ୍ଡଳିର ୧୦ନଂ ଜୋନ୍ ନାମ୍ପୋଠାରେ ବିଜେପିର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପ୍ରତାପ ସେନାପତି ଅଧ୍ୟକ୍ଷତା କରିଥିଲେ। ବିଧାୟକ ପ୍ରାର୍ଥୀ ଜୟନାରାୟଣ ମହାନ୍ତି, ନାମ୍ପୋ ପ୍ରମୁଖ ଜଗନ୍ନାଥ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ପାଣିଗ୍ରାହୀ, ବାଣିଦାସ ମହାପାତ୍ର, ପ୍ରଣବ ପଣ୍ଡା, ସିଦ୍ଧାର୍ଥ ପାଳ, ଅଭିଜିତ୍ ପ୍ରଧାନ, ଦିବ୍ୟକାମ ମହାନ୍ତି ତୃଣମୂଳ ସ୍ତରକୁ ଦଳକୁ ସୁଦୃଢ଼ କରିବାଲାଗି ସମସ୍ତେ ମିଳିତଭାବେ କାର୍ଯ୍ୟ କରିବା ଉଚିତ୍ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଦତ୍ତ, ଗୋପାଳ ପ୍ରମାଣିକ, ଅକ୍ଷୟ ଜେନା, ଜ୍ୟୋତିବ୍ରହ୍ମ ଦେ, ଜନ୍ମେଜୟ ଚନ୍ଦ, କେଶବ ପ୍ରଧାନ, ଜୀବନକୃଷ୍ଣ ଜେନା, ବିନୋଦ ଭୂୟାଁ, ଅନ୍ନପୂର୍ଣ୍ଣା ଦାସ, ଯତିନ୍ଦ୍ର ସେନାପତି, ହରେନ୍ଦ୍ର ବେହେରା, ଘନଶ୍ୟାମ ସେଠୀ, ମଧୁସୂଦନ ଦେ, ଦୟାନିଧି ପାତ. ସୁମନ ମହାନ୍ତି, ପ୍ରବିର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।

## ସ୍ଥାୟୀ ନିଯୁକ୍ତି ଦାବିରେ ଆୟୁଷ ଡ଼ାକ୍ତରମାନଙ୍କ ଧାରଣା

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ବିଭିନ୍ନ ଦାବି ନେଇ ଆୟୁଷ ଡାକ୍ତର ମହାସଂଘ ପକ୍ଷରୁ ଗତ ୨ ତାରିଖରୁ ବିଧାନସଭା ସମ୍ମୁଖରେ ଧାରଣା ଦେଉଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ସରକାର କୌଣସି ନିଷ୍ପତି ନେଉନଥିବାରୁ ସେମାନେ ଆମରଣ ଅନଶନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଆୟୁଷ ଡ଼ାକ୍ତର ମହାସଂଘର ରାଜ୍ୟ ସଭାପତି ଜ୍ୟୋତିରଞ୍ଜନ ଗହନ କହିଛନ୍ତି ୨୦୦୭ରେ ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାର ପିଏଚ୍ସି ଓ ସିଏଚ୍ସିରେ ଡ଼ାକ୍ତର ଅଭାବଜନିତ ସମସ୍ୟା ଦୂର କରିବା ପାଇଁ ସରକାର ଏନ୍ଏଚ୍ଏମ୍ ଜରିଆରେ ୧୪୮୫ଜଣ ଆୟୁଷ ଡ଼ାକ୍ତର ନିଯୁକ୍ତି ଦେଇଥିବା ବେଳେ ବର୍ତ୍ତମାନ ୧୧୫୧ଜଣ ଡ଼ାକ୍ତର କାର୍ଯ୍ୟରତ ଅଛନ୍ତି। ସରକାରଙ୍କ ମୂଳ ଲକ୍ଷ୍ୟ ଥିଲା ଏଲୋପାଥିକ ଡ଼ାକ୍ତରମାନଙ୍କ ଅଭାବରେ ରୋଗୀମାନଙ୍କୁ ବିକଳ୍ପ ଚିକିତ୍ସା ଯୋଗାଇଦେବା। କିନ୍ତୁ ଦୀର୍ଘ ୧୪ବର୍ଷ ଧରି ରୋଗୀସେବା କରିବା ସତ୍ତ୍ୱେ ସରକାର ସ୍ଥାୟୀ ନିଯୁକ୍ତି ଦେଲେନାହିଁ କି ଏଲୋପାଥିକ ଡ଼ାକ୍ତରମାନଙ୍କ ସମତୁଲ ବେତନ ଦେଲେନାହିଁ। ଆଜି ପୁଣି ମହାସଂଘର କର୍ମକର୍ତାମାନେ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟି ନିଜ ଦାବି ସମ୍ପର୍କରେ ଆଲୋଚନା କରିଥିବା ଜଣାପଡିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଯୁକ୍ତ ୩ ପାଠ୍ୟକ୍ରମରେ ଯୋଡି ହେଲା....

ପାଠ୍ୟକ୍ରମର ୬ଟି ସେମିଷ୍ଟାର ରେ ଗୋଟିଏ ଲେଖାଏଁ ୟୁନିଟ୍ ସାମିଲ କରାଯାଇଛି । ପ୍ରତ୍ୟେକ ୟୁନିଟ୍ ୨୫ ମାର୍କ ବିଶିଷ୍ଟ ହେବ ଏବଂ ଯୁକ୍ତ -୩ର ପ୍ରତ୍ୟେକ ସେମିଷ୍ଟାର ରେ ଏକ ୟୁନିଟ୍ ହିସାବ ରେ ସଂଯୁକ୍ତ ହେବ । ଗୋଟିଏ ୟୁନିଟ୍ ବିଷୟ ପଢ଼ାଯିବା ପାଇଁ ୧୫ଟି ପିରିୟଡ୍ ରହିବ । ଏହି ଉନ୍ମୋଚନ ସଭାରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଚ୍ଚଶିକ୍ଷା ବିଭାଗର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର କହିଲେ ଯେ ଛାତ୍ରଛାତ୍ରୀମାନେ ଏହି ପାଠ୍ୟଖସଡ଼ାର ବହି ନକିଣି ସଂପୂର୍ଣ୍ଣ ମାଗଣାରେ ତାକୁ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦ ୱେବ୍ ସାଇଟ୍ https://oshec.nic.in ଏବଂ https://vtputkal.odisha.gov.in ରୁ ଡାଉନ୍‌ଲୋଡ୍ କରି ପଢ଼ିପାରିବେ । ଅନ୍ୟତମ ଅତିଥି ଭାବେ ଯୋଗଦେଇ ଓଡ଼ିଶା ରାଜ୍ୟ ଉଚ୍ଚଶିକ୍ଷା ପରିଷଦର ଉପାଧକ୍ଷ ପ୍ରଫେସର ଅଶୋକ କୁମାର ଦାସ କହିଲେ ଯେ ଏହାକୁ ସମାଜତତ୍ୱ, ରାଜନୀତି ବିଜ୍ଞାନ, ନୃତତ୍ୱ ତଥା ଇତିହାସର ଅଧ୍ୟାପକମାନେ ମହାବିଦ୍ୟାଳୟରେ ପଢ଼ାଇବେ । ସମସ୍ତ ବିଶ୍ୱବିଦ୍ୟାଳୟ ଏହି ପାଠ୍ୟଖସଡ଼ାକୁ ଅନୁମୋଦନ କରିସାରିଛନ୍ତି ଏବଂ ଚଳିତ ବର୍ଷରୁ ଏହାକୁ ପାଠ୍ୟକ୍ରମରେ ସାମିଲ କରାଯାଇଛି ।

## ମହିଳା ଓ ଶିଶୁ ବିରୋଧୀ ହିଂସାରେ....

ସମୟାନୁଯାୟୀ ପଦୋନ୍ନତି, ଚୋରି ମାମଲାରେ ଇ-ଏଫଆଇଆର ରହିଥିଲା । ଏଥିସହିତ ଆଗକୁ ମଧ୍ୟ ଆହୁରି ଅନେକ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷରେ ସ୍ପେଶାଲ ଟାସ୍କ ଫୋର୍ସ(ଏସ୍‌ଟିଏଫ୍) ନେତୃତ୍ୱରେ ରାଜ୍ୟରେ ଜାରି ରହିଥିବା ବ୍ରାଉନସୁଗାର ବିରୋଧୀ ଅଭିଯାନର ସଫଳତାକୁ ମଧ୍ୟ ପ୍ରଶଂସା କରିଛନ୍ତି । ଏଥିସହିତ ବନ୍ୟକାପ୍ତା, ବାଘ ଚମଡ଼ା ଭଳି ବନ୍ୟଜନ୍ତୁଙ୍କୁ ନେଇ ଚାଲିଥିବା କାରବାରର ପର୍ଦ୍ଦାଫାସ ନେଇ ମଧ୍ୟ ଏସ୍‌ଟିଏଫ୍‌କୁ ଶୁଭେଚ୍ଛା ଜଣାଇଛନ୍ତି ମୁଖ୍ୟମନ୍ତ୍ରୀ । ବାତ୍ୟା 'ୟାସ୍' ଲୋକଙ୍କୁ ସ୍ଥାନାନ୍ତର ଓ ରିଲିଫ୍ ସାମଗ୍ରୀ ବଂଟନ ନେଇ ଓଡ୍ରାଫ୍ ଏବଂ ହୋମଗାର୍ଡ କର୍ମଚାରୀଙ୍କ ଉଲ୍ଲେଖନୀୟ କାର୍ଯ୍ୟକୁ ମଧ୍ୟ ବେଶ୍ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ । ମହାମାରୀ କାଳରେ ଓଡ଼ିଶା ପୋଲିସର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ପ୍ରଶଂସା କରିଛନ୍ତି ମୁଖ୍ୟମନ୍ତ୍ରୀ । କରୋନା ମୁକାବିଲା ସମୟରେ ୬୧ ଜଣ ପୋଲିସ କର୍ମଚାରୀଙ୍କୁ କରୋନା ଯୋଦ୍ଧା ଭାବେ ଜୀବନର ବଳିଦାନକୁ ଦେବାକୁ ପଡ଼ିଥିଲା । ଦିବଂଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ସେମାନଙ୍କ ପରିବାରବର୍ଗଙ୍କୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦିଆଯିବାର ଆଶ୍ୱାସନା ଦେଇଛନ୍ତି ମୁଖ୍ୟମନ୍ତ୍ରୀ ।

## ଭାରତରେ ଦୈନିକ ଆସିପାରେ....

ସଂକ୍ରମଣ ୧୪ ଲକ୍ଷ ହୋଇପାରେ । ସେ କହିଛନ୍ତି ଏହି ଦୁଇ ଦେଶର ଲୋକସଂଖ୍ୟା ହିସାବରେ ଭାରତର ଲୋକସଂଖ୍ୟା ବହୁତ ଅଧିକ । ତେଣୁ ଭାରତରେ ସଂକ୍ରମଣ ମଧ୍ୟ ଅଧିକ ହେବ, ଏପରିକି ଦିନକୁ ୧୪ ଲକ୍ଷ ପର୍ଯ୍ୟନ୍ତ କେସ୍ ଆସିବାରେ ବୋଲି ଡାକ୍ତର ପଲ୍ ପୂର୍ବାନୁମାନ କରିଛନ୍ତି । ତେଣୁ ସମ୍ଭାବ୍ୟ ସ୍ଥିତି ନେଇ ଅବହେଳା ନକରି ସତର୍କ ରହିବାକୁ ସେ ପରାମର୍ଶ ଦେଇଛନ୍ତି । କରୋନା ପ୍ରକୋପକୁ କମ୍ କରିବା ପାଇଁ ବ୍ରିଟେନ ସରକାର ଟିକାକରଣକୁ ଜୋରଦାର କରିଛନ୍ତି । ଖାଲି ବ୍ରିଟେନ୍ ନୁହେଁ ଦକ୍ଷିଣ ଆଫ୍ରିକା ଓ ଆମେରିକାରେ ମଧ୍ୟ ଓମିକ୍ରନ ସଂକ୍ରମଣ ବଢ଼ିଚାଲିଛି । ସେପଟେ ଭାରତରେ ଗତ ୨୦ ଦିନ ହେବ ଦୈନିକ ସଂକ୍ରମଣ ୧୦ ହଜାର ତଳେ ରହିଛି । ଦେଶରେ ଏବେ ଆର ଭ୍ୟାଲୁ ସ୍ଥିର ରହିଛି । ଦେଶରେ ୧୮ ବର୍ଷରୁ ଅଧିକ ବ୍ୟକ୍ତିଙ୍କ ମଧ୍ୟରୁ ୫୦ ପ୍ରତିଶତ ଦୁଇଟି ଯାକ ଡୋଜ୍ ନେଇସାରିଲେଣି । ତେଣୁ ଓମିକ୍ରନ୍ ପ୍ରଭାବ କମ୍ ରହିବ ବୋଲି କିଛି ବିଶେଷଜ୍ଞ ଅନୁମାନ କରୁଛନ୍ତି ।

## ଘଟଗାଁ ତାରିଣୀଙ୍କୁ ଦାନ ଟଙ୍କାକୁ ....

କଏନକୁ ବ୍ୟାଙ୍କ ଏପର୍ଯ୍ୟନ୍ତ ବିତରଣ କରିପାରିନଥିବା ଦର୍ଶାଇ ଏବେ କଏନ ଜମା ନକରିବାକୁ ଚିଠିରେ ଉଲ୍ଲେଖ କରିଛି । ବ୍ୟାଙ୍କ କର୍ତ୍ତୃପକ୍ଷ କହିଛନ୍ତି ଏତେ ପରିମାଣରେ କଏନ ନେବା ଦ୍ୱାରା ତାକୁ ରଖିବା ପାଇଁ ମଧ୍ୟ ସମସ୍ୟା ସୃଷ୍ଟି ହୋଇଛି । ତେବେ ଦାନରେ ମିଳୁଥିବା କଏନକୁ ବ୍ୟାଙ୍କ ଗ୍ରହଣ ନକରିବାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଭାରତୀୟ ରିଜର୍ଭ ବ୍ୟାଙ୍କ କଏନକୁ ଜାରି କରିଥାନ୍ତି । ଆଉ କଏନ ଗ୍ରହଣ ନକରିବା ବେଆଇନ । ଏମିତି ସମୟରେ ତାରିଣୀ ମନ୍ଦିରର କଏନ ଟଙ୍କା ବ୍ୟାଙ୍କ ଗ୍ରହଣ କରୁନଥିବାରୁ ସମସ୍ୟାର ସମାଧାନ ପାଇଁ ଆରବିଆଇର ଓଡିଆ ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ହସ୍ତକ୍ଷେପ କରିବା ପାଇଁ ଦାବି ହେଉଛି ।

## ଗଙ୍ଗା ଏକ୍ସପ୍ରେସ୍ ୱେର ଶିଳାନ୍ୟାଶ....

ଆଉ ରହିଲା ମାତ୍ର କେଇ ମାସ । ଆଉ ଏହାରି ଭିତରେ ଉତରପ୍ରଦେଶରେ ଜୋରଦାର ହେଇଛି ଉଦଘାଟନ ସହ ଶିଳାନ୍ୟାସ ପକ୍ରିୟା । ହସ୍ପିଟାଲ , ରାସ୍ତା , ଏୟାରପୋର୍ଟର ପରି ଯୋଜନା ମାଧ୍ୟମରେ ପୁଣି ଥରେ ୟୁପି ଦଖଲ କରିବା ଲକ୍ଷ୍ୟରେ ଭାଜପା ସରକାର । ଏହାରି ଭିତରେ ଅଖିଳେଶ ଏସବୁ କୁ ସମାଜବାଦୀ ପାର୍ଟିର ଯୋଜନା କହିବା ସହ ବିଜେପି ଫିତା କାଟିବା କାମ କରୁଛି କହି ସରକାରଙ୍କୁ ଦେଇଛନ୍ତି ଚେକ । ଏହାସହ ଅଖିଳେଶଙ୍କୁ ବିଜୟ ରଥ ଯାତ୍ରାରେ ଭାରି ଜନସମାଗମ ଦେଖିବାକୁ ମିଳୁଛି । ଶନିବାର ରାୟବରେଲି ରାଲିରେ ଅଖିଳେଶ କଂଗ୍ରେସ ଓ ବିଜେପି କୁ କଡା ସମାଲୋଚନା କରିଛି । ଉତରପ୍ରଦେଶରେ ଯୋଗୀଙ୍କ ବିକାଶଧାରା ବାସ୍ତବରେ କେତେ ଲୋକଙ୍କ ନିକଟତର ହୋଇପାରିଛି ଆଉ ଏହା ଆଗାମୀ ନିର୍ବାଚନ ଉପରେ କେତେ ପ୍ରଭାବ ପକାଉଛି ତାହା ଦେଖିବାକୁ ବାକି ରହିଲା ।

## ଦନ୍ତେୱାଡ଼ା ମୁହାଁମୁହିଁ ସଂଘର୍ଷରେ ଦୁଇ ପୁରସ୍କାର ଘୋଷିତ ମହିଳା ନକ୍ସଲବାଦୀ ମୃତ

ଦନ୍ତେୱାଡ଼ା,୧୮/୧୨ (ନି.ପ୍ର): ଛତିଶଗଡର ଦନ୍ତେବାଡା ଜିଲ୍ଲାର ଅରନପୁର ଥାନାକ୍ଷେତ୍ରର ଦ୍ରେରାସର ଜଙ୍ଗଲରେ ଶନିବାର ସକାଳ ୫.୩୦ରେ ଡିଆରଜିର ଯବାନ ଏବଂ ନକ୍ସଲଙ୍କ ମଧ୍ୟରେ ମୁହାଁମୁହିଁ ସଂଘର୍ଷ ହୋଇଥିଲା। ସଂଘର୍ଷରେ ଯବାନମାନେ ଦୁଇ ପୁରସ୍କାର ଘୋଷିତ ମହିଳା ନକ୍ସଲବାଦୀଙ୍କ ମଲାଙ୍ଗେର ଅଂଚଳ କମିଟିର ସଦସ୍ୟ ପାଂଚଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ହିଡମେ କୋହରାମ ଏବଂ ସିଏନ୍‌ଏମ୍ ଇନ୍‌ଚାର୍ଜ ଏକଲକ୍ଷ ଟଙ୍କାର ପୁରସ୍କାର ଘୋଷିତ ନକ୍ସଲବାଦୀ ପୋଜ୍ଜେକୁ ମାରିଦେଇଛନ୍ତି । ଯବାନଙ୍କ ଦ୍ୱାରା ମୃତ ଦୁଇ ମହିଳା ନକ୍ସଲବାଦୀଙ୍କ ଶବ ସହିତ ଅସ୍ତ୍ରଶସ୍ତ୍ର ଏବଂ ଅନ୍ୟ ସାମଗ୍ରୀ ମଧ୍ୟ ଜବତ କରାଯାଇଛି । ଦନ୍ତେୱାଡ଼ା ଏସ୍‌ପି ଡା. ଅଭିଷେକ ପଲ୍ଲବ କହିଛନ୍ତି ଯେ ଏହି ସଂଘର୍ଷ ସମୟରେ ଅନ୍ୟ ନକ୍ସଲଙ୍କ ଆହତ ହେବାର ଆଶଙ୍କା କରାଯାଉଛି।

# କଲେଜରେ ମାସ୍କ ବର୍ଣ୍ଟନ ଓ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ



ଖଇରା,୧୮/୧୨ (ନି.ପ୍ର): ସୂଚନା ଲୋକସମ୍ପର୍କ ତଥା ଜଳସମ୍ପଦ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ପର୍ଯ୍ୟଟନ ସଂସ୍କୃତି ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଶୁକ୍ରବାର ଖଇରା ଓ ଗର୍ସଙ୍ଗ ମହାବିଦ୍ୟାଳୟରେ କୋଭିଡ ସଚେତନତା ସଭାରେ ଯୋଗ ଦେବା ସହ ଛାତ୍ରୀଛାତ୍ରଙ୍କୁ ବିଧାୟକ ପାଣ୍ଠିରୁ ସ୍ୱୟଂ ସହାୟିକା ଗ୍ରୁପ ଦ୍ୱାରା ନିର୍ମୀତ ହୋଇଥିବା ମାସ୍କ ବର୍ଣ୍ଟନ କରିଛନ୍ତି । ଖଇରା କଲେଜ ଅଧ୍ୟକ୍ଷ ଡଃ ପ୍ରମୋଦ ଉପାଧ୍ୟାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମନ୍ତ୍ରୀ ଦ୍ୱୟ କରୋନାର ନୂଆରୂପ ଓମିକ୍ରନ ଭାଇରସ ଉପରେ ଆଲୋକପାତ ପିଲାମାନେ ନିଜେ ସର୍ତକତା ଅବଲମ୍ବନ କରିବା ସହ ପାଖପଡୋଶିକୁ ସଚେତନ କରାଇବାକୁ ପରାମର୍ଶ ଦେଇଥିଲେ । ପରେ ଖଇରା ବ୍ଲକର କୋଚିଆକୋଇଲି ଠାରେ ୩୦ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ କଲ୍ୟାଣ ମଣ୍ଡପ ଉଦ୍‌ଘାଟନ କରିଥିଲେ । ଶେଷରେ କୁପାରୀ ପର୍ଯ୍ୟଟନ କ୍ଷେତ୍ରର ସୌନ୍ଦର୍ଯ୍ୟ ବୃଦ୍ଧିପାଇଁ ନିର୍ମିତ କୁପାରୀ ଶିଶୁ ଉଦ୍ୟାନ ତଥା କୁପାରୀ ହାଇସ୍କୁଲର ରୁପାନ୍ତରିଣ କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା । କୋଚିଆକୋଇଲି ଠାରେ ବିଜେଡି ସଭାପତି ବ୍ରଜକିଶୋର ମହାନ୍ତି, ଠିକାଦାର ଶଶାଙ୍କ ଶେଖର ମହାପାତ୍ର, ପଞ୍ଚାୟତ ସଭାପତି ଲମ୍ବୋଦର ବେହେରା, ନାଏବ ସରପଞ୍ଚ ମୁକେଶ କୁମାର ଜେନା, ମହିଳା ସଙ୍ଗଠିକା ରଶ୍ମିତା ମହାପାତ୍ର ଓ କୁପାରୀ କାର୍ଯ୍ୟକ୍ରମରେ ବ୍ଲକ ଉପାଧକ୍ଷା ଜୟନ୍ତ କୁମାର ରାଉତ ଉପସ୍ଥିତ ଥିଲେ ।

# କଳାକାରର ମୃତ୍ୟୁ ନାହିଁ : ଆଜିବି ଭଗବାନ ଗିରି ସମସ୍ତଙ୍କ ହୃଦୟରେ ଜୀବିତ

ଜଳେଶ୍ୱର, ୧୮/୧୨(ନିପ୍ର): ଜଳେଶ୍ୱର ଓ ପଶ୍ଚିମବଂଗ ସୀମାରେ ଅବସ୍ଥିତ ନଛିମପୁର ଗାଁ । ଏ ଗାଁର ଭଗବାନ ଗିରି ଜଣେ ଶ୍ରେଷ୍ଠ ଅଭିନେତା ଥିଲେ । ଆଜି ତାଙ୍କର ୮ମ ଶ୍ରାଦ୍ଧବାର୍ଷିକୀ ଅବସରରେ ଉପସ୍ଥିତ ଅତିଥିମାନେ କଳା ଓ କଳାକାର ସବୁଦିନ ଅମର, ଆଜି ବି ଭଗବାନ ଚନ୍ଦ୍ର ଗିରି ଉପାନ୍ତ ଅଂଚଳରେ ଜଣେ ଶ୍ରେଷ୍ଠ କଳାକାର, ମଂଚ ଅଭିନେତା, ନାଟ୍ୟକାର, ନିର୍ଦ୍ଦେଶକ ଭାବେ ବଂଚି ରହିଛନ୍ତି । ଜଳେଶ୍ୱର ଅଂଚଳରେ ତତ୍‌କାଳୀନ ସମୟରେ ଶ୍ରେଷ୍ଠ ବିବେଚିତ ଶ୍ରୀଦୁର୍ଗା ଅପେରାର ମହାଭାରତ ନାଟକରେ ସକୁନିର ଭୂମିକା ସମସ୍ତଙ୍କୁ ଅଭିଭୂତ କରିଥାଏ ବୋଲି ପ୍ରାଧ୍ୟାପକ ତଥା ଦୀନକୃଷ୍ଣ ସ୍ମୃତିପରିଷଦର ପ୍ରତିଷ୍ଠାତା ସଂପାଦକ ବିପିନ ବିହାରୀ ବିଶ୍ୱାଳ କହିଛନ୍ତି । ଅନ୍ୟମାନଙ୍କ ମଧ୍ୟରେ କମଳ ଚକବର୍ତ୍ତୀ, କବି ବସନ୍ତ ଦାସ, ସମାଜସେବୀ ଶରତ ଚନ୍ଦ୍ର ପରିଡା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରୀଲୋଚନ ଦାସଅଧିକାରୀ, ସରପଂଚ ଦୀପାଳୀ ଜେନା, ନରୋତ୍ତମ ପ୍ରଧାନ, ଚନ୍ଦମୋହନ ରାଉଳ, ମନୋରଂଜନ ଦାସ ଓ ଅବନୀ ଚାନ୍ଦ ପ୍ରମୁଖ କଳାର ମୂଲ୍ୟବୋଧ ଓ ତାର ପରମାର୍ଥ ଶକ୍ତି ଉଚ୍ଚୋକୋଟିର ବୋଲି କହିଥିଲେ । ଏଥିରେ କବି କାର୍ତ୍ତିକ ଚନ୍ଦ୍ର ଦାସ ସଭାପତିତ୍ୱ କରିଥିବା ବେଳେ ତାଙ୍କ ୨ୟ ପୁତ୍ର ଦୁର୍ଗାଶଂକର ଗିରି ସୂଚନା, ମଂଚ ଆହ୍ୱାନ କରିଥିଲେ । ଶେଷରେ ନିରଞ୍ଜନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ବିଶିଷ୍ଟ ପାଲାଗାୟକ ଚନ୍ଦ୍ରମୋହନ ରାଉଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ଶୁଭ ଶଙ୍ଖର ନୂତନ ଲୋଗୋ ଉନ୍ମୋଚିତ



ବାରିପଦା,୧୮/୧୨(ଆପ୍ର): ଶୁଭଶଂଖ ସାହିତ୍ୟ ଅନୁଷ୍ଠାନର ନୂତନ ଲୋଗୋକୁ ଡିସେମ୍ବର ୧୮ତାରିଖରେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଉନ୍ମୋଚିତ କରିଛନ୍ତି । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏହି ଲୋଗ ଉନ୍ମୋଚନ ଉତ୍ସବ ଅବସରରେ ଶୁଭଶଂଖର ସଭାପତି ଡଃ ତରୁଣ କୁମାର ଓଝା, ଉପଦେଷ୍ଟା ଡଃ ଶ୍ୟାମସୁନ୍ଦର ଦାସ, ବିଶିଷ୍ଟ ସମାଜସେବୀ ଡଃ ଆଦିତ୍ୟ ପଟ୍ଟନାୟକ ଏବଂ ଅନୁଷ୍ଠାନର ସଂପାଦକ ସଞ୍ଜୟ କୁମାର ଚୌଧୁରୀ ଉପସ୍ଥିତ ଥିଲେ । ସଂପାଦକଙ୍କ ପରିକଳ୍ପନା ମୁତାବକ ଶୁଭଶଂଖର ନୂତନ ଲୋଗୋକୁ ଶିଳ୍ପୀ ସମରେନ୍ଦ୍ର ବେହେରା ସୁନ୍ଦର ଭାବେ ଆଙ୍କିଥିବାରୁ ଏହା ଅନନ୍ୟ ହୋଇଛି ବୋଲି ମତପ୍ରକାଶ ପାଇଛି । ଖୋଦ ଜିଲ୍ଲାପାଳ ମଧ୍ୟ ଏହାର ପ୍ରଶଂସା କରିଛନ୍ତି । ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, ୧୯୯୪ ମସିହାରେ ସ୍ୱର୍ଗତଃ ସନ୍ତୋଷ କୁମାର ଚୌଧୁରୀ ଶୁଭଶଂଖ ସାହିତ୍ୟ ଅନୁଷ୍ଠାନ ଗଢି ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ବାର୍ତ୍ତା ବହ ତଥା ଶୁଭଶଂଖର ମୁଖପତ୍ର ଭାବେ ତ୍ରୟୋମାସିକ ଶଂଖ ସାହିତ୍ୟ ପତ୍ରିକା ପ୍ରକାଶ କରି ଆସୁଥିଲେ । ୧୯୯୪ ମସିହାରୁ ୨୦୦୭ ଯାଏଁ ଏହି ପତ୍ରିକା ଓଡିଶାର କୋଣ ଅନୁକୋଣରେ ପହଞ୍ଚିବା ସହିତ ଓଡିଶା ବାହାରେ ମଧ୍ୟ ବେଶ ସୁନାମ ଅର୍ଜନ କରି ଏକ ସଂଭ୍ରାନ୍ତ ତଥା ରଚିଶୀଳ ସାହିତ୍ୟ ପତ୍ରିକା ଭାବେ ସମସ୍ତଙ୍କ ପ୍ରିୟପାତ୍ର ହୋଇଥିଲା । ତେବେ ପୁଣି ଥରେ ସାରା ଓଡିଶା ତଥା ଓଡିଶା ବାହାରର ଲେଖକ ଲେଖିକାଙ୍କ ସୁନିର୍ବାଚିତ ଲେଖାକୁ ସ୍ଥାନିତ କରି ଏହାର ନବକଳେବର ସଂଖ୍ୟା ଖୁବ୍ ଶୀଘ୍ର ପ୍ରକାଶ ପାଇବାକୁ ଯାଉଥିବା ନେଇ ଶୁଭଶଂଖ ପରିବାର ପକ୍ଷରୁ ସୂଚନା ଦିଆ ଯାଇଛି । ସାହିତ୍ୟ ସଂସ୍କୃତି ତଥା ଜାତୀୟ ସଂହତି ପାଇଁ ଶୁଭଶଂଖ ସାହିତ୍ୟ ଅନୁଷ୍ଠାନ ପୂର୍ବଭଳି ତାର କାର୍ଯ୍ୟକ୍ରମ ଜାରି ରଖିବ ବୋଲି ମଧ୍ୟ କୁହାଯାଇଛି ।

# ଜିଲ୍ଲାସ୍ତରୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୧ ତମ ଜୟନ୍ତୀ ପାଳିତ



ବାରିପଦା, ୧୮/୧୨ (ନି.ପ୍ର): ମୟୂରଭଞ୍ଜର ତତ୍କାଳିନ ପ୍ରଜାନୁରଞ୍ଜକ ମହାରାଜା ତଥା ଉତ୍କଳର ଅନ୍ୟତମ ବରପୁତ୍ର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ୧୫୧ ତମ ଜୟନ୍ତୀ ସମାରୋହ ତା.୧୭.୧୨.୨୦୨୧ ରିଖରେ ଜିଲ୍ଲା ସଦର ମହକୁମା ବାରିପଦାରେ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ଜିଲ୍ଲା ପ୍ରଶାସନ ତତ୍ତ୍ୱାବଧାନରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ଏବଂ ବାରିପଦା ପୌର ପାଳିକା ମିଳିତ ଆନୁକୂଲ୍ୟରେ ପାଳିତ ହୋଇଯାଇଅଛି । ଏହି ଉପଲକ୍ଷେ ସକାଳ ଘ.୮:୩୦ ଘଟିକା ସମୟରେ ମୟୂରଭଞ୍ଜ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସ୍ଥିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତୀ ସ୍ଥଳରେ ଆୟୋଜିତ ମାଲ୍ୟାର୍ପଣ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ,ଭାପ୍ରସେ, ଉପଜିଲ୍ଲାପାଳ ବାରିପଦା ତଥା ନିର୍ବାହୀ ଅଧିକାରୀ ପୌରପାଳିକା, ବାରିପଦା ଅନ୍ୟା ଦାସ ,ଭାପ୍ରସେ, ପୂର୍ବତନ ମନ୍ତ୍ରୀ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ପୂର୍ବତନ ପୌର ପରିଷଦ ଉପାଧକ୍ଷ ଜିତେନ୍ଦ୍ର ମହାନ୍ତି, ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ଦାସ, ପ୍ରତିଶୃତି ପ୍ରତିଷ୍ଠାନର ସଂପାଦକ ଭାଗବତ ପଣ୍ଡା, ଓଡିଆ ଜାଗରଣ ମଂଚର ସଂପାଦକ ତଥା ସମାଜସେବୀ ଶରତ ଚନ୍ଦ୍ର ନାୟକ, କଲ୍ୟାଣୀ ମହିଳା ସମିତିର ସଂପାଦିକା କଳ୍ପନା ଷଡଙ୍ଗୀ, ଅବସର ପ୍ରାପ୍ତ ପ୍ରଶାସନିକ ଅଧିକାରୀ ରମାକାନ୍ତ ମହାନ୍ତି, ଅବସରପ୍ରାପ୍ତ କ୍ରୀଡା ପ୍ରଶିକ୍ଷକ କୁମାର ରଂଜନ ପଣ୍ଡା, ଅବସରପ୍ରାପ୍ତ ଅଧକ୍ଷ ଡ. ଶ୍ୟାମ ସୁନ୍ଦର ଦାସ, ଡ. ସରୋଜ କୁମାର ନାୟକ, ନରେନ୍ଦ୍ର ମହୋନ ସେନାପତି ପ୍ରମୁଖ ସମେତ ସହରର ବହୁ ମାନ୍ୟଗଣ୍ୟ ବୁଦ୍ଧିଜିବୀ ନାଗରିକ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ / ଅନୁଷ୍ଠାନର କର୍ମକର୍ତ୍ତା, ଗଣମାଧ୍ୟମ ପ୍ରତିନିଧି ମାନେ ଯୋଗଦେଇ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେବଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଶ୍ରୀ ରବୀନ୍ଦ୍ର କୁମାର ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥି ସହିତ ସନ୍ଧ୍ୟାରେ ଶ୍ରୀରାମଚନ୍ଦ୍ର ପାଠାଗାର (ଜୁବୁଲୀ ଲାଇବ୍ରେରୀ) ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜୟନ୍ତୀ ସମାରୋହରେ ବହୁ ବୁଦ୍ଧିଜିବୀ ବରିଷ୍ଠ ନାଗରିକ / ଶିକ୍ଷାବିତ୍ ଯୋଗଦେଇ ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ କର୍ମମୟ ଜୀବନ ଦର୍ଶନ ସଂପର୍କରେ ସ୍ମୃତିଚାରଣ କରିଥିଲେ। ଏହି ଶୁଭ ଦିବସ ପ୍ରତ୍ୟୁଷ୍ୟରେ ଜିଲ୍ଲା ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ଡାକବାଜୀ ଯନ୍ତ୍ର ଜରିଆରେ ସହରରେ ବନ୍ଦେ ଉତ୍କଳ ଜନନୀ ବନ୍ଦନା ପରିବେଷଣ କରାଯାଇଥିଲା।

# ବିପର୍ଯ୍ୟୟ ମୁକାବିଲା ଓ ପରିଚାଳନା ସଂପର୍କିତ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ଭୁବନେଶ୍ୱର ଚନ୍ଦ୍ରଶେଖରପୁରସ୍ଥିତ ମଧୁସୂଦନ ଦାସ ଆଂଚଳିକ ବିତୀୟ ପରିଚାଳନା ପ୍ରତିଷ୍ଠାନଠାରେ ଡିସେମ୍ବର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଦ୍ୱାରା ମହାରାଷ୍ଟ୍ର ରାଜ୍ୟର ରାୟଗଡ଼ ଜିଲ୍ଲାର ୫୦ ଜଣ କ୍ଷେତ୍ରୀୟ ଅଧିକାରୀଙ୍କ ନିମନ୍ତେ ଏକ ତିନିଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରକୁ ମଧୁସୂଦନ ଦାସ ଆଂଚଳିକ ବିତୀୟ ପରିଚାଳନା ପ୍ରତିଷ୍ଠାନ ତଥା ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷ ମିଳିତ ଭାବେ ପରିଚାଳନା କରିଥିଲେ । ଆମ ରାଜ୍ୟ ପ୍ରତିବର୍ଷ ବନ୍ୟା ଓ ବାତ୍ୟାର ସମ୍ମୁଖୀନ ହୋଇ ଆସୁଅଛି । ଆମ ରାଜ୍ୟ ୧୯୯୯ ମସିହାର ଭୟାବହ ମହାବାତ୍ୟାରୁ ଆରମ୍ଭ କରି ସମସ୍ତ ବାତ୍ୟା ଓ ବନ୍ୟାଜନିତ ବିପର୍ଯ୍ୟୟକୁ ସଫଳତାର ସହ ମୁକାବିଲା କରିଆସିଛି । ତେଣୁ ଆମ ରାଜ୍ୟକୁ ଅନୁସରଣ କରି ଅନ୍ୟ ରାଜ୍ୟର ଉଚ୍ଚ ପଦାଧିକାରୀମାନେ ବିପର୍ଯ୍ୟୟ ମୁକାବିଲା କରିବାର ଜ୍ଞାନକୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ନେବା ନିମନ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି । ପୂର୍ବରୁ ୨୦୨୧ ସେପ୍ଟେମ୍ବର ମାସରେ ମଧ୍ୟ ବିଭିନ୍ନ ତଟବର୍ତ୍ତୀ ରାଜ୍ୟର ପ୍ରାୟ ୩୦ ଜଣ ଉଚ୍ଚପଦସ୍ଥ ଅଧିକାରୀଙ୍କ ନିମନ୍ତେ ଏହି ଭଳି ଏକ ପ୍ରଶିକ୍ଷଣ ଶିବିର ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ପ୍ରତିଷ୍ଠାନରେ ସଫଳତାର ସହିତ ଅନୁଷ୍ଠିତ ହୋଇଥିଲା । ପ୍ରଶିକ୍ଷଣ ନେଇଥିବା ଅଧିକାରୀମାନେ କ୍ଷେତ୍ରୀୟ ପ୍ରଶିକ୍ଷଣ ନିମନ୍ତେ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନକୁ ଗସ୍ତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମଧୁସୂଦନ ଦାସ ଆଂଚଳିକ ବିତୀୟ ପରିଚାଳନା ପ୍ରତିଷ୍ଠାନର ନିର୍ଦ୍ଦେଶକ ନିହାର ରଞ୍ଜନ ସ୍ୱାଇଁ, ଡ. ଜ୍ଞାନରଞ୍ଜନ ଦାସ, ନିର୍ଦ୍ଦେଶକ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ, ଡ. କମଳ ଲୋଚନ ମିଶ୍ର, ଜିଲ୍ଲାପାଳ, ନବରଙ୍ଗପୁର, ସୁନୀଲ କୁମାର ସାହୁ, ଡି.ଜି.ଏମ୍, ଓସଡ୍‌ମା ଓ ମେଘନାଦ ବେହେରା, ଏସ୍‌ଏମ୍ ଆଣ୍ଡ ସିଆଇ ଏକ୍ସପର୍ଟ ପ୍ରମୁଖ ଉପସ୍ଥିତ ଥିଲେ।

# ବରୁଣସିଂ ରୂପାବାଲି ଖେଳପଡ଼ିଆ ଉନ୍ନତିକରଣ ପ୍ରକଳ୍ପ ଶିଳାନ୍ୟାସ

ବାଲେଶ୍ୱର,୧୮/୧୨ (ନି.ପ୍ର): ବାଲେଶ୍ୱର ଜିଲା ଗସ୍ତ ଅବସରରେ ରାଜ୍ୟ କ୍ରୀଡ଼ା ଓ ଯୁବ କଲ୍ୟାଣ ବିଭାଗ ମନ୍ତ୍ରୀ ତୁଷାରକାନ୍ତି ବେହେରା ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବା ସହ ବରୁଣସିଂ ପଞ୍ଚାୟତ ରୂପାବାଲି ଖେଳପଡ଼ିଆ ଉନ୍ନତୀକରଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଆୟୋଜିତ କାର୍ଯ୍ୟକ୍ରମରେ ମନ୍ତ୍ରୀ ଶ୍ରୀ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ପ୍ରତି ବରୁଣସିଂ ଅଞ୍ଚଳର ଯୁବଗୋଷ୍ଠୀଙ୍କ ଆଗ୍ରହକୁ ଭୂୟସୀ ପ୍ରଶଂସା କରିଥିଲେ। ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ରାଜ୍ୟର କ୍ରୀଡ଼ା ଭିତ୍ତିଭୂମି ବିକାଶ କରିବା ସାଙ୍ଗକୁ ବିଶ୍ୱ ମାନଚିତ୍ରରେ ଓଡ଼ିଶାକୁ ସ୍ଥାନୀତ କରିବାରେ ସକ୍ଷମ ହୋଇଛନ୍ତି ବୋଲି ସେ କହିଥିଲେ। ଅନୁରୂପ ଭାବେ ଗ୍ରାମାଞ୍ଚଳରୁ ଉଦୀୟମାନ କ୍ରୀଡ଼ାବିତ ସୃଷ୍ଟି ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେଉଥିବା ବେଳେ ବରୁଣସିଂ ଏଥିରୁ କେବେ ବି ବାଦ ଯିବନାହିଁ। ଏହି ପଞ୍ଚାୟତର ରୂପାବାଲି ଖେଳପଡ଼ିଆର ଉନ୍ନତୀକରଣ ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ୪୦ ଲକ୍ଷ ଟଙ୍କାର ଅନୁଦାନ ମଞ୍ଜୁର ହୋଇଥିବା ମନ୍ତ୍ରୀ ଶ୍ରୀ ବେହେରା ସୂଚନା ଦେଇଥିଲେ। ରାଜ୍ୟ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଓଡ଼ିଶାର କ୍ରୀଡ଼ା କ୍ଷେତ୍ରରେ ବିଶେଷ ପରିବର୍ତ୍ତନ ଯୋଗୁଁ ରାଜ୍ୟରୁ ବହୁ ଖେଳାଳି ଜାତୀୟ ସ୍ତରର କ୍ରୀଡ଼ାରେ ସଫଳତା ହାସଲ କରି ପାରିଛନ୍ତି ବୋଲି କହିଥିଲେ। ଏହି ପଡ଼ିଆର ବିକାଶ କେବଳ ବରୁଣସିଂ ନୁହେଁ ବରଂ ରେମୁଣା ଅଞ୍ଚଳର ଆଗାମୀ ଯୁବପିଢ଼ି ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି ମନ୍ତ୍ରୀ ଶ୍ରୀ ପାଣିଗ୍ରାହୀ ମତ ପ୍ରକାଶ କରିଥିଲେ। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିବା ସହିତ ରେମୁଣା ନିର୍ବାଚନମଣ୍ଡଳୀର ବିକାଶ ପାଇଁ ସର୍ବଦା ଧ୍ୟାନ ଦିଆଯାଉଥିବା କହିଥିଲେ। କେବଳ ବରୁଣସିଂ ପଞ୍ଚାୟତ ନୁହେଁ, ଏମିତି ପ୍ରତ୍ୟେକ ପଞ୍ଚାୟତର ଉନ୍ନତି ଓ ଜନମଙ୍ଗଳ ପ୍ରକଳ୍ପ କାର୍ଯ୍ୟକାରିତା ଉପରେ ସରକାର ଗୁରୁତ୍ୱ ଦେଉଥିବା ସେ ପ୍ରକାଶ କରିଥିଲେ। ଜିଲାପାଳ ସୁଦର୍ଶନ ଚକ୍ରବର୍ତ୍ତୀ, ନୀଳଗିରି ରୋଡ଼୍ କ୍ଲବର ସଭାପତି ରାଜେନ୍ଦ୍ର ପ୍ରସାଦ ମହାଳିକ, ଯୁବ ସଂଗଠକ ସିମନ ଦାସ ମହାପାତ୍ର, ପ୍ରମୁଖ ଏଥିରେ ଉପସ୍ଥିତ ଥିଲେ।

# ହାଇକୋର୍ଟ ମୁଖ୍ୟ ନ୍ୟାୟଧୀଶଙ୍କ ଦ୍ୱାରା ନୂତନ ନ୍ୟାୟାଳୟ ପରିସର ଉଦ୍‌ଘାଟିତ




ଭଦ୍ରକ, ୧୮/୧୨ (ନି.ପ୍ର): ନବନିର୍ମିତ ନ୍ୟାୟାଳୟ ପରିସର, ଭଦ୍ରକ ଆଜି ଏକ ଉତ୍ସବ ମୁଖର ପରିବେଶରେ ମୁଖ୍ୟ ଅତିଥିଭାବେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲିଧରଙ୍କ ଦ୍ୱାରା ଆଭାସି ଜରିଆରେ ଉଦ୍‌ଘାଟିତ ହୋଇଯାଇଛି । ତାଙ୍କ ସହିତ ଅନ୍ୟତମ ଅତିଥିଭାବେ ହାଇକୋର୍ଟର ବିଚାରପତି ଡ. ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ବିଚାରପତି ଦେବବ୍ରତ ଦାଶ ଉପସ୍ଥିତ ଥିଲେ । ଭଦ୍ରକ ଜିଲ୍ଲାର ଗେଲପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ନଳାଙ୍ଗଠାରେ ୫ନଂ ଜାତୀୟ ରାଜପଥ ପାର୍ଶ୍ୱରେ ୫ ଏକର ଜାଗା ପରିସରରେ ପ୍ରାୟ ୨୯ କୋଟି ୭୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଏହି ନ୍ୟାୟାଳୟ ପରିସରର ଉଦ୍‌ଘାଟନୀ ସାଜସଜ୍ଜା ଆଜି ଖୁବ୍ ସୁନ୍ଦର ଓ ଆକର୍ଷକ ଥିଲା । ଆଭାସି ମାଧ୍ୟମରେ ହୋଇଥିବା ଏହି ଉଦ୍‌ଘାଟନୀ ଉତ୍ସବରେ ନ୍ୟାୟାଳୟ ପରିସରରେ ଜିଲ୍ଲା ଓ ଦୌରାଜଜ୍ ପ୍ରଦ୍ୟୁମ୍ନ କୁମାର ନାୟକ, ଜିଲ୍ଲାପାଳ ତ୍ରିଲୋଚନ ମାଝୀ, ଏସ୍. ପି. ଚରଣସିଂ ମୀନା , ଭିଜିଲାନ୍ସ ଜଜ୍ ବାଲେଶ୍ୱର ଶିଖାରାଣୀ ରଥ, ଜଜ୍ ପରିବାର ଅଦାଲତ, ପ୍ରଶନ୍ନ କୁମାର ପଣ୍ଡା, ଆଡ୍‌ହକ, ଆଡ଼ିସନାଲ ଡ଼ିଷ୍ଟ୍ରିକ୍ଟ ଏଣ୍ଡ ସେସନ୍ସ ଜଜ୍, ମୀନତି କୁମାରୀ ପଣ୍ଡା, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ଆଶିଷ କୁମାର ତ୍ରିପାଠୀ, ରେଜିଷ୍ଟ୍ରାର ତଥା ଆସିଷ୍ଟାଣ୍ଟ ସେସନ୍‌ସ ଜଜ୍ ଅବକାଶ ଚୌଧୁରୀ, ସେକ୍ରେଟାରୀ ଡ଼ାଲସା ସୁଶ୍ରୀ ସମାପିକା ମହାନ୍ତି, ସିନିୟର ସିଭିଲ ଜଜ୍ ହିମାଂଶୁ ଶେଖର ବିଶ୍ୱାଳ, ଅତିରିକ୍ତ ସିନିଅର ସିଭିଲ ଜଜ୍ ଶର୍ମିଷ୍ଠା ଦାସ, ଏସ୍.ଡ଼ି ଜେ.ଏମ ଅଳକାନନ୍ଦା ମହାନ୍ତି, ସିଭିଲ ଜଜ୍ ଅବିନାଶ ଚିନ୍ନାରା, ଜେ.ଏମ୍.ଏଫ୍.ସି. ନୀଳିମା ଷଡ଼ଙ୍ଗୀ, ସ୍ୱର୍ଣ୍ଣପ୍ରଭା ସ୍ୱାଇଁ, ପ୍ରଜ୍ଞାପରମିତା ମହାନ୍ତି, ରୀତିକା ଜେନା, ପ୍ରୋବେସନ ଅଫିସର ପ୍ରୀତିଷ୍ କୁମାର ସାମଲ ଓ ସୁଶ୍ରୀ କୃଷ୍ଣା ମିଶ୍ର, ଅଧକ୍ଷ ପି.ଏଲ.ଏ. ଆଣ୍ଡ ପି.ୟୁ.ଏସ୍. ଦ୍ୟୁମତ ସେନ ନାୟକ, କୋର୍ଟ ମ୍ୟାନେଜର ମାନସ କୁମାର ରଥ ପ୍ରମୁଖ ଉପସ୍ଥିତ ଥିଲେ । ଆଭାସି ଯୋଗାଯୋଗରେ ଅନୁଷ୍ଠିତ ଏହି ଉତ୍ସବ କାର୍ଯ୍ୟକ୍ରମରେ ଅନ୍ୟ ବିଚାରପତିମାନେ ମଧ ଯୋଗ ଦେଇଥିଲେ । ବୁଦ୍ଧିଜୀବି, ଗଣମାଧମ ପ୍ରତିନିଧି, ବିଭିନ୍ନ ଜିଲ୍ଲାସ୍ତରୀୟ ପ୍ରଶାସନିକ ଅଧିକାରୀ ଗଣ ଏହି ଉତ୍ସବରେ ଯୋଗ ଦେଇଥିଲେ। ପୂର୍ତ୍ତବିଭାଗ ଦ୍ୱାରା ଏହି ନ୍ୟାୟଳୟ ପରିସରର ନିର୍ମାଣ କାର୍ଯ୍ୟ ୨୦୧୫ ମସିହାର ଶେଷ ଭାଗରୁ ଆରମ୍ଭ ହୋଇ ୨୦୨୧ମସିହା ମାର୍ଚ୍ଚମାସ ଶେଷ ସୁଦ୍ଧା ସମାପ୍ତ କରାଯାଇଥିଲା । ଭଦ୍ରକର ସଦର ମହକୁମାରେ କାର୍ଯ୍ୟ କରୁଥିବା ଜିଲ୍ଲା ଏବଂ ଅଧସ୍ତନ ସମସ୍ତ କୋର୍ଟ ଆସନ୍ତା ତା.୨୦.୧୨.୨୦୨୧ ରିଖରୁ ନବ ନିର୍ମିତ ଏହି ନ୍ୟାୟାଳୟ ପରିସରରେ କାର୍ଯ୍ୟକରିବ ବୋଲି ସୂଚନା ପ୍ରଦାନ କରାଯାଇଛି ।

## ଫେବୃୟାରୀ ୫କୁ ଘୁଂଚିଲା ମହାନଦୀ ଜଳ ବିବାଦ ଶୁଣାଣି

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ପୁଣି ଘୁଂଚିଲା ମହାନଦୀ ଜଳ ବିବାଦ ଶୁଣାଣି । ଏହି ମାମଲାର ପରବର୍ତ୍ତୀ ଶୁଣାଣି ଫେବୃୟାରୀ ୫ ତାରିଖରେ ହେବ। ବିଚାରପତି ଏ.ଏମ ଖାନଓ୍ୱିଲକରଙ୍କ ଅଧକ୍ଷତାରେ ଗଠିତ ତିନିଜଣିଆ ଖଣ୍ଡପୀଠରେ ଶନିବାର ମହାନଦୀ ବିବାଦ ମାମଲା ଶୁଣାଣି ହୋଇଛି। ଓଡ଼ିଶା ଛତିଶଗଡ଼କୁ ଟ୍ରିବୁନାଲର ନିର୍ଦ୍ଦେଶ ଦେଇଛନ୍ତି ଯେ, ଦୁଇ ପକ୍ଷ ଦେଇଥିବା ଇସ୍ୟୁ ଗୁଡ଼ିକର ଦସ୍ତାବିଜ ମଧ୍ୟରୁ କେଉଁଟି ଗ୍ରହଣ କରୁଛନ୍ତି ଏବଂ କେଉଁ ଗୁଡ଼ିକୁ ଗ୍ରହଣ କରୁନାହାଁନ୍ତି ସେ ଦସ୍ତାବିଜର ଫାଇନାଲ କପି ଟ୍ରିବ୍ୟୁନାଲ ନିକଟରେ ଦାଖଲ କରିବାକୁ କୁହାଯାଇଛି। ଏହାସହ ମାମଲାରେ ଥିବା ସାକ୍ଷୀ ମାନଙ୍କର ତାଲିକା ଦାଖଲ କରିବାକୁ କୁହାଯାଇଛି।

# ରାଜପଥରେ ଜଳିଗଲା କୋଇଲା ବୋଝେଇ ଟ୍ରକ



ବସ୍ତା, ୧୮/୧୨ (ନି.ପ୍ର): ଷାଠିଏ ନମ୍ବର ଜାତୀୟ ରାଜପଥର ବସ୍ତାଥାନା ଅଧିନ ହଳଦୀପଦା ନିକଟରେ ଏକ କୋଇଲା ବୋଝେଇ କରି( ଡବ୍ଲୁ ବି ୨୩୯୫୫୬) ନମ୍ବର ଟ୍ରକ ଟି ବାଲେଶ୍ୱର ରୁ ପଶ୍ଚିମବଙ୍ଗ ଅଭିମୂଖେ ଯାଉଥିବା ବେଳେ ଟ୍ରକର ଚକା ବାଷ୍ଟ ହେବା ଫଳରେ ଟ୍ରକରେ ଅଗ୍ନୀ ସଂଜୋଗ ହୋଇ ଥିଲା । ଡ୍ରାଇଭର ଓ ହେଲପର ଡାଡିରୁ ଉହ୍ଲାଇ ଫେରାର ହୋଇଯାଇଥିଲେ । ଖବରପାଇ ପୁଲିସ ଓ ଦମକଳ ବାହୀନି ଘଟଣାସ୍ଥଳରେ ପହଞ୍ଚି ଥିଲେ । ହେଲେ ପାଣି ପକାଇ ଟ୍ରକ ଟିକୁ ଉଦ୍ଧାର କରିଥିଲେ ହେଁ ଗାଡିଟି ସମ୍ପୂର୍ଣ୍ଣଜଳିଯାଇଥିଲା । କିଛି ସମୟ ପାଇଁ ରାଜପଥରେ ବିଭିନ୍ନ ଗାଡି ଅଟକି ରହିଥିଲା । ଅଗ୍ନୀଶ୍ରମ ବାହିନୀ ନିଆଁକୁ ଆୟତ କରିବାପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା । ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି ।

# ଯୁବକ/ଯୁବତୀମାନଙ୍କ ପାଇଁ ନିଯୁକ୍ତି ମେଳା

ବାରିପଦା, ୧୮/୧୨ (ନି.ପ୍ର): ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ ଓ ଜିଲ୍ଲା ପ୍ରଶାସନ ମୟୂରଭଞ୍ଜ ମିଳିତ ସହ ଯୋଗରେ ଜିଲ୍ଲାରେ ଆସନ୍ତା ତା.୨୭.୧୨.୨୦୨୧ ରିଖରେ କରଞ୍ଜିଆ ସରକାରୀ ଉଚ୍ଚ ବିଦ୍ୟାଳୟ ସ୍ଥିତ ଖେଳ ପଡିଆ ଓ ତା.୨୮.୧୨.୨୦୨୧ରିଖରେ ରାଇରଙ୍ଗପୁର ସ୍ଥିତ ବ୍ଲକ ପଡିଆଠାରେ ସକାଳ ୧୦ଘଟିକାରୁ ଅପରାହ୍ନ ୩ଘଟିକା ପର୍ଯ୍ୟନ୍ତ ଏକ ୨ଦିନ ନିଯୁକ୍ତି ମେଳା ଅନୁଷ୍ଠିତ ହେବ । ଏହି ନିଯୁକ୍ତି ମେଳାରେ ଜିଲ୍ଲାର ସମସ୍ତ ବ୍ଲକ ଓ ସହରାଂଚଳର ନିଯୁକ୍ତି ଅନ୍ୱେଷଣରେ ଥିବା ଯୁବକ/ ଯୁବତୀ ମାନେ ଅଂଶ ଗ୍ରହଣ କରି ପାରିବେ । ଏଥି ପାଇଁ ୫ମ ଶ୍ରେଣୀ ପାସ କିମ୍ବା ତଦୁର୍ଦ୍ଧ, ମହାବିଦ୍ୟାଳୟ(+୨, +୩) ଏବଂ ଆଇ.ଟି.ଆଇ., ଡିପ୍ଲୋମା ପାସ ଶିକ୍ଷାଗତ ଯୋଗ୍ୟତା ଥିବା ଏବଂ ଅଧାରୁ ପାଠ ଛାଡି ଥିବା ୧୮ ରୁ ୩୫ ବର୍ଷୀୟ ଯୁବକ /ଯୁବତୀ ମାନେ ବେସରକାରୀ ସଂସ୍ଥା ମାଧ୍ୟମରେ ନିଯୁକ୍ତି ଓ ପ୍ରଶିକ୍ଷଣ ନିମନ୍ତେ ଅଂଶଗ୍ରହଣ କରିପାରିବେ । ଇଚ୍ଛୁକ ଯୁବକ / ଯୁବତୀ ମାନେ ସେମାନଙ୍କର ଶିକ୍ଷାଗତ ଯୋଗ୍ୟତା ପ୍ରମାଣ ପତ୍ର ଓ ତାହାର ନକଲ ଏବଂ ପାସପୋର୍ଟ ଫଟୋ, ଆଧାର ପରିଚୟ ପତ୍ର ସହ ମେଳାରେ ଯୋଗ ଦେଇ ପାରିବେ । ଉକ୍ତ ମେଳାରେ ଜିଲ୍ଲା, ରାଜ୍ୟ ଓ ରାଜ୍ୟ ବାହାରୁ ନିଯୁକ୍ତିଦାତା ଓ ଦକ୍ଷତା ବୃଦ୍ଧି ତାଲିମ ଦାତାମାନେ ଯୋଗ ଦେଇ ପ୍ରାର୍ଥୀ ଚୟନ କରିବେ । ଉକ୍ତ ମେଳାରେ ବହୁ ସଂଖ୍ୟାରେ ଯୋଗଦାନ କରି ଏହାର ସୁଯୋଗ ନେବା ପାଇଁ ଜିଲ୍ଲା ନିୟୋଜନ ଅଧିକାରୀ ମୟୂରଭଞ୍ଜ ଜଣାଇଛନ୍ତି ।

# ଅନିଶ୍ଚିତତା ଭିତରେ ଚଉଷଠି ଯୋଗିନୀ ମହୋତ୍ସବ

ଖୋର୍ଦ୍ଧା/ବାଳକାଟି,୧୮/୧୨ (ନି.ପ୍ର): ଭୁବନେଶ୍ୱର ନିକଟବର୍ତ୍ତୀ ହୀରାପୁର ଗ୍ରାମରେ ଅବସ୍ଥିତ ଯୋଗିନୀ ପୀଠରେ ଦୀର୍ଘ ୧୫ ବର୍ଷ ଧରି ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ନୃତ୍ୟପ୍ରତିଭା ଆନୁକୂଲ୍ୟରେ ସାହିତ୍ୟ, କଳା, ନୃତ୍ୟସଂଗୀତର ମହା ମିଳନ ଯୋଗିନୀ ମହୋତ୍ସବ ଅନୁଷ୍ଠିତ ହୋଇ ଆସୁଥିଲା । ଏଥିରେ ନୃତ୍ୟ, ନାଟକ, ସଂଗୀତ, ସାହିତ୍ୟ କ୍ଷେତ୍ରରେ ପ୍ରସିଦ୍ଧି ଲାଭ କରିଥିବା ମହାନ୍ ବ୍ୟକ୍ତିତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରାଯାଉଥିଲା । ଏହି ମହୋତ୍ସବ ପ୍ରତିବର୍ଷ ଡିସେମ୍ବର ମାସ ୨୩, ୨୪, ୨୫ ତାରିଖରେ ଅନୁଷ୍ଠିତ ହୋଇ ଆନ୍ତର୍ଜାତୀୟ ମାନ୍ୟତା ଲାଭ କରିଥିଲା । ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ଓ ନୃତ୍ୟ ପ୍ରତିଭାର ମିଳିତ ସହଯୋଗରେ ଆୟୋଜିତ ଏହି ମହୋତ୍ସବ କେତେକ ନ୍ୟସ୍ତ ସ୍ୱାର୍ଥଗୋଷ୍ଠୀଙ୍କ ରାଜନୈତିକ ହଇଚମଟ ଭିତରେ ପ୍ରାୟତଃ ବନ୍ଦ ହୋଇଯାଇଛି । ଗତବର୍ଷ କରୋନା ଆଳରେ ଏହି ମହୋତ୍ସବକୁ ବନ୍ଦ କରି ଦିଆଯାଇଥିଲାବେଳେ ଚଳିତ ବର୍ଷ ମଧ୍ୟ ଅନିଶ୍ଚିତତା ଦେଖାଯାଇଛି । ଖୋଦ୍ ଜୟଦେବ ବିଧାୟକ ଆର୍ଥିକ ଅନିୟମିତତା ଅଭିଯୋଗ ଆଣି ଏହି ମହୋତ୍ସବକୁ ଅନ୍ୟ ଏକ ଅନୁଷ୍ଠାନ ପରିଚାଳନା କରିବା ପାଇଁ ସୁପାରିଶ ପତ୍ର ପଠାଇଥିଲେ । ମାତ୍ର ତାହା ସସମ୍ଭବ ହେଲାନାହିଁ । ଏହି ମହୋତ୍ସବ ବନ୍ଦ ହୋଇଯାଇଥିବାରୁ ସସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦଇଛି ।

# ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଦକ୍ଷତା ବିକାଶ ତାଲିମ କାର୍ଯ୍ୟକ୍ରମ




ଖୋର୍ଦ୍ଧା, ୧୮/୧୨ (ନି.ପ୍ର): ମୁଖ୍ୟମନ୍ତ୍ରୀ କର୍ମ ତତ୍ପର ଅଭିଯାନ (ମୁକ୍ତା) ଯୋଜନା ମାଧ୍ୟମରେ ରାଜ୍ୟ ସରକାରଙ୍କ ତରଫରୁ ଖୋର୍ଦ୍ଧା ପୌରପରିଷଦକୁ ୭ଟି ମିନିପାର୍କ, ୬ଟି ମୁକ୍ତାକାଶ ଜମି, ବିଭିନ୍ନ ୫ଟି ପାର୍କରେ ପିଲାଙ୍କ ଖେଳଣା, ୪ଟି ଖେଳପଡ଼ିଆର ଉନ୍ନତି, ୬ଟି ପରିସ୍ରାଗାର, ୪ଟି ସ୍ଥାନରେ ଭେଣ୍ଡିଂ ଜୋନ୍, ୧ଟି ପେଭର ପାଦଚଲା ଓ ୨୧ଟି ମିଶନ ଶକ୍ତି ଗୃହନିର୍ମାଣ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା କରାଯିବାକୁ ଟ.୩୭୬୧୫ ଲକ୍ଷ ଅନୁମୋଦନ ହୋଇଛି । ଏହି ପରିପ୍ରେକ୍ଷୀରେ ନବିକରଣ ହୋଇଥିବା ଜୟୀ ରାଜଗୁରୁ ଟାଉନ ହଲ ଠାରେ ମାନ୍ୟବର ବିଧାୟକ, ଖୋର୍ଦ୍ଧା ଶ୍ରୀଯୁକ୍ତ ଜ୍ୟୋତିରିନ୍ଦ୍ର ନାଥ ମିତ୍ର, ଜିଲ୍ଲାପାଳ ତଥା ପୌରପ୍ରଶାସକ, ଖୋର୍ଦ୍ଧା ପ୍ରକଳ୍ପ ନିର୍ଦ୍ଦେଶକ ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ଖୋର୍ଦ୍ଧା ଓଓ ଉପଜିଲ୍ଲାପାଳ ତଥା ନିର୍ବାହୀ ଅଧିକାରୀଙ୍କ ଉପସ୍ଥିତିରେ ୪୮ଟି ମହିଳା ସସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇ ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସାରିବାକୁ ପରାମର୍ଶ ଦିଆଯାଇଛି । ଏଥିରେ ପୌର ପରିଷଦର ସମସ୍ତ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାଲାଗି ଅଣ୍ଟା ଭିଡିଲେ ଜଳେଶ୍ୱର ବାସୀ

ଜଳେଶ୍ୱର, ୧୮/୧୨(ନିପ୍ର): ବହୁବର୍ଷ ଧରି ଜଳେଶ୍ୱରରେ ଏକ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଲାଗି ଦାବି ହୋଇ ଆସୁଥିବା ବେଳେ ଆଜି ଅଶୋକ କୁମାର ଜେନାଙ୍କ ଆବାହକତ୍ୱରେ ୬ଷ୍ଠ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଦିଲ୍ଲିପ କୁମାର ଗିରି ଅଧ୍ୟକ୍ଷକା କରିଥିଲେ । ଏଥିରେ ପୂର୍ବତନ ପୌରପାଳ ପ୍ରବୀର ପ୍ରଧାନ, ସମୀର ପାତ୍ର, ସାଂସଦ ପ୍ରତିନିଧି ଶାନ୍ତନୁ ପଟ୍ଟନାୟକ, ଇଂ ରାମଚନ୍ଦ୍ର ସାହୁ, ବିଜେପି ନେତା ଅରୁଣ ବେଜ, ଅବସରପ୍ରାପ୍ତ କଲେଜ ଅଧ୍ୟକ୍ଷ ରମାକାନ୍ତ ଭଂଜ, ସାମାଜିକ କର୍ମୀ କୃଷ୍ଣ କୁମାର କର, କଲ୍ପିତା କର, ଆଶିଷ ସିଂ ପ୍ରମୁଖ ଯୋଗ ଦେଇ ଭବିଷ୍ୟତ କାର୍ଯ୍ୟପନ୍ଥା ସଂପର୍କରେ ନିତିନିର୍ଦ୍ଧାରଣ କରିଥିଲେ । ନିକଟରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ବିଭାଗୀୟ ଅନ୍ୟତମ ମୁଖ୍ୟ ଅମିତ୍ ଖାରେ, କେନ୍ଦ୍ର ସରକାରଙ୍କ ଶିକ୍ଷା ନିର୍ଦ୍ଦେଶକ, ସାଂସଦ, ବିଧାୟକ ଓ ଜିଲାପାଳଙ୍କ ସହିତ ପୂର୍ବତନ ସାଂସଦ ଇଂ ରବିନ୍ଦ୍ର ଜେନା, ଶ୍ରୀକାନ୍ତ ଚରଣ ଜେନା ଓ ଖାରବେଳ ସ୍ୱାଇଁଙ୍କୁ ସାକ୍ଷାତ କରି ଏ ସମ୍ପର୍କରେ ବିଧିବଦ୍ଧ ଲିଖିତ ଆବେଦନ କରିଛନ୍ତି। ଜିଲାପାଳଙ୍କ ସ୍ୱିକୃତୀ ଲାଗି କମିଟି ସାକ୍ଷାତ ଆଲୋଚନା କରିବ ବୋଲି ସିଦ୍ଧାନ୍ତ ହୋଇଛି । କେନ୍ଦ୍ରୀୟ ବିଦ୍ୟାଳୟକୁ ଜଳେଶ୍ୱରବାସୀ ଦଳମତ ନିର୍ବିଶେଷରେ ସମସ୍ତେ ସମର୍ଥନ କରୁଥିବା କୁହାଯାଇଛି । ପ୍ରକାଶଯୋଗ୍ୟ ଜଳେଶ୍ୱର ସହରରେ ୫୦୦ କେନ୍ଦ୍ରସରକାରଙ୍କ କର୍ମଚାରୀ ଅବସ୍ଥାନ କରୁଥିବା ବେଳେ ଅନ୍ୟୁନ ୪୦୦୦ ରାଜ୍ୟସରକାରଙ୍କ କର୍ମଚାରୀ କାର୍ଯ୍ୟ କରୁଥିବାରୁ ଏପରି ବିଦ୍ୟାଳୟର ଆବଶ୍ୟକତା ସଂପର୍କରେ ଆଲୋଚନା ହୋଇଛି ।

## ରାଜ୍ୟରେ କରୋନାରେ ଆଉ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର, ୧୮/୧୨ (ନି.ପ୍ର): ରାଜ୍ୟରେ କରୋନାରେ ଆଉ ୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୮୪୪୨ ହୋଇ ଯାଇଛି । ବିଭାଗ ଦ୍ୱାରା ଦିଆ ଯାଇଥିବା ସୂଚନା ଅନୁସାରେ ମୟୁରଭଂଜ ଜିଲ୍ଲାରେ ୧ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# ୨୫ରୁ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ 'ସ୍ନୋ ଫେଷ୍ଟ-୨୦୨୧'

ବାଲେଶ୍ୱର,୧୮/୧୨ (ନି.ପ୍ର): ଆସନ୍ତା ୨୫ ତାରିଖରୁ ସ୍ଥାନୀୟ ଗାନ୍ଧୀସ୍ମୃତି ଭବନରେ ଆରମ୍ଭ ହେବାକୁ ଯାଉଥିବା ତିନିଦିନିଆ ରାଜ୍ୟସ୍ତରୀୟ ଯୁବ ମହୋତ୍ସବ 'ସ୍ନୋ ଫେଷ୍ଟ' ସିଜିନ-୪ର ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଏନେଇ ଆୟୋଜିତ ହେବାକୁ ଥିବା ବିଭିନ୍ନ ପ୍ରତିଯୋଗିତା ପାଇଁ ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ପଞ୍ଜୀକରଣ ଆରମ୍ଭ ହେବା ସମ୍ପର୍କରେ ଯୁବ ମହୋତ୍ସବ କମିଟିର କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି । ଶନିବାର ଅପରାହ୍ଣରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କମିଟିର ସଭାପତି ଶୁଭମ ସାଇ ମହାପାତ୍ର ଓ ସାଧାରଣ ସମ୍ପାଦକ ବ୍ୟାସଦେବ ରଣା ପ୍ରମୁଖ ଉପସ୍ଥିତ ରହି ତିନିଦିନିଆ ଉତ୍ସବର ରୂପରେଖ ସମ୍ପର୍କରେ ପ୍ରକାଶ କରିଛନ୍ତି। ପ୍ରତିବର୍ଷ ଭଳି କମିଟିର ଚେୟାରପର୍ସନ ସମାଜସେବୀ ସୁବାସିନୀ ଜେନାଙ୍କ ଦିଗଦର୍ଶନରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହେଉଥିବା ସେମାନେ କହିଛନ୍ତି। ଯୁବ ଓ ଶିଶୁ ପ୍ରତିଭା ଚୟନକୁ ଏଥିରେ ଗୁରୁତ୍ୱ ଦିଆଯାଉଥିବା ବେଳେ ସବ-ଜୁନିୟର, ଜୁନିୟର ଓ ସିନିୟର ପ୍ରଭୃତି ୩ ବର୍ଗଙ୍କୁ ନେଇ ଚିତ୍ରକଳା, କୌତୁକିଆ ପୋଷାକ, ମର୍ଡ଼ର୍ଣ ଡ୍ୟାନ୍ସ, ର୍ୟାମ୍ପ ସୋ, ଶାସ୍ତ୍ରୀୟ ନୃତ୍ୟ, ମନୋ ଏକ୍ସନ, କୁଇଜ, ଡିବେଟ ଓ ସଙ୍ଗୀତ, ଗ୍ରୁପ ଡ୍ରାନ୍ସ, ର୍ୟାମ୍ପ ୱାକ, ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା ପ୍ରଭୃତି ଅନୁଷ୍ଠିତ ହେବ। ପ୍ରତିସଂଧ୍ୟାରେ ପୁରସ୍କାର ବିତରଣ ସାଙ୍ଗକୁ ବିଭିନ୍ନ ପ୍ରକାରର ମନୋରଞ୍ଜନ ଭିତ୍ତିକ କାର୍ଯ୍ୟକ୍ରମ ଆୟୋଜିତ ହେବ। ଏ ବର୍ଷର ବିଶେଷ ଆକର୍ଷଣ ଭାବେ କଣ୍ଠଶିଳ୍ପୀ ଅସୀମା ପଣ୍ଡା ଓ ୟୁଟୁବରେ ଲକ୍ଷ ଲକ୍ଷ ଲୋକଙ୍କ ପସନ୍ଦର ପାତ୍ର ହୋଇଥିବା ଗୋବିନ୍ଦ କ୍ରିଷ୍ଣା ଦାସ ଏଥିରେ ଯୋଗଦାନ କରିବାର କାର୍ଯ୍ୟକ୍ରମ ରହିଛି। ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ବିଭିନ୍ନ ଜିଲାର ଯୁବ ଗୋଷ୍ଠୀଙ୍କ ପାଇଁ ବିଶେଷତା ରଖିଆସିଥିବା ଏହି ଯୁବ ମହୋତ୍ସବକୁ ସର୍ବାଙ୍ଗ ସୁନ୍ଦର କରିବା ପାଇଁ ସମସ୍ତ ପ୍ରକାର ପ୍ରଚେଷ୍ଟା ଚାଲିଛି। ଏହାର ସଫଳତା ପାଇଁ ଉତ୍ସବ କମିଟି ପକ୍ଷରୁ କର୍ମକର୍ତ୍ତାମାନେ ସମସ୍ତଙ୍କ ସହଯୋଗ କାମନା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କମିଟିର ଉପ-ସଭାପତି ଶୁଭମ ଦାସ, ଗୋରାଚାନ୍ଦ ଦାସଅଧିକାରୀ, ବରିଷ୍ଠ ଉପଦେଷ୍ଟା ସଂଚିତା ପୋଦାରଙ୍କ ସମେତ ତୋଫାନ ମହାନ୍ତି, ବିଶ୍ୱଜିତ ନାୟକ, ଅନୁରାଗ ଦାସ ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜୟନ୍ତୀ ପାଳିତ

ବାରିପଦା, ୧୮/୧୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅଗ୍ରଣୀ ସଂଗଠନ ଓଡିଆ ଜାଗରଣ ମଞ୍ଚ, ବଳାଙ୍ଗୀ ମହୋତ୍ସବ କମିଟି ଓ ମୟୂରଭଞ୍ଜ ଲଭର୍ସ ଦ୍ୱାରା ବାରିପଦା ଠାରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଜନ୍ମଜୟନ୍ତୀ ପାଳିତ ହୋଇଯାଇଛି । ସଂଗଠନର ସଦସ୍ୟ ଗଣ ସକାଳ ୭ ଘଟିକା ସମୟରେ ମହାରାଜାଙ୍କ ମଧୁବନ ରାଣୀବାଗ ସ୍ଥିତ ଐତିହାସିକ ସମାଧି ପୀଠରେ ମାଲ୍ୟାର୍ପଣ କରିବା ସହ ପ୍ରାତଃ ସ୍ମରଣୀୟ ମହାରାଜାଙ୍କ ଅନନ୍ୟ କୃତି ସମ୍ପର୍କରେ ଆଲୋଚନା କରିଥିଲେ । ଓଡିଆ ଜାଗରଣ ମଞ୍ଚର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ଓଡିଶାର ନବନିର୍ମାଣ ଓ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନରେ ମହାରାଜାଙ୍କ ଅବର୍ଣ୍ଣନୀୟ ଭୂମିକା ସମ୍ପର୍କରେ ବିଶଦ ବର୍ଣ୍ଣନା କରିଥିଲେ । ବରିଷ୍ଠ ସଦସ୍ୟ ବିଶିଷ୍ଟ ଶିକ୍ଷାବିତ ନରେନ୍ଦ୍ର ସେନାପତି ମହାରାଜାଙ୍କ ଆଦର୍ଶ ଦ୍ୱାରା ଯୁବ ପିଢି ପ୍ରେରିତ ହେବା ଉଚିତ ବୋଲି ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଉଦୟ କୁମାର ଜେନା, ଗୋଲକ ଚନ୍ଦ୍ର ମହାନ୍ତି, ସୁକାନ୍ତ ଜୀଉ, ପୀତାମ୍ବର ମଲ୍ଲିକ, ଦୀପକ କୁମାର ନାୟକ, ରଞ୍ଜିତ ପଲେଇ, କୁମାରେଶ ନାୟକ, କିଶୋର କୁମାର ମହାନ୍ତି, ଜୟ ପ୍ରକାଶ ସିଂହ, ଦେବାଶିଷ ଜିତ ଓ ସଞ୍ଜୟ ନାଏକ ପ୍ରମୁଖ ଉପସ୍ଥିତ ରହି ମହାରାଜାଙ୍କ ସ୍ମୃତିଚାରଣ କରିଥିଲେ ।

# ଭୀମପୁର ଜନ-ବନ୍ଧୁ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ

## ଚାନ୍ଦିପୁର ବିକାଶ କ୍ଲବ ଚାମ୍ପିୟନ

ବାଲେଶ୍ୱର,୧୮/୧୨ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ଭୀମପୁର ଗ୍ରାମର ବେଳାଭୂମି ଯୁବକ ସଙ୍ଘ ଆନୁକୂଲ୍ୟରେ ଗତ ବୁଧବାରଠାରୁ ଆରମ୍ଭ ହୋଇଥିବା ଜନ-ବନ୍ଧୁ ମେମୋରିଆଲ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଶନିବାର ଉଦଯାପିତ ହୋଇଯାଇଛି। ଏଥିରେ ଅଂଶଗ୍ରହଣ କରିଥିବା ୮ କ୍ରିକେଟ ଦଳଙ୍କ ମଧ୍ୟରୁ ଚାନ୍ଦିପୁର ବିକାଶ କ୍ଲବ ଓ ବହୁଣସିଂ କ୍ରିକେଟ ଦଳ ଫାଇନାଲକୁ ମନୋନୀତ ହୋଇଥିଲେ। ଫାଇନାଲ ମ୍ୟାଚରେ ବରୁଣସିଂ ଦଳ ନିର୍ଦ୍ଧାରିତ ୧୫ ଓଭରରେ ୮ ୱିକେଟ ହରାଇ ୧୧୪ ରନ କରିଥିବା ବେଳେ ଜବାବରେ ଚାନ୍ଦିପୁର ବିକାଶ କ୍ଲବ ୯ ଓଭରରେ ୪ ୱିକେଟ ବିନିମୟରେ ୧୧୫ ରନ ସଂଗ୍ରହ କରି ଚାମ୍ପିୟନ ଘୋଷିତ ହୋଇଥିଲା। ପ୍ରତ୍ୟୁଷ ମହାପାତ୍ର ଓ କ୍ରିଷ୍ଣା ଜୀ ଏଥିରେ ଏମ୍ପାୟାର ଭାବେ ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ ଉଦଯାପନୀ ଉତ୍ସବରେ ପ୍ରତ୍ୟୁଷ କୁମାର ମହାପାତ୍ର, ଶିକ୍ଷାବିତ ପ୍ରାଣବନ୍ଧୁ ଦାସ, ଅନୀଲ କୁମାର ଦାସ ପ୍ରମୁଖ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଉଭୟ ଦଳର ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଅତିଥିମାନେ ଉଭୟ ରନର୍ସ ଅପ ଦଳ ଓ ଚାମ୍ପିୟନ ଦଳଙ୍କୁ ଟ୍ରଫି ଏବଂ ପୁରସ୍କାର ରାଶି ପ୍ରଦାନ କରିଥିଲେ। ତାଜ ଖାନ ମ୍ୟାନ ଅଫ ଦା ମ୍ୟାଚ ଓ ମହମ୍ମଦ ନଜିମ ମଧ୍ୟ ମ୍ୟାନ ଅଫ ଦା ସିରିଜ ଭାବେ ମଧ୍ୟ ଏଥିରେ ପୁରସ୍କୃତ ହୋଇଥିଲେ। ଚୌଧୁରୀ ଜ୍ୟୋତି ପ୍ରକାଶ ଦାସ, ଋତୁରାଜ ଦାସ, ସୌମ୍ୟରଞ୍ଜନ ଦାସ, ମଦନ ମୋହନ ବାରିକ, ସୌମ୍ୟରଞ୍ଜନ ଦାସ(ଖ)ସ୍ମୃତିରଞ୍ଜନ ଦାସ, ରସାନନ୍ଦ ବାଗ, ବିଶ୍ୱନାଥ ସଙ୍କ ସମେତ କ୍ଲବର ସଦସ୍ୟମାନେ ଏହି ଟୁର୍ଣ୍ଣାମେଣ୍ଟକୁ ପରିଚାଳନା କରିଥିଲେ।

## ଜଳେଶ୍ୱରରେ ୩ୟ ଶ୍ରେଣୀ ବୃତ୍ତି ପରୀକ୍ଷା ଅନୁଷ୍ଠିତ

ଜଳେଶ୍ୱର, ୧୮/୧୨(ନିପ୍ର): ବିଳମ୍ବରେ ହେଲେ ମଧ୍ୟ ୨୦୨୦-୨୧ ମସିହାର ପ୍ରାଥମିକ ସ୍ତରରେ ୩ୟ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଜଳେଶ୍ୱର ଶିକ୍ଷାଜିଲାରେ ଆଜି ଅନୁଷ୍ଠିତ ହୋଇ ଯାଇଛି । କୋଭିଡ ନିୟମ ଅନୁଯାୟୀ ମୋଟ ୫ଟି କେନ୍ଦ୍ରରେ ପରିକ୍ଷାର୍ଥମାନେ ପରୀକ୍ଷା ଦେଇଥିବାବେଳେ ଏବିଇଓ ଅଜୟ ଜେନା ପରୀକ୍ଷା ପରିଚାଳନା କରିଥିଲେ । ମୋଟ ୩୩୩ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେବାକୁ ଥିବା ବେଳେ ୩୬ ଜଣ ପରୀକ୍ଷାର୍ଥୀ ଅନୁପସ୍ଥିତ ଥିଲେ । ବିଇଓ ଭଗୀରଥ ଗିରି ଓ ଏବିଇଓ ସୁଶାନ୍ତ ଜେନା ପ୍ରମୁଖ ରାଇବଣିଆ ଅଂଚଳର ପରୀକ୍ଷାକେନ୍ଦ୍ର ପରିଦର୍ଶନ କରିଥିଲେ ।

# ଆନ୍ତଃରାଜ୍ୟ ସଂଯୋଗୀକରଣ ଯୋଜନାରେ ନେତୁଆ-ଆଡିନଗା ରାସ୍ତା

## ୮ କୋଟି ୮ ଲକ୍ଷ ଟଙ୍କାର ଶିଳାନ୍ୟାସ : ଯୋଗଦେଲେ ଦୁଇ ରାଜ୍ୟର ବିଧାୟକ ଓ ନେତୃମଣ୍ଡଳୀ

ଜଳେଶ୍ୱର, ୧୮/୧୨(ନିପ୍ର): ଓଡିଶାର ବାଲେଶ୍ୱର ଜିଲା ଅନ୍ତର୍ଗତ ଜଳେଶ୍ୱର ସହିତ ପଶ୍ଚିମବଂଗର ୱିମ ମେଦିନୀପୁର ଜିଲା ମୋହନପୁର ସହିତ ଭାଇଚାରା, ଐତିହ୍ୟ ସଂସ୍କୃତି ପରମ୍ପରାର ବିକାଶ ଲାଗି ଆନ୍ତରାଜ୍ୟ ସଂଯୋଗୀକରଣ ଯୋଜନା ପାଣ୍ଠିରୁ ୮କୋଟି ୮ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ମଂଜୁର କରିଛନ୍ତି । ଫଳରେ ଦୁଇ ରାଜ୍ୟର ସହଯୋଗ ଓ ବନ୍ଧୁତ୍ୱ ବଢିବା ସହ ଅର୍ଥନୈତିକ ବିକାଶ ଘଟିବ ବୋଲି ଦୁଇ ଅଂଚଳର ବିଧାୟକ ପ୍ରକାଶ କରିଛନ୍ତି । ଜଳେଶ୍ୱର ନିର୍ବାଚନ ମଣ୍ଡଳିର ନେତୁଆ ପଂଚାୟତ ଅଫିସ୍ ଠାରୁ ଆଡିନଗା-କମାରଶାଳିଆ ଭାୟା ସେକବଂଗାଳ ଦେଇ ଏକ ତିନିକିଲୋମିଟରର ଆନ୍ତରାଜ୍ୟ ସଂଯୋଗୀକରଣର ରାସ୍ତା ନିର୍ମାଣ ହୋଇଛି । ନେତୁଆ ପଂଚାୟତର ସାହାପୁର ଠାରେ ଆୟୋଜିତ ସଭାରେ ବିଶିଷ୍ଟ ଶିକ୍ଷାବିତ୍ ଡ. ବିଜୟ କୁମାର ମହାନ୍ତି ଅଧ୍ୟକ୍ଷତା କରି ଏହି ରାସ୍ତା ଫଳରେ ଦୁଇ ଉପାନ୍ତ ରାଜ୍ୟବାସୀଙ୍କ ଆର୍ଥିକ ସ୍ଥିତି ବୃଦ୍ଧି ପାଇବ ବୋଲି କହିଥିଲେ । କାର୍ଯ୍ୟକ୍ରମର ଶିଳାନ୍ୟାସ କରି ଜଳେଶ୍‌ବର ବିଧାୟକ ଅଶ୍ୱିନୀ କୁମାର ପାତ୍ର ଓଡିଶା ମୁଖ୍ୟମନ୍ତ୍ରୀ ଏହି ଯୋଜନାରେ ସମଗ୍ର ରାଜ୍ୟରେ ୩ଟି ରାସ୍ତାକୁ ମଂଜୁରୀ ଦେଇଥିବା ବେଳେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ୨ଟି ରାସ୍ତା ସ୍ଥାନ ପାଇଛି । ଏହି ରାସ୍ତା ନିର୍ମାଣ ହେବା ଫଳରେ ଭବିଷ୍ୟତରେ ବସ୍ ଚଳାଚଳ ଓ ଗମନା ଗମନର ସୁବିଧା ଯୋଗୁଁ ଜନସାଧାରଣଙ୍କ ସାମାଜିକ ଓ ଅର୍ଥନୈତିକ ସ୍ଥିତି ସୁଧାର ହେବ ବୋଲି କହିଥିଲେ । ଓଡିଶା ଓ ପଶ୍ଚିମବଂଗ ମୁଖ୍ୟମନ୍ତ୍ରୀ ଗ୍ରାମାଂଳର ବିକାଶ ଲାଗି ୭୦-୭୫ ପ୍ରତିଶତ ଅର୍ଥ ଖର୍ଚ୍ଚ କରୁଥିବା ବେଳେ ଅଗାମୀ ଦିନରେ ପଶ୍ଚିମବଂଗ ପରି ଓଡିଶାରେ 'ଖେଲା' ଆରମ୍ଭ ହେବାକୁ ଯାଉଥିବା କହିଥିଲେ । ପଶ୍ଚିମ ମେଦିନୀପୁର ଜିଲାର ଦାନ୍ତୁନ ବିଧାୟକ ବିକ୍ରମ ପ୍ରଧାନ ଓଡିଶାର ବିକାଶ ବିଜୁ ବାବୁ ଓ ନବୀନ ପଟ୍ଟନାୟକଙ୍କ ସମୟରେ ସମ୍ଭବ ହୋଇଥିବା କହିଥିଲେ । ଆଂଚଳିକ ପରିବହନର ବିକାଶ ବିନା ସାମଗ୍ରୀକ ବିକାଶ ଅସମ୍ଭବ ବୋଲି କହି ଆଗାମୀ ଦିନରେ ଏହି ରାସ୍ତାର ପୂର୍ଣ୍ଣାଙ୍ଗୀକରଣ ଓ ନବିକରଣ ଲାଗି ଚେଷ୍ଟିତ ହେବେ ବୋଲି କହିଥିଲେ । ଏହି ସଭାରେ ପଶ୍ଚିମବଂଗର ବିଦ୍ୟାସାଗର କେନ୍ଦ୍ରୀୟ ବ୍ୟାଙ୍କର ଅଧ୍ୟକ୍ଷ ପ୍ରଦୀପ ପାତ୍ର, ଦାନ୍ତୁନ ପଂଚାୟତ ସମିତି ଅଧ୍ୟକ୍ଷ ଝରଣା ଦାସ, ସମାଜସେବୀ ଶରତ ଚନ୍ଦ୍ର ପରିଡା, ନେତୁଆ ସରପଂଚ ମମତା ହୁଇ ଦୁଇରାଜ୍ୟର ଆଂଚଳିକ ଜଳ ନିଷ୍କାସନ, ସଡକ ପଥର ଉନ୍ନତି ଓ ଭାଇଚାରା ବୃଦ୍ଧି ସଂପର୍କରେ କହିଥିଲେ । ମଂଚରେ ପଶ୍ଚିମବଂଗରୁ ଆସିଥିବା ଚନ୍ଦନ ବେରା, ନବକୁମାର ମହାପାତ୍ର, ରାଜୀବ ମହାନ୍ତି, ଭାଗବତ ଦାସ ଓ ନେତୁଆ ପଂଚାତରୁ କରୁଣାକର ପାତ୍ର, ଭୂପତି ମିର୍ଦ୍ଧା, ଅନାଦି ଦାସ ପ୍ରମୁଖ ମଂଚଳରେ ଉପସ୍ଥିତ ଥିଲେ । ଶେଷରେ ସୁକୁମାର ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo